**ସଂକ୍ଷେପରେ**

## ବୃଦ୍ଧଙ୍କ ଅସ୍ୱାଭାବିକ ମୃତ୍ୟୁ

ପାଣିକୋଇଲି, ୧୫।୩(ବିକାଶ ଚନ୍ଦ୍ର ମଲ୍ଲିକ): ପାଣିକୋଇଲି ଥାନା ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ଖାନ୍ଦରାପୁର(ସିଙ୍ଗଡ଼ା)ଗ୍ରାମର ବୃଦ୍ଧ ରବୀନ୍ଦ୍ର ମହାନ୍ତି(୫୭)ଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ରବୀନ୍ଦ୍ରଙ୍କ ପୁଅବୋହୂ ତାଙ୍କୁ ଛାଡି ଅନ୍ୟତ୍ର ରହୁଥିଲେ। ଏକା ରହୁଥିବା ରବୀନ୍ଦ୍ର ଗ୍ରାମରେ କାମ କରି ମାଗିଯାଚି ଚଳୁଥିଲେ। ଠାକୁରଘର ବା କାହା ଘର ବାରଣ୍ଡାରେ ରାତି କାଟୁଥିଲେ। ହଠାତ ଦେହ ଅସୁସ୍ଥ ହେବାରୁ ଗ୍ରାମବାସୀ ତାଙ୍କୁ ଚିକିତ୍ସା କରାଇଥିଲେ। ଶନିବାର ତ୍ରିନାଥ ମନ୍ଦିର ବାରଣ୍ଡାରେ ଶୋଇଥିବାବେଳେ ସେ ପୁଣି ଅସୁସ୍ଥ ହୋଇପଡ଼ିଥିଲେ। ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଯାଜପୁର ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପାଣିକୋଇଲି ପୋଲିସ ଓ ତାଙ୍କ ପରିବାରକୁ ଖବର ଦିଆଯାଇଥିଲା। ତାଙ୍କପୁଅ ଆସି ପହଞ୍ଚିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଗ୍ରାମ ଶ୍ମଶାନରେ ତାଙ୍କ ମୃତଦେହ ଦାହ କରାଯାଇଥିଲା। ପୁଅ ମନୋଜ ମହାନ୍ତି ମୁଖାଗ୍ନି ଦେଇଥିଲେ।

## ଠକେଇ ଅଭିଯୋଗରେ ଜଣେ ଗିରଫ

କେନ୍ଦୁଝର, ୧୫।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୋଲିସ ଆର୍ଥିକ ଲାଭ ଯୋଗାଇବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଅନେକ ଲୋକଙ୍କୁ ଠକୁଥିବା ଜଣେ ବ୍ୟକ୍ତିଙ୍କୁ ରବିବାର ଗିରଫ କରିଛି। ଅଭିଯୁକ୍ତ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ଯୋଗେନ୍ଦ୍ର ସେଠୀ(୫୨)। ସେ ଏବେ ସୁନ୍ଦରଗଡ଼ ଜିଲା ଅନ୍ତର୍ଗତ ରାଉରକେଲାର ପ୍ଲାଣ୍ଟ୍ ସାଇଟ୍ ଥାନା ଅନ୍ତର୍ଗତ ନୟାବଜାରରେ ରହୁଛନ୍ତି। ସୂଚନା ଅନୁଯାୟୀ, କେନ୍ଦୁଝର ପୁରୁଣା ବଜାରର ବିନୋଦ ମହାନ୍ତିଙ୍କୁ ଅଭିଯୁକ୍ତ କିଛି ସୁବିଧା ଯୋଗାଇବାର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ୨, ୫୦,୦୦୦ ଟଙ୍କା ନେଇଥିଲେ। ପରେ ଅଭିଯୁକ୍ତ ପ୍ରତିଶ୍ରୁତି ପୂରଣ କରି ନ ଥିଲେ କି ଟଙ୍କା ଫେରସ୍ତ କରି ନ ଥିଲେ। ଅର୍ଥ ଫେରସ୍ତ ଦାବି କରିବାରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ବିନୋଦଙ୍କ ଅଭିଯୋଗ ଆଧାରରେ ଟାଉନ ପୋଲିସ ଏକ ମାମଲା(ନଂ.୧୫୯/୨୦୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗିରଫଦାରୀ ଏଡ଼ାଇବା ପାଇଁ ଅଭିଯୁକ୍ତ ନିଜ ରହିବା ସ୍ଥାନ ବଦଳାଉଥିଲେ। ବିଶ୍ୱସ୍ତ ସୂଚନା ପାଇ ପୋଲିସ ରାଉରକେଲା ନୟାବଜାର ଅଞ୍ଚଳରେ ଚଢ଼ାଉ କରି ସ୍ଥାନୀୟ ପୋଲିସ ସହାୟତାରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତ ବିଭିନ୍ନ ଲୋକଙ୍କଠାରୁ ପ୍ରାୟ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଠକେଇ କରିଥିବା ପୋଲିସ ଜାଣିବାକୁ ପାଇଛି। ଏ ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ କୌଣସି ଅଭିଯୋଗ ହୋଇ ନ ଥିଲେ ବି ପୋଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଜାରି ରଖିଛି। ପୂର୍ବରୁ ଟାଉନ ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ୪ ଠକେଇ ମାମଲା ପଞ୍ଜୀକୃତ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇ ପ୍ରାଥମିକ ତଦନ୍ତ ଚାଲିଥିବା ଆଇଆଇସି ଶ୍ରୀକାନ୍ତ ସାହୁ କହିଛନ୍ତି।

# ବାଦାମ ଚୋପା, ଜାଳେଣି କାଠ ମୁହାଁ ଲୋକେ

## ବ୍ରହ୍ମବରଦାରେ ଗ୍ୟାସ୍ ସଙ୍କଟ

ବ୍ରହ୍ମବରଦା, ୧୫।୩ (ଯଯାତି କେଶରୀ ବେହେରା):



ମଧ୍ୟପ୍ରାଚ୍ୟରେ ଯୁଦ୍ଧଯୋଗୁ ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଅଞ୍ଚଳରେ ଦେଖିବାକୁ ମିଳିଛି ରନ୍ଧନ ଗ୍ୟାସ ସଙ୍କଟ। ରୋଷେଇ ଘରୁ ଉଭାନ ହେଲାଣି ଗ୍ୟାସ ସିଲିଣ୍ଡର। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯନ୍ତ୍ରଣା ଏବେ ଭାରତର ପ୍ରତି ରୋଷେଇ ଘରେ ଦେଖା ଦେଲାଣି। ଘରୋଇ ଏଲପିଜି ସିଲିଣ୍ଡର ପିଛା ୬୦ ଟଙ୍କା ଓ ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟ ୧୫୦ଟଙ୍କା ବୃଦ୍ଧି ପରଠାରୁ ରନ୍ଧନ ଗ୍ୟାସ୍ ଉପଭୋକ୍ତାଙ୍କ ମନରେ ଛନକା ପଶିଲାଣି। ଫଳରେ ଲୋକେ ଏବେ ଗ୍ୟାସ ସିଲିଣ୍ଡର ଉପରୁ ମୁହଁଫେରାଇ ପୁରୁଣା ଯୁଗର କାଠ ଓ ବାଦାମ ଚୋପା ମୁହାଁ ହେଲେଣି। ଅନ୍ୟପଟେ ଅଧିକ ମୁନାଫା ଆଶାରେ ଏଜେନ୍ସି ଓ ଦୋକାନୀମାନେ ଗ୍ୟାସ ମହଜୁଦ ରଖି କଳାବଜାର ଆରମ୍ଭ କରିଥିବା ବିଭିନ୍ନ ସ୍ଥାନରୁ ଅଭିଯୋଗ ଆସିବାରେ ଲାଗିଛି।

ରନ୍ଧନ ଗ୍ୟାସ ଏଜେନ୍ସିଙ୍କ ଜୁଲମ ଯୋଗୁ ଉପଭୋକ୍ତା ଏବେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ୟାସ ବୁକକରି ପାଇବାକୁ ହେଲେ ୮ରୁ୧୦ଦିନ ଅପେକ୍ଷା କରିବାକୁ ପଡୁଛି। ତାହା ପୁଣି ନିଜ ଘର ପାଖରେ ନ ପାଇ ଅନ୍ୟତ୍ର ଯିବାକୁ ପଡୁଛି। ଅନ୍ୟପଟେ ଏଜେନ୍ସିମାନେ ଅଧିକ ମୁନାଫା ଲୋଭରେ ବ୍ରହ୍ମବରଦା ଅଞ୍ଚଳର କେତେଜଣ ଅସାଧୁ ଗ୍ୟାସ ବ୍ୟବସାୟୀଙ୍କୁ ହାତକରି ରାତିଅଧିଆ ଗାଡ଼ିଗାଡି ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦେଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉପଭୋକ୍ତା ସିଧାସଳଖ ଏଜେନ୍ସିଠାରୁ ଗ୍ୟାସ ନ ପାଇ ଏଣେତେଣେ ବୁଲି ହନ୍ତସନ୍ତ ହେଉଛନ୍ତି, ଯାହାକୁ ନେଇ ଉପଭୋକ୍ତା ମହଲରେ ଅସନ୍ତୋଷ ଦେଖାଦେଇଛି।

କିଛିବର୍ଷ ପୂର୍ବରୁ ବ୍ରହ୍ମବରଦା ଅଞ୍ଚଳରେ ଏଚ୍‌ପି କମ୍ପାନୀର ଏକ ଗ୍ରାମୀଣ ଗ୍ୟାସ ବିତରକ କେନ୍ଦ୍ର ଖୋଲିଥିଲା। କୌଣସି କାରଣରୁ ତାହା ବନ୍ଦ ହୋଇଯାଇଥିଲା। ପରେ ଗ୍ରାହକଙ୍କ ଅଭିଯୋଗ କ୍ରମେ କମ୍ପାନୀ ଧର୍ମଶାଳା ବ୍ଲକ ଅଧୀନ ଥାନୁଆଳ ପଞ୍ଚାୟତରେ ଅବସ୍ଥିତ ଖୁସି ଗ୍ୟାସ୍ ଏଜେନ୍ସିକୁ ବ୍ରହ୍ମବରଦା ଅଞ୍ଚଳରେ ଥିବା ୭ ହଜାରରୁ ଉର୍ଦ୍ଧ୍ୱ ଗ୍ରାହକଙ୍କୁ ଗ୍ୟାସ ବିତରଣ କରିବାକୁ ଦାୟିତ୍ୱ ଦେଇଥିଲା। ଉକ୍ତ ଏଜେନ୍ସି ବ୍ରହ୍ମବରଦା ଅଞ୍ଚଳର ଘରେଘରେ କିଛିଦିନ ଗ୍ୟାସ ବିତରଣ କରିବା ପରେ ତାହା ବନ୍ଦ କରିଦେଇଥିଲା। ଉକ୍ତ ଏଜେନ୍ସି ଗ୍ରାହକ ବୁକ କରିଥିବା ଗ୍ୟାସକୁ ତାଙ୍କ ଘର ନିକଟରେ ପହଞ୍ଚାଇବା ପରିବର୍ତ୍ତେ ଅନ୍ୟତ୍ର ବିତରଣ କରୁଛି। ସମ୍ପୃକ୍ତ ଏଜେନ୍ସି ଗ୍ରାହକଙ୍କ ଚାହିଦା ମୁତାବକ ଗ୍ୟାସ୍ ଯୋଗାଇବାରେ ଅସମର୍ଥ ହେଉଥିବାହେତୁ ସେମାନେ ବାଧ୍ୟହୋଇ ଗ୍ରାମରେ ଥିବା ଅସାଧୁ ଗ୍ୟାସ ବ୍ୟବସାୟୀଙ୍କ ପାଖରୁ ୩୦୦ରୁ ୪୦୦ ଟଙ୍କା ଚଢ଼ା ଦରରେ ଗ୍ୟାସ କିଣୁଛନ୍ତି।

ବର୍ତ୍ତମାନ ଗ୍ୟାସ ସିଲିଣ୍ଡର ଦର ୯୪୬ ଟଙ୍କା ଥିବା ବେଳେ ଦୋକାନଗୁଡ଼ିକରେ ତାହା ୧୩୦୦ରୁ୧୪୦୦ ଟଙ୍କାରେ ବିକ୍ରି କରାଯାଉଥିବା ଉପଭୋକ୍ତା ଅଭିଯୋଗ କରିଛନ୍ତି। ଗ୍ୟାସ ଯୋଗାଣ ଦାୟିତ୍ୱରେ ଥିବା ଏଜେନ୍ସି ବ୍ରହ୍ମବରଦା ଅଞ୍ଚଳର ଅସାଧୁ ଦୋକାନଗୁଡ଼ିକରେ ଶତାଧିକ ଗ୍ୟାସ ସିଲିଣ୍ଡର ଖୁଲମଖୁଲା ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ସମ୍ପୃକ୍ତ ଏଜେନ୍ସି ଓ ଦୋକାନୀଙ୍କ ସଲାସୁତୁରାରେ ଏଭଳି ବର୍ଷ ବର୍ଷ ଧରି ଚାଲିଥିବାରୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କେତେଜଣ ଜଳଖିଆ ଦୋକାନୀଙ୍କୁ ବିନା ବୁକିଂରେ ଆବଶ୍ୟକ ପରିମାଣର ଗ୍ୟାସ ସିଲିଣ୍ଡର ଯୋଗାଇ ଦିଆଯାଉଥିବା ମଧ ବ୍ରହ୍ମବରଦା ଅଞ୍ଚଳର ବହୁ ଉପଭୋକ୍ତା ଅଭିଯୋଗ ଆଣିଛନ୍ତି। ଏ ନେଇ ଖୁସି ଗ୍ୟାସ ଏଜେନ୍ସିର ଜଣେ କର୍ମଚାରୀ କହିଛନ୍ତି, ଗାଡ଼ି ଯାଇ ବ୍ରହ୍ମବରଦା ଅଞ୍ଚଳରେ ଗ୍ୟାସ ବିତରଣ କରି ଖାଲି ଟାଙ୍କି ଧରି ଆସୁଛି। ଆମ୍ଭେ କୌଣସି ଦୋକାନରେ ଗ୍ୟାସ ସିଲିଣ୍ଡର ଦେଉନାହୁଁ। ଏଠାରେ ପ୍ରଶ୍ନ ଉଠୁଛି ଯଦି ବିତରଣ କମ୍ପାନୀ କୌଣସି ବ୍ୟକ୍ତି ବିଶେଷ କିମ୍ବା ଦୋକାନୀଙ୍କୁ ଗ୍ୟାସ ଦେଉନାହିଁ ତେବେ ଅସାଧୁ ଗ୍ୟାସ ବ୍ୟବସାୟୀଙ୍କ ନିକଟକୁ ଗ୍ୟାସ ଆସୁଛି କିପରି ଏବଂ ସେମାନେ ଚଢ଼ା ଦରରେ ଗ୍ୟାସ ବିକ୍ରୟ କରୁଛନ୍ତି କିପରି। ଯଦି ପ୍ରଶାସନ ପକ୍ଷରୁ ଗ୍ୟାସ ଅଭାବର ସ୍ଥାୟୀ ସମାଧାନ କରା ନ ଯାଏ ତେବେ ଆଗାମୀ ଦିନରେ ସାଧାରଣ ଜନତା ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ




ଆତ୍ମରକ୍ଷା ପ୍ରଶିକ୍ଷଣ ଗ୍ରହଣ କରିଥିବା ଜଣେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ପାଣିକୋଇଲି, ୧୫।୩(ବିକାଶ ଚନ୍ଦ୍ର ମଲ୍ଲିକ):

ପାଣିକୋଇଲିସ୍ଥିତ ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପାଣିକୋଇଲି ଏସ୍‌ବିଆଇ ଶାଖା ପରିଚାଳକ ମାନସ ରଞ୍ଜନ ବେହେରା ଯୋଗଦେଇ ବାଳିକାମାନଙ୍କ ଆତ୍ମରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଯୁକ୍ତ ୨ ବିଦ୍ୟାଳୟ ଅଧକ୍ଷା ବସନ୍ତମଞ୍ଜରୀ ସାହୁ, ପ୍ରାକ୍ତନ ଅଧ୍ୟାପକ ଗୌରହରୀ ସାହୁ, ଅଧ୍ୟାପକ ସମରେନ୍ଦ୍ର ଦାଶ, ଅଧ୍ୟାପକ ମଦନମୋହନ ପାତ୍ର, ସଂଯୋଜିକା ସୁଶ୍ରୀ ସଂଗୀତା ନନ୍ଦ, ପ୍ରମୁଖ ଯୋଗଦେଇଥିଲେ। ଶକ୍ତିମୟୀ ଜେନା, ରଶ୍ମିତା ଧଳ, ସାଗରିକା ରଥ, ସୁବାସିନୀ ପୃଷ୍ଟି, ସତ୍ୟବ୍ରତ ଦାସ, ସତ୍ୟ ମହାନ୍ତି, ସୀମା ତରେଇ, ଅଭିମନ୍ୟୁ ପଣ୍ଡା, କାଦମ୍ବିନୀ ରାଉଳ, ଅଲେଖ ପ୍ରସାଦ ସାହୁ, ରମେଶ ମହାକୁଡ, ପ୍ରମୋଦ ମିଶ୍ର, ବିପିନ ବିହାରୀ ଦାସ ସହଯୋଗ କରିଥିଲେ। ପ୍ରଶିକ୍ଷିକାଭାବେ ସସ୍ମିତା ରାଣୀ ପଣ୍ଡା ବାଳିକାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧାପକ ରଶ୍ମିରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଅମୃତିଆ ମା' ହିଙ୍ଗୁଳା ଯଜ୍ଞ, ମହୋତ୍ସବ ପାଇଁ ପ୍ରସ୍ତୁତି



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ପାଣିକୋଇଲି, ୧୫।୩ (ବିକାଶ ଚନ୍ଦ୍ର ମଲ୍ଲିକ):

କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଞ୍ଚାୟତର ଅମୃତିଆଠାରେ ମା' ହିଙ୍ଗୁଳାଙ୍କ ୫୫ତମ ଯଜ୍ଞ ଓ ମହୋତ୍ସବ ପାଇଁ ମା' ହିଙ୍ଗୁଳା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିବା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମ୍ମିଳନୀ ମା'ଙ୍କ ପୀଠରେ ଆୟୋଜିତ ହୋଇଥିଲା। କମିଟି ସଭାପତି ଅଭୟ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି ଯୋଗଦେଇ ଯଜ୍ଞ ଓ ମହୋତ୍ସବ କିପରି ଶାନ୍ତିଶୃଙ୍ଖଳାରେ ସମାପନ ହୋଇପାରିବ ସେ ନେଇ ପରାମର୍ଶ ଦେଇଥିଲେ। ଆସନ୍ତା ୩୧ ତାରିଖରେ କଳସ ଯାତ୍ରା କରାଯିବ। ଏପ୍ରିଲ ୩ ତାରିଖରେ ଯଜ୍ଞର ପୂର୍ଣ୍ଣାହୁତି ହେବ। ୪ ଓ ୫ ତାରିଖରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ୧୨ ତାରିଖରେ ଯଜ୍ଞ ଭସ୍ମ ବିସର୍ଜନ କରାଯିବ। ପ୍ରତ୍ୟେହ ନାମଯଜ୍ଞ ସହ ପାଲା, ସ୍ଥାନୀୟ କୁନି କଳାକାରଙ୍କ ଦକ୍ଷତା ପ୍ରଦର୍ଶନ, ଭଜନ ସନ୍ଧ୍ୟା ଓ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। ବିଜୟ ମହାପାତ୍ର, ସୁରେନ୍ଦ୍ର ସ୍ୱାଇଁ, କୁଳମଣି ଲେଙ୍କା, ସୁବାସ ମଳିକ, ସୁରେଶ ଖଣ୍ଡାଇ, ସେମାନାଥ ପତ୍ରୀ ପ୍ରମୁଖ ଯୋଗଦେଇ ସେମାନଙ୍କ ମତପୋଷଣ କରିଥିଲେ। ହରେକୃଷ୍ଣ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଦେଓଦା ମେଳଣ ଉଦ୍‌ଯାପିତ

ଧର୍ମଶାଳା, ୧୫।୩(ବଟକୃଷ୍ଣ ପରିଡା):

ଧର୍ମଶାଳା ବ୍ଲକ ଦେଓଦା ପଞ୍ଚାୟତସ୍ଥିତ ଦେଓଦା ମେଳଣ ଶନିବାର ରାତିରେ ଆରମ୍ଭ ହୋଇ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଥାନପତି ଭାବେ ଦେଓଦା ଗୋପୀନାଥ ଜୀଉ ଯୋଗଦେଇ ପ୍ରଥମେ ହୋରି ଖେଳି ଚାରାକୁ ଯାଇଥିଲେ। ଏହାପରେ ଦେଓଦା ବଳଦେବ ଜୀଉ, ସ୍ୱାଇଁସାହି, ନାଉପାଳ, ଚୋରମୁହାଁ, ଚହଟା ସ୍ୱାଇଁସାହି, ବାଲିଗିରି, ଗୋପାଳପୁର, ବ୍ରହ୍ମଣଦା, ନିଳାଦେଇପୁର, ଚହଟା ମହାନ୍ତିସାହି, ଉତ୍ତରପ୍ରତାପ ବାଲିହୁଡ଼ା ପ୍ରମୁଖ ୧୭ ବିମାନ ସହ ଅନ୍ୟ ୧୦ଟି ଛୋଟ ବିମାନ ହୋରି ଖେଳି ଚାରାକୁ ଯାଇଥିଲେ। ଅଶ୍ଳୀଳ ନାଚଗୀତକୁ କମିଟି ପକ୍ଷରୁ ବାରଣ କରାଯାଇଥିବାରୁ ଠାକୁର ବାଡ଼ିଆମାନେ ଘଣ୍ଟ, କିର୍ତ୍ତନ, ଘୋଡ଼ାନାଚ ଆଦି ପ୍ରଦର୍ଶନ କରି ମେଳଣକୁ ସଫଳ କରିଥିଲେ। କମିଟି ସଭାପତି ତଥା ସରପଞ୍ଚ ଆକୁଳାନନ୍ଦ ମଳିକ, କାର୍ଯ୍ୟକାରୀ ସଭାପତି ବାସୁଦେବ ପଣ୍ଡା, ସମ୍ପାଦକ ପ୍ରତାପ କେଶରୀ ନାଥ ପ୍ରମୁଖ ଠାକୁରଙ୍କୁ ଭୋଗ ପ୍ରଦାନ ସହ ବିଦାୟ ଦେଇଥିଲେ। କମିଟିର ସଭ୍ୟମାନେ ମେଳଣ ପରିଚାଳନାରେ ସହଯୋଗ କରିଥିଲେ। ଧର୍ମଶାଳା ପୋଲିସ୍ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

# ବଡ଼ଚଣା ବଜାରରେ ନ୍ୟାଶନାଲ ବ୍ୟାଙ୍କ ପ୍ରତିଷ୍ଠା ଦାବି

ବଡ଼ଚଣା, ୧୫।୩(ଦିଲୀପ କୁମାର ମହାନ୍ତି):

ବଡ଼ଚଣା ବ୍ଲକର ବଡ଼ଚଣା ବଜାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଏଠାକୁ ଦୈନିକ ଶହଶହ ଜନସାଧାରଣ ବିଭିନ୍ନ କାମରେ ଆସିଥାନ୍ତି। ବଜାର ଉପରେ ଗୁରୁତ୍ୱ ଥିବାରୁ ଏଠାରେ ଏକ ଜାତୀୟକରଣ(ନ୍ୟାଶନାଲ) ବ୍ୟାଙ୍କ ପ୍ରତିଷ୍ଠା ପାଇଁ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ଦାବି କରିଛନ୍ତି। ଯଦିଓ ଏହି ବଜାରରେ ଏକ ଗ୍ରାମ୍ୟ ବ୍ୟାଙ୍କ ଅଛି କିନ୍ତୁ ନ୍ୟାଶନାଲ ବ୍ୟାଙ୍କର ବହୁ ଆବଶ୍ୟକତା ରହିଛି। ବ୍ୟାଙ୍କ ପ୍ରତିଷ୍ଠା ପାଇଁ ଅଞ୍ଚଳବାସୀ ସ୍ଥାନୀୟ ବିଧାୟକଙ୍କ ନିକଟରେ ମଧ ଦାବି କରିଛନ୍ତି।

ବଡ଼ଚଣା ବଜାର ନିକଟରେ ବ୍ଲକ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବଡ଼ଚଣା ଥାନା, ମହିଳା ମହାବିଦ୍ୟାଳୟ, ଜିଲା କୃଷି ବିଜ୍ଞାନ କେନ୍ଦ୍ର, ଦୁଇ ସରକାରୀ ହାଇସ୍କୁଲ, ବଡ଼ଚଣା ପ୍ରାଣୀ ଚିକିତ୍ସାଳୟ, ଦର୍ପଣ ତହସିଲ ଆଦି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଛି। ଏଠାକାର ଜଣେ ପେନସନଭୋଗୀଙ୍କୁ ଚଣ୍ଡିଖୋଲ ଓ ବୈରୀ ଷ୍ଟେଟ ବ୍ୟାଙ୍କକୁ ଯିବାକୁ ପଡୁଛି। ଫଳରେ ସେମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ଏଠାରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟଳୟ କର୍ମଚାରୀ ବହୁ ଦୂରକୁ ଯାଉଛନ୍ତି। ତେଣୁ ତୁରନ୍ତ ଏଠାରାରେ ନ୍ୟାଶନାଲ ବ୍ୟାଙ୍କ ପ୍ରତିଷ୍ଠା କରିବାକୁ ପ୍ରାକ୍ତନ ସରପଞ୍ଚ ନୀଳକଣ୍ଠ ମିଶ୍ର, ଭୋଳାନାଥ ରାଉତ, କାମଳାକାନ୍ତ ପୃଷ୍ଟି, ବରିଷ୍ଠ ନାଗରିକ ଅଜିତ ମିଶ୍ର, ଭକ୍ତି ଭୂଷଣ ଦାଶ ଓ ଖବରଦାତା ପ୍ରତାପ ରାଉତରାୟ ପ୍ରମୁଖ ବିଧାୟକଙ୍କ ନିକଟରେ ଦାବି କରିଛନ୍ତି।

# ବାତୋ ଆଞ୍ଚଳିକ ସାଧନ କେନ୍ଦ୍ର ଶିକ୍ଷକଙ୍କ ବନ୍ଧୁମିଳନ



ବନ୍ଧୁମିଳନରେ ସାମିଲ ହୋଇଥିବା ଅତିଥି ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବଡ଼ଚଣା, ୧୫।୩(ଦିଲୀପ କୁମାର ମହାନ୍ତି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ତଳା ବ୍ରାହ୍ମଣୀ ଦେବୀଙ୍କ ପୀଠରେ ବଡ଼ଚଣା ଶିକ୍ଷମଣ୍ଡଳ ଅଧୀନ ବାତୋ ଆଞ୍ଚଳିକ ସାଧନ କେନ୍ଦ୍ରର ଶିକ୍ଷକଙ୍କ ଏକ ବନ୍ଧୁମିଳନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସାଧନ କେନ୍ଦ୍ର ସଂଯୋଜକ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ସଂଯୋଜନା ଓ ବରିଷ୍ଠ ଶିକ୍ଷକ ଜଗଦୀଶ ଚନ୍ଦ୍ର ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧନ କେନ୍ଦ୍ର ଅଧୀନ ବିଭିନ୍ନ ବିଦ୍ୟାଳୟରୁ ଅବସର ନେଇଥିବା ଶିକ୍ଷକ ବଳରାମ ରଣା, ପରେଶ ବଳବନ୍ତରାୟ, ଉମେଶ ଚନ୍ଦ୍ର ସେଠୀ, ଗଗନ ବିହାରୀ ରଣା ଓ ଅମୀୟବାଳା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପଞ୍ଚମ ଶ୍ରେଣୀରେ ବୃତ୍ତି ପାଇଥିବା ପୂର୍ବସୋନି ପଡ଼ିଆରୀ ଓ ସାଇ ସିଙ୍ଗ୍ଧା ସାହୁଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସାଧନ କେନ୍ଦ୍ର ଅଧୀନ ଅନ୍ୟ ବିଦ୍ୟାଳୟକୁ ବଦଳି ଓ ଅନ୍ୟ ବିଦ୍ୟାଳୟରୁ ଏହି ସାଧାନ କେନ୍ଦ୍ରକୁ ଆସିଥିବା ନୂତନ ଶିକ୍ଷକଙ୍କୁ ସ୍ୱାଗତ କରାଯାଇଥିଲା। ବନ୍ଧୁମିଳନ ଅବସରେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସନ୍ତୋଷ ଜେନା, ସମ୍ପାଦକ ପ୍ରଶାନ୍ତ ବେହେରା, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଗଠନର ପ୍ରାକ୍ତନ ମହାସଚିବ ଅମୀୟ ଦାଶ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଗିରିଜା ପ୍ରସନ୍ନ ଦାଶ, ପ୍ରଭାତ ମଲ୍ଲିକ, ବିଶ୍ୱରଞ୍ଜନ ବେହେରା, କୀର୍ତ୍ତିଚନ୍ଦ୍ର ମହାନ୍ତି, ଅଞ୍ଜଳି ମହାନ୍ତି, ପୂର୍ବତନ ଆଞ୍ଚଳିକ ସାଧନ ସଂଯୋଜକ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ।

# ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା

ପାଟକୁରା, ୧୫।୩ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ଅଧୀନ ତେଣ୍ଡାକୁଡା ପଞ୍ଚାୟତ ବସନ୍ତପୁର ଗ୍ରାମର ଅଗ୍ନି ବିପନ୍ନ ପରିବାରଙ୍କୁ ପୂର୍ବତନ ବିଜେଡି ରାଜ୍ୟ ସମ୍ପାଦକ ରବି ସାମଲ ସହାୟତାର ହାତ ବଢ଼ାଇଛନ୍ତି। ରବିବାର ଅପରାହ୍ନରେ ସାମଲ ବସନ୍ତପୁର ଗ୍ରାମରେ ପହଞ୍ଚି ଅଗ୍ନି ବିପନ୍ନଙ୍କୁ ଦେଖାକରି ସମବେଦନା ଜଣାଇଥିଲେ। ସେମାନଙ୍କୁ ମଧ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ତାଙ୍କ ସହ କଳାବୁଦା ସମିତି ସଭ୍ୟ ସତ୍ୟଜିତ ସାହୁ ଯାଇଥିଲେ। ଗତ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡରେ ବସନ୍ତପୁର ଗ୍ରାମର ୬ ପରିବାରର ଘର, ସମସ୍ତ ଆସବାବପତ୍ର ସହିତ ଧନ ସମ୍ପତ୍ତି ସବୁ ପୋଡି ପାଉଁଶ ହୋଇଯାଇଥିଲା। କେବଳ ସେମାନଙ୍କ ପାଖରେ ନିଜେ ପିନ୍ଧିଥିବା ବସ୍ତ୍ର ବ୍ୟତୀତ କିଛି ନ ଥିଲା।

# ଗୋକର୍ଣ୍ଣିକା ସାହିତ୍ୟ ସମାଜର ନୂତନ କର୍ମକର୍ତ୍ତା ନିର୍ବାଚନ



ନିର୍ବାଚିତ ହୋଇଥିବା କର୍ମକର୍ତ୍ତା ଓ ଅନ୍ୟମାନେ।

ଧର୍ମଶାଳା, ୧୫।୩(ବଟକୃଷ୍ଣ ପରିଡ଼ା):

ଓଡ଼ିଶାର ପ୍ରମୁଖ ସାହିତ୍ୟ ଅନୁଷ୍ଠାନ ଗୋକର୍ଣ୍ଣିକା ସାହିତ୍ୟ ସମାଜର ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ଗୋକର୍ଣ୍ଣିକା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ରମାକାନ୍ତ ଜେନା ଅଧକ୍ଷତା କରିଥିଲେ। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଗୌତମ ଜେନା ସଭାପତି, ସୁନାକର ସାହୁ କାର୍ଯ୍ୟକାରୀ ସଭାପତି, ବିବେକାନନ୍ଦ ରାୟ ଉପସଭାପତି, ରବୀନ୍ଦ୍ର ବିହାରୀ ସାଧାରଣ ସମ୍ପାଦକ, ପ୍ରହ୍ଲାଦ ପଣ୍ଡା ଓ ପ୍ରତାପ ରୁଦ୍ର ପଣ୍ଡା ଯୁଗ୍ମ ସମ୍ପାଦକ, ପଣ୍ଡିତ ନାରାୟଣ ଶତପଥୀ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ପ୍ରଫେସର ବିଜୟ ଶତପଥୀ, ପୁରୁଷୋତ୍ତମ ବିଶ୍ୱାଳ ଉପଦେଷ୍ଟାଭାବେ ମନୋନୀତ ହୋଇଥିଲେ। ସମ୍ପାଦକ ଇନ୍ଦୁପ୍ରଭା ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ବାର୍ଷିକ ଆୟ ବ୍ୟୟ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ବଟକୃଷ୍ଣ ପରିଡ଼ା, ସଂଗ୍ରାମ କେଶରୀ ଜେନା, ଇନ୍ଦୁପ୍ରଭା ସାମଲ, ପଣ୍ଡିତ୍ ବ୍ରଜକିଶୋର ଦାସଙ୍କୁ ନିର୍ବାଚିତ କରାଯାଇଥିଲା। ଏହି ନିର୍ବାଚନ ପ୍ରକ୍ରିୟାକୁ ଡା. ରୁଦ୍ରନାରାୟଣ ପୃଷ୍ଟି ପରିଚାଳନା କରିଥିଲେ। ହୃଷୀକେଶ ସାମଲ ଧନ୍ୟବାଦ ଦେଇଥିଲେ।

## ୧ମ ଟିଆଇଟିଇ ରାଜ୍ୟସ୍ତରୀୟ ରାପିଡ୍ ଚେସ୍ ପ୍ରତିଯୋଗିତା

# ଭାଗନେଲେ ୭୬ ପ୍ରତିଯୋଗୀ

ବ୍ୟାସନଗର, ୧୫।୩(ପବିତ୍ର ରଞ୍ଜନ ମହାନ୍ତି):




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ନହକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପ୍ରଥମ ଟିଆଇଟିଇ ରାଜ୍ୟସ୍ତରୀୟ ରାପିଡ଼ ଚେସ ଚମ୍ପିୟାନଶିପ-୨୦୨୬ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧାର ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୨ଟି ଜିଲ୍ଲାରୁ ସମୁଦାୟ ୭୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ୧୨ ଜଣ ଛାତ୍ରୀ ଓ ମହିଳା ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ ୨୦ ଜଣଙ୍କ ମଧ୍ୟରେ ଭୁବନେଶ୍ୱର କିଟ ବିଶ୍ୱ ବିଦ୍ୟାଳୟର ମାପୁ ମୁଙ୍ଗିସ (ସର୍ବଭାରତୀୟ ରେଟିଂ ୧୮୫୩) ୬ ପଏଣ୍ଟ ରଖି ଚମ୍ପିୟାନ ହୋଇଥିବାବେଳେ ଯାଜପୁରର ସଞ୍ଜୀବନ ନାୟକ ୬ ପଏଣ୍ଟ ରଖି ରନର୍ସ ଅପ ହୋଇଥିଲେ। ତୃତୀୟ ପ୍ରତିଯୋଗୀ ଭାବେ ଯାଜପୁରର ନିରଞ୍ଜନ ମହାକୁଡ଼ ଓ ୫ ପଏଣ୍ଟ ରଖି ଖୋର୍ଦ୍ଧାର ଦେବୀ ପ୍ରସାଦ ନାୟକ ଚତୁର୍ଥ ସ୍ଥାନ ହାସଲ କରିଥିଲେ। ଜୁନିୟର ବିଭାଗରେ ଯାଜପୁରର ଦିବ୍ୟେସ ମହାପାତ୍ର ୫ମ ସ୍ଥାନ, ପ୍ରତୀକ କୁଶଲ ରାଉତ ୬ଷ୍ଠ, ବାଲେଶ୍ୱରର ବ୍ରହ୍ମା ସଦନ ଦାସ ୭ମ, ଯାଜପୁରର ରୋହିତ ମଲ୍ଲିକ ୮ମ, ବାଲେଶ୍ୱରର ଅମରେନ୍ଦ୍ର ଖମାରି ୯ମ, ରାୟଗଡା ଜିଲାର ଲେଲି ଯାକକା ୧୦ମ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ଭଗତ ସିଂ ଯୁବକ ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳ, କ୍ରୀଡ଼ାବିତ ଅଶୋକ ରାଉତ, ଧରିତ୍ରୀ ପ୍ରତିନିଧି ପବିତ୍ର ରଞ୍ଜନ ମହାନ୍ତି, ଶ୍ରମିକ ନେତା ନାରାୟଣ ରାଉତ, ଚାମ୍ବର ଅଫ କମର୍ସର ସମ୍ପାଦକ ସଦାଶିବ ଦାସ, ଯୀଶୁଖ୍ରୀଷ୍ଟ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଏହି ପ୍ରତିଯୋଗିତାକୁ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର ନିର୍ଦ୍ଦେଶକ ପ୍ରୀତିଶ ରଞ୍ଜନ ସାହୁ, କାର୍ଯ୍ୟାଳୟ ମୁଖ୍ୟ ହେମନ୍ତ ସାହୁ, ମୁଖ୍ୟ ପରିଚାଳକ ବିଚିତ୍ର ରଣା ପରିଚାଳନା କରିଥିଲେ।

# ଅବହେଳାରେ ପ୍ରଧାନ ପଟିକିରାର ବଡ଼ମଠ

## ଆଧାତ୍ମିକ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ପାଇଁ ଦାବିପତ୍ର

କେନ୍ଦ୍ରାପଡ଼ା, ୧୫।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ବଡବେତରାରେ ଶତାବ୍ଦୀ ପୂର୍ବର ଶ୍ରୀରାଧାମୋହନଜୀଉଙ୍କ ବଡ଼ମଠ ଅଛି। ପୂଜା ପାର୍ବଣରେ ଶ୍ରଦ୍ଧାଳୁଙ୍କ ଭିଡ଼ ସହ ସ୍ଥାନୀୟ ଅଞ୍ଚଳବାସୀ ଓ ବାହର ଜିଲାରୁ ଶ୍ରଦ୍ଧାଳୁ ଆସି ଦୈନିକ ମଠ ଦର୍ଶନ କରି ଆଧାତ୍ମ୍ୟ ଶକ୍ତି ଆହରଣ କରିଥାନ୍ତି। ସନାତନ ଧର୍ମର ଏହି ମଠ ସଂସ୍କୃତିର ପୀଠ ଏବେ ଅବହେଳାର ଶିକାର ହୋଇଛି। ଏହାର ପାରିପାର୍ଶ୍ୱିକ ଉନ୍ନତି ସହ ବଡ଼ମଠକୁ ଏକ ଆଧାତ୍ମ୍ୟ ପର୍ଯ୍ୟଟନ ସ୍ଥଳ ଭାବେ ପରିଚୟ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଉଦ୍ୟମ ଆରମ୍ଭ କରିଛନ୍ତି। ସ୍ଥାନୀୟ ବିଧାୟକ, ଜିଲା ପ୍ରଶାସନ, ଦେବୋତ୍ତର ବିଭାଗ, ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କୁ ଶନିବାର ଦାବିପତ୍ର ପଠାଯାଇଛି।

ଟ୍ରଷ୍ଟ ବୋର୍ଡର ସଦସ୍ୟ ଶରତ ଚନ୍ଦ୍ର ବେହୁରା, ସ୍ଥାନୀୟ ଅଞ୍ଚଳର ଅଧିବାସୀ ରବୀନ୍ଦ୍ର କୁମାର ଦାସ, ବନବିହାରୀ ରାଉତ, ଅଭୟ କୁମାର ରାଉତ, ଇଂ. ନଳିନୀକାନ୍ତ ରଥ ପ୍ରମୁଖ କହିଛନ୍ତି, ବଡମଠର ଇତିହାସ ପ୍ରାଚୀନ। ଶ୍ରୀଅଚ୍ୟୁତାନନ୍ଦ ମାଳିକାରେ ଏହି ସ୍ଥାନ ଓ ମାହାତ୍ମ୍ୟର ଉଲ୍ଲେଖ ଅଛି। ଏହି ସ୍ଥାନରେ ଶ୍ରୀରାଧାମୋହନଙ୍କ ମନ୍ଦିର ସହ ବଡମଠ ପରିସରରେ ୩୦ରୁ ଊର୍ଦ୍ଧ୍ୱ ମଠାଧୀଶଙ୍କ ସମାଧିସ୍ଥଳ ଅଛି। ପୂର୍ବରୁ ମଠକୁ ଆସିବା ପାଇଁ ନଦୀ ନାଳ ପାର ହେବାକୁ ଥିବାବେଳେ ବର୍ତ୍ତମାନ ରାସ୍ତା ଓ ସେତୁ ହୋଇଛି। ତେବେ ପାରିପାର୍ଶ୍ୱିକ ଉନ୍ନତି ହୋଇପାରିଲେ ଏହି ଆଧାତ୍ମ୍ୟସ୍ଥଳ ଶ୍ରଦ୍ଧାଳୁଙ୍କ ସମସ୍ୟାଗୁଡିକ ସମାଧାନ କରିପାରିବ। ରାଜ୍ୟ ସରକାର ଓଡ଼ିଆ ଭାଷା, ସଂସ୍କୃତିକୁ ଗୁରୁତ୍ୱ ଦେଉଛନ୍ତି। ନିକଟରେ ରାଜ୍ୟରେ ବହୁ ଐତିହ୍ୟ ଗ୍ରାମ ମଧ୍ୟ ସୃଷ୍ଟି କରିଛନ୍ତି। ଏହାସତ୍ତ୍ୱେ



ବଡମଠର ଭାଗ୍ୟ ପରିବର୍ତ୍ତନ ହେଉନାହିଁ। ଶ୍ରୀରାଧାମୋହନଜୀଉଙ୍କ ଏହି ପ୍ରାଚୀନ ମଠର ପରିଚାଳନା ପାଇଁ ୧୯୯୧ ମସିହାରେ ଓଡ଼ିଶା ଦେବୋତ୍ତର ବିଭାଗକୁ ହସ୍ତାନ୍ତର କରାଯାଇଛି। ଓଡ଼ିଆ ସଂସ୍କୃତି ଅନୁଯାୟୀ ବଡମଠରେ ବାର ମାସରେ ତେର ପର୍ବ ଅନୁଷ୍ଠିତ ହୋଇଥାଏ। ମକର ସଂକ୍ରାନ୍ତି, ଦୋଳପର୍ବ, ଚନ୍ଦନ ଯାତ୍ରା, ରଥଯାତ୍ରା, ଶୀତଳ ଷଷ୍ଠୀ, ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ, ଝୁଲଣ ଯାତ୍ରା, ରାସ ପୂର୍ଣ୍ଣିମା ଆଦି ବଡମଠ ମାଧ୍ୟମରେ ପରିଚାଳିତ ହୋଇଥାଏ। ଏହି ସମୟରେ ଦୂର ଦୂରାନ୍ତରୁ ଏଠାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହାବ୍ୟତୀତ ପ୍ରତ୍ୟହ ଶତାଧିକ ଶ୍ରଦ୍ଧାଳୁ ମନ୍ଦିର ଓ ମଠର ସାନ୍ନିଧ ନେଇଥାନ୍ତି। ଏପରି ପ୍ରାଚୀନ ମଠର ଉନ୍ନତୀକରଣ ହେଉନାହିଁ। ବଡମଠକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଶୌଚାଳୟଟିଏ ନାହିଁ। ସେହିପରି ଯାତ୍ରୀ ନିବାସ ହୋଇପାରିଲେ ଶ୍ରଦ୍ଧାଳୁଙ୍କ ରାତ୍ରି ରହଣି ସମସ୍ୟା ରହିବ ନାହିଁ। ମନ୍ଦିର ଓ ମଠର ପାରିପାର୍ଶ୍ୱିକ ଉନ୍ନତି ହେଲେ ଶ୍ରଦ୍ଧାଳୁଙ୍କ ଭିଡ ବଢ଼ିପାରିବ। ଆଲୋକୀକରଣ ଓ ପାନୀୟ ଜଳ ବ୍ୟବସ୍ଥାର ଉନ୍ନତୀକରଣର ଆବଶ୍ୟକତା ଅଛି। ସମସ୍ୟାଗୁଡିକ ସମାଧାନ ହୋଇପାରିଲେ ଆଧାତ୍ମ୍ୟ କ୍ଷେତ୍ର ଭାବେ ରାଜ୍ୟ ମାନଚିତ୍ରରେ ସ୍ଥାନ ପାଇପାରିବ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ମହାପାତ୍ରଙ୍କୁ ପଚାରିବାରେ ବଡମଠର ଉନ୍ନତୀକରଣ ପାଇଁ ପ୍ରଶାସନିକ ବୈଠକରେ ପ୍ରସ୍ତାବ ଦେଇ ଆସୁଛନ୍ତି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଜିଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହଙ୍କୁ ପଚାରିବାରେ ଖୁବଶୀଘ୍ର ପ୍ରଧାନପଟିକିରାର ବଡମଠକୁ ଯିବେ। ଏ ନେଇ ତଦନ୍ତ ପରେ ଜିଲାପାଳଙ୍କୁ ଏକ ରିପୋର୍ଟ ଦେବେ ବୋଲି ସେ କହିଛନ୍ତି।

# ବ୍ରାହ୍ମଣୀ ନଦୀର ନଗଡ଼ଠାରେ ପଥର ପ୍ୟାକିଂ କରାଯାଉ

ରାଜନଗର, ୧୫।୩ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ନଦୀ ନାଳ ଘେରା ଅଞ୍ଚଳ। ଏହି ବ୍ଲକର ବନ୍ଧପଡା, ଓସ୍ତିଆ ପଞ୍ଚାୟତ ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ । ଜଳବାୟୁ ପରିବର୍ତ୍ତନ ଓ ବନ୍ୟା ଯୋଗୁ ବ୍ରାହ୍ମଣୀ ନଦୀ ପଠା ଖାଇ ଗାଁକୁ ଖାଇବାକୁ ବସିଲାଣି। ନଗଡ଼ ଗାଁର ୨୦ରୁ ଊର୍ଦ୍ଧ୍ୱ ପରିବାରର ଭିଟାମାଟି ବ୍ରାହ୍ମଣୀ ଆଁରେ ଯାଇସାରିଛି। ବ୍ରାହ୍ମଣୀ ଆଁରୁ ଅଞ୍ଚଳକୁ ସୁରକ୍ଷା ଦେବା ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୧୮ କୋଟି ଟଙ୍କା ତଟ ସୁରକ୍ଷା ପାଇଁ ସରକାର ଯୋଗାଇ ଦେଇଥିଲେ। ବ୍ରାହ୍ମଣୀ ନଦୀର ଗଜରିଆ ଲୁଣା ଘେରିବନ୍ଧର ସୁରକ୍ଷା ପାଇଁ ଏହି ଅର୍ଥ ଯୋଗାଇ ଦିଆଯାଇଥିଲା। ସନ୍ଥପଡାଠାରୁ ନଗଡ ଯାଏ ୧୯୮୦ ମିଟର ଲମ୍ବର ପଥର ପ୍ୟାକିଂ ଓ ଡମ୍ପିଂ ପାଇଁ ଏହି ଅର୍ଥ ଦିଆଯାଇଛି। ବର୍ଷକ ମଧ୍ୟରେ କାମ ସାରିବା ପାଇଁ ଚୁକ୍ତି ହୋଇଥିଲା। ମାତ୍ର ନଗଡ ଗାଁକୁ ଯିବା ପାଇଁ ଥିବା ପୋଲରେ ପଥର ବୋଝେଇ ଗାଡି ଗଲେ ପୋଲ ଭାଙ୍ଗିଯିବ କହି ପଥର ଗାଡ଼ିକୁ କେତେଜଣ ବ୍ୟକ୍ତି ଅଟକାଇଲେ। ଏପରି କି ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପୋଲ ଉପରେ ଗାଡି ନ ନେବାକୁ ତାଗିଦ କଲା। କେନାଲ ଉପରେ ମାଟିବନ୍ଧ କରି ପଥର ଗାଡି ନେବାକୁ ପରାମର୍ଶ ଦେଲେ। ଏବେ କେନାଲ ଉପରେ ହ୍ୟୁମ୍‌ପାଇପ ପକାଇ ଠିକାଦାର ପଥର ଗାଡି ନେବାକୁ ମାଟି ବନ୍ଧ କରିବା ସମୟରେ କେତେଜଣ ବ୍ୟକ୍ତି କାମ ବନ୍ଦ କରୁଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବନ୍ୟା ସମୟରେ ନଦୀ ଯେପରି ଭୟଙ୍କର ରୂପ ଧାରଣ କରୁଛି ଆଉ ଗୋଟିଏ ଦୁଇଟି ବନ୍ୟା ପରେ ନଗଡ଼ ଗାଁ ସମ୍ପୂର୍ଣ୍ଣ ଭାବେ ନଦୀ ଗର୍ଭରେ ଚାଲିଯାଇଥିବ। କେବଳ ନଗଡ ଗ୍ରାମ ନୁହେଁ ସନ୍ଥପଡା, ଗୋବିନ୍ଦପୁର, ଛମାଣିଆ ବନ୍ଧ ମଧ୍ୟ ନଦୀ ଗର୍ଭକୁ ଚାଲିଯିବ। ତୁରନ୍ତ ବ୍ରାହ୍ମଣୀ ନଦୀ କୂଳରେ ପଥର ପ୍ୟାକିଂ ଓ ଡମ୍ପିଂ କାମ କରିବା ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀ ଜିଲାପାଳ, ରାଜନଗର ତହସିଲଦାର ଓ ଆଳି ତଟବନ୍ଧ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ବିଶ୍ୱଶାନ୍ତି ରୁଦ୍ର ଯଜ୍ଞ ପାଇଁ କଳସଯାତ୍ରା



ଯଜ୍ଞ ପାଇଁ ଚିତ୍ରୋତ୍ପଳା ନଦୀରୁ କଳସ ଯାତ୍ରା।

ପାଟକୁରା, ୧୫।୩ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ଅଧୀନ ବେଡାରୀ ପଞ୍ଚାୟତ ଶ୍ରୀଚନ୍ଦନପୁର ଗ୍ରାମ ଆଖଣ୍ଡଳମଣି ମନ୍ଦିର ନିକଟରେ ରବିବାରଠାରୁ ବିଶ୍ୱଶାନ୍ତି ରୁଦ୍ରଯଜ୍ଞ ଆରମ୍ଭ ହୋଇଛି। ସକାଳୁ ଗ୍ରାମର ୧୦୮ଜଣ ଶ୍ରଦ୍ଧାଳୁ ବେଡାରୀ ଚିତ୍ରୋତ୍ପଳା ନଦୀରେ ସ୍ନାନ କରିବା ପରେ ପଣ୍ଡିତମାନଙ୍କ ପୂଜାପାଠ ପରେ ୧୦୮ କଳସକୁ ଶ୍ରଦ୍ଧା ସହକାରେ ନାମ ସଙ୍କୀର୍ତ୍ତନ ମଧ୍ୟରେ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ପରେ ସୂର୍ଯ୍ୟପୂଜା, ରୁଦ୍ରାଭିଷେକ, ଯଜ୍ଞ ଆହୁତି କରାଯାଇଥିଲା। ସନ୍ଧ୍ୟାରେ ପଣ୍ଡିତମାନଙ୍କ ପ୍ରବଚନ କାର୍ଯ୍ୟକ୍ରମରେ ଗ୍ରାମର ଶ୍ରଦ୍ଧାଳୁ, ଜନସାଧାରଣ ଭାଗ ନେଇଥିଲେ। ସୋମବାର ରାତିରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ନିର୍ଘଣ୍ଟ ହୋଇଥିବା ବେଳେ ମଙ୍ଗଳବାର ଅଷ୍ଟମ ପ୍ରହର ନାମଯଜ୍ଞ ଓ ହରିହାଟ ଅନୁଷ୍ଠିତ ହେବ। ବୁଧବାର ଦଧିହାଣ୍ଡି ଭଙ୍ଗା ଯାଇ ନାମଯଜ୍ଞ ସମ୍ପୂର୍ଣ୍ଣ କରାଯିବାର କାର୍ଯ୍ୟକ୍ରମ ନିର୍ଘଣ୍ଟ ହୋଇଥିବା ଶ୍ରୀଚନ୍ଦନପୁର ଗ୍ରାମବାସୀଙ୍କ ସୂତ୍ରରୁ ଜଣାଯାଇଛି। ଯଜ୍ଞରେ ପଣ୍ଡିତ ମାନସ କୁମାର ଷଡଙ୍ଗୀ ସମର୍ପିତ ଥିବାବେଳେ କର୍ତ୍ତା ଭାବେ ନୀହାର ରଞ୍ଜନ ନାୟକ ଓ କର୍ତ୍ତୀ ଭାବେ ଅପାଲି ଅପରାଜିତା ସାହୁ ନିଷ୍ଠାର ସହକାରେ କାର୍ଯ୍ୟ ନିର୍ବାହ କରିଥିଲେ। ଯଜ୍ଞ କାର୍ଯ୍ୟ ଗ୍ରାମର ସମସ୍ତ ଜନସାଧାରଣଙ୍କ ପ୍ରତ୍ୟକ୍ଷ ସହଯୋଗରେ ଅନୁଷ୍ଠିତ ହେଉଛି।

# ପାର୍ଶ୍ୱରେ ନାହିଁ ଗାର୍ଡ ୱାଲ୍, ରାସ୍ତା ଭୁଶୁଡ଼ିବା ଆଶଙ୍କା

- ଜମ୍ବୁ-ମାର୍ଶାଘାଇ କେନାଲ ବନ୍ଧ ରାସ୍ତା ନିର୍ମାଣ
- ୨୪ କିମି ରାସ୍ତା ନିର୍ମାଣ ଲାଗି ୧୦୪ କୋଟି ଟଙ୍କା ବ୍ୟୟ ଅଟକଳ

ମହାକାଳପଡ଼ା, ୧୫।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକରେ ଶିଳ୍ପ କରିଡର ପ୍ରତିଷ୍ଠା ପାଇଁ ପୂର୍ବ ସରକାରଙ୍କ ସମୟରେ ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ରାସ୍ତା ନିର୍ମାଣ ୨୪ କିମି ଲାଗି ୧୦୪ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ଏହି କେନାଲ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ହେଲେ ରାସ୍ତାର ପ୍ରଭାକରପୁର-ସୁନୀଲପଡ଼ା - ବନ୍ଧପଡ଼ା ସଂଲଗ୍ନ ପାର୍ଶ୍ୱରେ ୨୦ ଫୁଟ ଖାଲରେ ବଡ଼ ବଡ଼ କେତେଟା ପୋଖରୀ ରହିଛି। ଫଳରେ ଏହି ରାସ୍ତା ପାର୍ଶ୍ୱରେ ଗାର୍ଡ ୱାଲ୍ ନିର୍ମାଣ ହୋଇନି। ପରବର୍ତ୍ତୀ ସମୟରେ ବର୍ଷା ହେଲେ କୌଣସି ମୁହୂର୍ତ୍ତରେ ରାସ୍ତା ଭୁଶୁଡିବା ଓ ଦୁର୍ଘଟଣା ଆଶଙ୍କା ରହିଛି। କିଛିଦିନ ପୂର୍ବେ ଭାରସାମ୍ୟ ହରାଇ ଏଠାରେ ଏକ ଶ୍ରମିକ ବୋଝେଇ ଅଟୋ ଓଲଟି ପଡ଼ିଥିଲା ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ସେହିପରି ଏହି ରାସ୍ତାର ଗୋପାଳପୁର ମୌଜା ନିକଟ



ବ୍ଲକ ଅଧୀନ ଜମ୍ବୁ-ମାର୍ଶାଘାଇ କେନାଲ ରାସ୍ତା ପ୍ରଭାକରପୁର- ସୁନୀଲପଡ଼ା-ବନ୍ଧପଡ଼ା ସଂଲଗ୍ନ ୨୦ ଫୁଟ୍ ଗଭୀର ଖାଲ।

ରାସ୍ତାପାର୍ଶ୍ୱରେ ଏକ ପୋଖରୀ ରହିଛି। ପୂର୍ତ୍ତ ବିଭାଗ ପକ୍ଷରୁ ସେଠାରେ ଗାର୍ଡ ୱାଲ୍ ନିର୍ମାଣ କରାଯାଇଛି। ହେଲେ ଗୋପାଳପୁର ମୌଜା ନିକଟ ଗାର୍ଡ ୱାଲ୍ ନିର୍ମାଣ ଭଳି ଏଠାରେ ଗାର୍ଡ ୱାଲ୍ ନିର୍ମାଣ କାର୍ଯ୍ୟ ପାଇଁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସେହିଭଳି ଏହି ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ଆଉ ଏକ ୨ ଲାଇନ୍ ରାସ୍ତା ନିର୍ମାଣ ଲାଗି ଜମି ଅଧିଗ୍ରହଣ ପାଇଁ ମହାକାଳପଡ଼ା ପଞ୍ଚାୟତ ଅଫିସ୍‌ରେ ଗ୍ରାମସଭା ଓ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେଲେ ଶିଳ୍ପ ପ୍ରତିଷ୍ଠା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଆଗେଇ ଆସିବେ ବୋଲି କୁହାଯାଇଛି। ଏ ସଂକ୍ରାନ୍ତରେ ମହାକାଳପଡ଼ା ସବ୍‌ଡିଭିଜନ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଦ୍ୱୈତାରୀ ଟୁଡୁଙ୍କୁ ପଚାରିବାରେ ଜିଓ ସିନ୍ଥେଟିକ ନେଟ ପ୍ୟାକିଂ ନିର୍ମାଣ ହେବ। ଗାର୍ଡ ୱାଲ୍‌ଠାରୁ ଜିଓ ସିନ୍ଥେଟିକ ନେଟ ବହୁତ ସୁଦୃଢ଼ ଓ ସ୍ଥାୟୀ ବୋଲି ସେ କହିଛନ୍ତି।

# ଅଗ୍ନି ବିପନ୍ନ ପରିବାରଙ୍କୁ ସହାୟତା

ପାଟକୁରା, ୧୫।୩ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ଅଧୀନ ତେଣ୍ଡାକୁଡା ପଞ୍ଚାୟତ ବସନ୍ତପୁର ଗ୍ରାମର ଅଗ୍ନି ବିପନ୍ନ ପରିବାରଙ୍କୁ ପୂର୍ବତନ ବିଜେଡି ରାଜ୍ୟ ସମ୍ପାଦକ ରବି ସାମଲ ସହାୟତାର ହାତ ବଢାଇଛନ୍ତି। ରବିବାର ଅପରାହ୍ନରେ ସାମଲ ବସନ୍ତପୁର ଗ୍ରାମରେ ପହଞ୍ଚି ଅଗ୍ନି ବିପନ୍ନଙ୍କୁ ଦେଖାକରି ସମବେଦନା ଜଣାଇଥିଲେ। ସେମାନଙ୍କୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ତାଙ୍କ ସହ କଳାବୁଦା ସମିତି ସଭ୍ୟ ସତ୍ୟଜିତ ସାହୁ ଯାଇଥିଲେ। ଗତ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡରେ ବସନ୍ତପୁର ଗ୍ରାମର ୬ ପରିବାରର ଘର, ସମସ୍ତ ଆସବାବପତ୍ର ସହିତ ଧନ ସମ୍ପତ୍ତି ସବୁ ପୋଡି ପାଉଁଶ ହୋଇଯାଇଥିଲା। କେବଳ ସେମାନଙ୍କ ପାଖରେ ନିଜେ ପିନ୍ଧିଥିବା ବସ୍ତ୍ର ବ୍ୟତୀତ କିଛି ନ ଥିଲା।

# ଉତ୍ସବ ଗ୍ରାମର ଏକତା ବୃଦ୍ଧି କରିବ

## ଆମ ଗାଁ ଉତ୍ସବ ଉଦ୍‌ଘାଟିତ

ଡେରାବିଶ, ୧୫।୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ଜହଙ୍ଗରସ୍ଥିତ ମା' କ୍ଷେତ୍ରପାଳିନୀଙ୍କ ମନ୍ଦିର ପ୍ରାଙ୍ଗଣରେ ଦ୍ୱିତୀୟ ବାର୍ଷିକ 'ଆମ ଗାଁ ଉତ୍ସବ' ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବକୁ କମିଟିର ସଭାପତି ସୁନୀଲ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ତଥା ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଶାସନ ସଚିବ ଡ. ଭକ୍ତକବି ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଏହି ଉତ୍ସବ ଗ୍ରାମର ଏକତା ବୃଦ୍ଧି କରିବା ସହିତ ଗ୍ରାମର ଲୋକ ସଂସ୍କୃତି, ଲୋକନୃତ୍ୟ, ଲୋକସଙ୍ଗୀତ ଓ ପାରମ୍ପରିକ ପ୍ରଥାକୁ ନୂତନ ପିଢ଼ିଙ୍କ ନିକଟରେ ପରିଚିତ କରାଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଗୁରୁଚରଣ ସେଠୀ ଏହି ଉତ୍ସବ ଆୟୋଜନରେ ଗ୍ରାମାଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଓ ସାମାଜିକ ମୂଲ୍ୟବୋଧ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ଓ ଗ୍ରାମ ଉନ୍ନତିରେ ପ୍ରେରଣା ଯୋଗାଇଥାଏ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଦୀପକ କୁମାର ଓଝା, ପଲେଇ ସରପଞ୍ଚ ଅକ୍ଷୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସଞ୍ଜୟ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ରାଜକିଶୋର ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ଶରତ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ପରେ ସୁନାମଧନ୍ୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାକୁ କମିଟିର କର୍ମକର୍ତ୍ତା ଦୀପକ ସ୍ୱାଇଁ, ଧ୍ରୁବ ଚରଣ ନାୟକଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ। ଶେଷରେ ମା' କ୍ଷେତ୍ରପାଳିନୀ ସାଂସ୍କୃତିକ କଳା ପରିଷଦ ଆନୁକୂଲ୍ୟରେ 'କିଏ କାନ୍ଦିନାହିଁ ହାତଟେକ' ଡ୍ରାମା ପରିବେଷଣ କରାଯାଇଥିଲା। ୫ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଉତ୍ସବରେ ପୂଜ୍ୟପୂଜା, ସମ୍ବର୍ଦ୍ଧନା, ସାଂସ୍କୃତିକ କାର୍ଯ୍ୟକ୍ରମ, ପାରମ୍ପରିକ କଳା ପ୍ରଦର୍ଶନ ସହିତ ଓଡ଼ିଆ ଚଳଚ୍ଚିତ୍ର କଳାକାରମାନଙ୍କ ଦ୍ୱାରା କଳା ପ୍ରଦର୍ଶିତ ହେବ ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ ଜଣାଇଛନ୍ତି।




ଉତ୍ସବରେ ମଞ୍ଚାସୀନ ଅତିଥି।

# ବେଡ଼ାରୀ ଭାଗବତଟୁଙ୍ଗି ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମଯଜ୍ଞ

ପାଟକୁରା, ୧୫।୩ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ଅଧୀନ ବେଡାରୀ ମହୁରୀଆଦଣ୍ଡା ନରହରି ଭାଗବତଟୁଙ୍ଗି ପ୍ରାଙ୍ଗଣରେ ରବିବାର ପ୍ରତ୍ୟୁଷରୁ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଶ୍ରଦ୍ଧାଳୁମାନେ ନାମ ସଂକୀର୍ତ୍ତନ ମଧ୍ୟରେ ପବିତ୍ର ଚିତ୍ରୋତ୍ପଳା ନଦୀରେ ସ୍ନାନ କରି ପୂଜାପାଠ ପୂର୍ବକ କଳସ ବୁଡାଇ ଅଧିବାସରେ ବୃନ୍ଦାବତୀଙ୍କ ନିକଟରେ ସ୍ଥାପନ କରିଥିଲେ। ସନ୍ଧ୍ୟାରେ ଆଖପାଖ ଗ୍ରାମଗୁଡିକରୁ ସଂକୀର୍ତ୍ତନ ମଣ୍ଡଳୀ ସବୁ ଆସି ନାମ ସଂକୀର୍ତ୍ତନ କରୁଛନ୍ତି। ସୋମବାର ସକାଳେ ନାମ ସଂକୀର୍ତ୍ତନ ସରିବା ପରେ ଶ୍ରଦ୍ଧାଳୁମାନେ ନଗର କୀର୍ତ୍ତନରେ ବେଡାରୀ, କୁଳତୁଠି ଓ ସୋଲପାଟ ଗ୍ରାମ ପରିକ୍ରମା କରିବେ ଓ ଅପରାହ୍ନରେ ଦଧିହାଣ୍ଡି ଭଙ୍ଗାଯିବା ପରେ ଅଷ୍ଟପ୍ରହର ନାମଯଜ୍ଞ ପରିସମାପ୍ତି ହେବ। ବେଡାରୀ ଗ୍ରାମର ଜନସାଧାରଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଧର୍ମୀୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗ୍ରାମର ଯୁବକ, ବୟସ୍କ ବ୍ୟକ୍ତି, ମହିଳା ସମସ୍ତଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଉଛି। ମୁଖ୍ୟ ପୁରୋଧା ଭାବେ ନରୋତ୍ତମ ପଣ୍ଡା ଓ ସହକାରୀ ପୁରୋଧା ଭାବେ ଆଚାର୍ଯ୍ୟ ଉପେନ୍ଦ୍ରନାଥ ଦାଶ ଠାକୁରଙ୍କ ଦେବ ନୀତି ସମ୍ପନ୍ନ କରୁଛନ୍ତି। ପ୍ରଶାନ୍ତ କୁମାର ବାରିକ ସହଯୋଗୀ ଭାବେ ପୁରୋଧାମାନଙ୍କୁ ସହଯୋଗ କରୁଛନ୍ତି। କର୍ତ୍ତା ଭାବେ ଅଭୟ କୁମାର ବେହେରା ଓ ଶ୍ରୀମତୀ ବେହେରା ଠାକୁରଙ୍କ ପାଇଁ ସମର୍ପିତ ଅଛନ୍ତି।

# ବିଶ୍ୱ ଖାଉଟି ଅଧିକାର ଦିବସ ପାଳନ

କେନ୍ଦ୍ରାପଡ଼ା, ୧୫।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାସ୍ତରୀୟ ଖାଉଟି ଅଧିକାର ଦିବସ ସହରର ଗୋପସ୍ଥିତ ସେଣ୍ଟ ଜାଭିୟର ସ୍କୁଲ ପରିସରରେ ରବିବାର ପାଳନ କରାଯାଇଛି। ସ୍ୱେଚ୍ଛାସେବୀ ଖାଉଟି ସଙ୍ଗଠନର ସମ୍ପାଦକ ମନୋଜ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଖାଉଟିଙ୍କ ଅଧିକାର ଓ ନିୟମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଠକେଇରେ ପଡିଥିବା ଖାଉଟି ହିତାଧିକାରୀ ବିନା ଖର୍ଚ୍ଚରେ ମକଦ୍ଦମା କରିପାରିବେ ବୋଲି ସୂଚନା ଦିଆଯାଇଥିଲା। ଏଥିରେ ବୈଧମାପ ବିଜ୍ଞାନ ବିଭାଗ ଜିଲା ଉପନିୟନ୍ତ୍ରକ ଲୀଳାମୟ ଦାସ, ସ୍କୁଲ ଅଧ୍ୟକ୍ଷ ଲଳିତ ନାରାୟଣ ରାଉତ, ଉପାଧ୍ୟକ୍ଷା ସୁଶ୍ରୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ କହିଥିଲେ, ପ୍ରତ୍ୟେକ ଦିନ ବିଭିନ୍ନ ସମୟରେ ଜଣେ ଲୋକ ନିଜର ଆବଶ୍ୟକ ସାମଗ୍ରୀ କ୍ରୟ କରୁଛନ୍ତି। ତେବେ କେତେକ କ୍ଷେତ୍ରରେ ସାମଗ୍ରୀର ଓଜନଠାରୁ ଆରମ୍ଭ କରି ଗୁଣମାନ କମ ରହୁଥିବା ଅନୁଭବ କରୁଛନ୍ତି। ଏପରି କ୍ଷେତ୍ରରେ ବିବାଦ ଉପୁଜିଥିଲେ ମଧ୍ୟ ତୃଣମୂଳସ୍ତରର ଏହି କ୍ରେତା ସରକାରୀ ନିୟମ ଓ ଖାଉଟି ଅଧିକାର ସମ୍ପର୍କରେ ଜଣା ନ ଥିବାରୁ ଠକେଇରେ ପଡୁଛନ୍ତି। ଏପରି ଠକେଇ ପାଇଁ ନିକଟସ୍ଥ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇ ପାରିଲେ ସମ୍ପୃକ୍ତ ବ୍ୟକ୍ତି ଉପଯୁକ୍ତ ନ୍ୟାୟ ପାଇପାରିବ। ଏଥିପାଇଁ ଖାଉଟିଙ୍କୁ ନିର୍ଦ୍ଦିଷ୍ଟ ସୀମାରେ ଥିବା ଟଙ୍କା କାରବାର କ୍ଷେତ୍ରରେ ବିବାଦ ସମାଧାନ ପାଇଁ ଟଙ୍କାଟିଏ ଖର୍ଚ୍ଚ ହେବ ନାହିଁ। ଅପରପକ୍ଷରେ ଏଠାରେ ତ୍ୱରିତ ନ୍ୟାୟ ମିଳୁଥିବାରୁ ଖାଉଟି ଲାଭବାନ ହେବେ। ଏହି ସଭାକୁ ଶିକ୍ଷକ ସଞ୍ଜୟ ମଥାନ ପରିଚାଳନା କରିଥିଲେ।

# ଏମ.ଜେ. ଷ୍ଟ୍ରାଇକର ଚାମ୍ପିୟନ

## ପ୍ରଣବ-ପ୍ରଦୀପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

ରାଜକନିକା, ୧୫।୩ (ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ପାରିନୁଆପଡା ଖେଳ ପଡିଆରେ ସ୍ଥାନୀୟ ବହୁରୂପା କ୍ଲବ ଆନୁକୂଲ୍ୟରେ ଚାଲିଥିବା ୪ର୍ଥ ପ୍ରଣବ-ପ୍ରଦୀପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଖେଳ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ.ଜେ. ଷ୍ଟ୍ରାଇକର ଭାରିଗଦା, ଇଗଲ ଷ୍ଟ୍ରାଇକର ବାନ୍ଧପଡାକୁ ୨୯ ରନରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏମ. ଜେ. ଷ୍ଟ୍ରାଇକର ପ୍ରଥମେ ବ୍ୟାଟିଂ କରି ୧୪. ୩ ଓଭରରେ ସମସ୍ତ ଉଇକେଟ ହରାଇ ୧୪୯ରନ କରିଥିଲା। ଜବାବରେ ଇଗଲ ଷ୍ଟ୍ରାଇକର ୧୫ ଓଭରରେ ୯ ଉଇକେଟ ହରାଇ ୧୨୦ ରନ କରି ପରାଜୟ ବରଣ କରିଥିଲା। ଯୁବ ସଙ୍ଗଠକ ଓ କ୍ରୀଡ଼ାବିତ ପବିତ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ମୁଖ୍ୟବକ୍ତା ଭାବେ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ, ସମ୍ମାନିତ ଅତିଥି ଭାବେ ୨୮ ନଂ. ଜୋନ ଜିଲାପରିଷଦ ସଦସ୍ୟ ପ୍ରତାପ




ଅତିଥିଙ୍କ ଗହଣରେ ଟ୍ରଫି ଓ ଚେକ୍ ସହ ଚାମ୍ପିୟନ ଦଳର ଖେଳାଳି।

କୁମାର ବେହେରା, ଯୁବ ସଙ୍ଗଠକ କ୍ଷୀରୋଦ କୁମାର ବେହୁରିଆ, ଗ୍ରାମ ମୁରବି ରାହାସ ବିହାରୀ ପରିଡା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ୩୩ ହଜାର ୩୩୩ ଟଙ୍କା ଓ ଉପ ବିଜେତା ଦଳକୁ ୨୫ ହଜାର ୫୫୫ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଚାମ୍ପିୟନ ଦଳର ଅମିତ ନାୟକ ଓ ଉପବିଜେତା ଦଳର ମଙ୍ଗଳା ଆଶିଷ ଧଳଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭ୍ୟ ନଳିନୀକାନ୍ତ ବେହେରା ଧନ୍ୟବାଦ ଦେଇଥିଲେ। କଳିଙ୍ଗ କିଶୋର ଜେନା ଓ ବିକ୍ରମ ଜେନା ଖେଳ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସଭାପତି ମୃତ୍ୟୁଞ୍ଜୟ ବରଜ, ସମ୍ପାଦକ କିଶୋର ରାଉତ, ସୁନୀଲ ବରଜ, ରୋହନ ପରିଡାଙ୍କ ସମେତ ବହୁରୂପା ଯୁବକ ସଂଘର ସମସ୍ତ ସଭ୍ୟ ଏଥିରେ ସହଯୋଗ କରିଥିଲେ।

# ମଣ୍ଡିରୁ ଉଠୁନାହିଁ ଧାନ, ୨ ଦିନ ହେଲା ଧାରଣାରେ ଚାଷୀ

## ପ୍ରଶାସନର ଦେଖା ନାହିଁ

ପଟ୍ଟାମୁଣ୍ଡାଇ, ୧୫।୩ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକରେ ଏକାଧିକ ମଣ୍ଡିରେ ଅବ୍ୟବସ୍ଥା ଲାଗି ରହିଥିବା ବେଳେ ଶ୍ୟାମସୁନ୍ଦରପୁର ସମ୍ପାଦକ ଚାଷୀଙ୍କୁ ହତସନ୍ତ କରୁଥିବା ବେଳେ ବହୁଦିନ ଧରି ଧାନ ପକାଇ ରଖିଛନ୍ତି। ଯାହାକୁ ନେଇ ଚାଷୀ ଶନିବାର ପୂର୍ବାହ୍ନରୁ ସମିତି ଆଗରେ ଧାରଣା ଦେଇଥିଲେ। ହେଲେ ଧାରଣାକୁ ଦୁଇଦିନ ବିତିଯାଇଥିବା ବେଳେ ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ଜିଲା ପ୍ରଶାସନର ଦେଖା ନ ଥିଲା। ମାତ୍ର ରବିବାର ଅପରାହ୍ନରେ ରାଜନଗର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଧାରଣାସ୍ଥଳରେ ପହଞ୍ଚି ଚାଷୀଙ୍କ ଅସୁବିଧା ବିଷୟରେ ବୁଝିଥିଲେ। ଏ ନେଇ ପୂର୍ବତନ ବିଧାୟକ ମହାନ୍ତି ଏଆର୍‌ସିଏସ୍ ଯୋଗେନ୍ଦ୍ର ବିଶ୍ୱାଳଙ୍କୁ ଫୋନ କରିଥିବା ବେଳେ ତାଙ୍କ ଫୋନ ବନ୍ଦ ଥିଲା। ତେଣୁ ପୂର୍ବତନ ବିଧାୟକ ମହାନ୍ତି କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଫୋନ କରି ଘଟଣା ସମ୍ପର୍କରେ ଜଣାଇ ଚାଷୀଙ୍କ ସମସ୍ୟା ସମାଧାନ କରିବାକୁ କହିଥିଲେ। ସିଏସ୍‌ଓଙ୍କୁ ଧାନ ଟାର୍ଗେଟ ବଢାଇବାକୁ କହିଥିଲେ। ଯଦି ଚାଷୀଙ୍କ ସମସ୍ୟା ସମାଧାନ ନ ହୁଏ ତେବେ ଆଗାମୀଦିନରେ ଚାଷୀଙ୍କ ଧାରଣାକୁ ସହଯୋଗ କରିବେ ବୋଲି ସେ ଚେତାଇ ଦେଇଛନ୍ତି ବୋଲି କହିଛନ୍ତି।



ଶ୍ୟାମସୁନ୍ଦରପୁର ମଣ୍ଡିରେ ଧାରଣା ଦେଇଥିବା ଚାଷୀମାନେ।

କିଛିଦିନ ହେବ ଶ୍ୟାମସୁନ୍ଦରପୁର ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ମଣ୍ଡିରେ ଦଲାଲଗିରି ଚାଲୁଥିବାରୁ ପ୍ରକୃତ ଚାଷୀଙ୍କୁ ଅଣଦେଖା କରାଯାଉଥିଲା। ଚାଷୀ ଟୋକେନ ପାଇ ମଧ୍ୟ ମଣ୍ଡିରେ ଧାନ ବିକ୍ରି କରି ପାରି ନ ଥିବା ବାରମ୍ବାର ଅଭିଯୋଗ କରିଆସୁଥିଲେ। ଯାହାକୁ ନେଇ ଶନିବାର ପୂର୍ବାହ୍ନରୁ ଚାଷୀମାନେ ବାଧ ହୋଇ ପାକ୍ସ ସମ୍ମୁଖରେ ଧାରଣା ଦେଇଥିଲେ। ଶନିବାର ସନ୍ଧ୍ୟା ପର୍ଯ୍ୟନ୍ତ କେହି ଚାଷୀଙ୍କ କଥା ଶୁଣି ନ ଥିଲେ ନା ଧାରଣା ସ୍ଥଳକୁ ଆସି ନ ଥିଲେ। ମାତ୍ର ସନ୍ଧ୍ୟାରେ ସମ୍ପାଦକ ଚାଷୀଙ୍କ ନିକଟକୁ ଆସି ମିଲରେ ଧାନ ନେଇଯିବାକୁ ସେମାନଙ୍କୁ ବାଧ କରିଥିଲେ। କିନ୍ତୁ ଏଥିରେ ଚାଷୀ ମନଉଣା କରିବାରୁ ସନ୍ଧ୍ୟାରେ ସମ୍ପାଦକ ତପନ ସ୍ୱାଇଁ ଓ ଜଗୁଆଳି ଗଙ୍ଗାଧର ମଳିକ ସେମାନଙ୍କୁ ଘଉଡାଇ ଦେବା ସହିତ ମାରଧର କରିଥିବା ନେଇ ଚାଷୀ ରବୀନ୍ଦ୍ର ଦାସ ଓ କୁଳମଣି ଦାସ ଏବଂ ଅନ୍ୟମାନେ ୧୧୨କୁ ଫୋନ କରି ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ଧାନ ନ ଯିବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଚାଷୀ ଅଜିତ କୁମାର ରାଉତ, ବାସନ୍ତ ରାଉତ, ସୁବାସ ରାଉତ, କୃପାସିନ୍ଧୁ ଦାସ, ଉମେଶ ସିଂ, ରବୀନ୍ଦ୍ର ନାୟକ, ବାବଜୀ ସ୍ୱାଇଁ, ଡମ୍ବରୁ ଧର ଦାସ, ମନୋରମା ରାଉତ ପ୍ରମୁଖ କହି ଧାରଣା ଅବ୍ୟାହତ ରଖିଥିଲେ। ରବିବାର ନବନିର୍ମାଣ କୃଷକ ସଙ୍ଗଠନ ଜିଲା ସଭାପତି ଦାଶରଥି ସାହୁ, ଦୋଳ ଗୋବିନ୍ଦ ସାହୁ, ଶିଶିର ଓଝା, କୃଷକ ନେତା ବିଜୟ ଦାସ, କଂଗ୍ରେସ ନେତା ବ୍ଲକ ସଭାପତି ପ୍ରକାଶ ମହାନ୍ତି ପ୍ରମୁଖ ସହଯୋଗ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଧାରଣାସ୍ଥଳରେ କୌଣସି ସରକାରୀ ଅଧିକାରୀ ପହଞ୍ଚି ନ ଥିବା ବେଳେ ଶାନ୍ତି ଶୃଙ୍ଖଳା ପାଇଁ ଗ୍ରାମାଞ୍ଚଳ ଥାନା ପକ୍ଷରୁ ପୋଲିସ ମୃତୟନ କାରାଯାଇଛି।

## ସଂକ୍ଷେପରେ

### ରାସ୍ତାରେ ଜଳିଗଲା ଇଲେକ୍ଟ୍ରିକ ସ୍କୁଟି, ବର୍ତ୍ତିଲେ ଚାଳକ



ଛତ୍ରପୁର,୧୫।୩(ଦିଲୀପ ସାମଲ)

ଚମାଖଣ୍ଡି ଛକଠାରୁ ବଣବୁଲାପଲ୍ଲୀ ଗ୍ରାମକୁ ଯିବା ରାସ୍ତାରେ ଏକ ଚଳନ୍ତା ଇଲେକ୍ଟ୍ରିକ ସ୍କୁଟିରେ କୌଣସି ପ୍ରକାରେ ନିଆଁ ଲାଗି ତାହା ସମ୍ପୂର୍ଣ୍ଣ ଜଳିଯାଇଛି। ସୌଭାଗ୍ୟବଶତଃ ଗାଡ଼ିରୁ ଓହ୍ଲାଇପଡି ଚାଳକ ବର୍ତ୍ତିଯାଇଛନ୍ତି। ଶନିବାର ବିଳମ୍ବିତ ରାତିରେ ବଣବୁଲାପଲ୍ଲୀ ଗ୍ରାମର ପି. ମଳୟ ରେଡ୍ଡୀ ଆଇଆରଇଏଲ କମ୍ପାନୀରୁ ଡ୍ୟୁଟି ସାରି ଇଲେକ୍ଟ୍ରିକ ସ୍କୁଟିରେ ଘରକୁ ଫେରୁଥିଲେ। ବାଟରେ ଗାଡିରେ ହଠାତ୍ ନିଆଁ ଲାଗି ଜଳି ଉଠିଥିଲା । ମଳୟ ଗାଡି ଛାଡି ଅଳ୍ପ ଦୂରକୁ ଚାଲିଆସି ଛତ୍ରପୁର ଦମକଳ କେନ୍ଦ୍ରକୁ ଫୋନରେ ଜଣାଇଥିଲେ । ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆ ଲିଭାଇଥିଲେ ମଧ୍ୟ ଗାଡିଟି ସମ୍ପୂର୍ଣ୍ଣ ପୋଡି ଯାଇଥିଲା । ଏନେଇ ମଳୟ ଚମାଖଣ୍ଡି ଥାନାରେ ଜଣାଇଛନ୍ତି ।

### ଅଟୋ ଦୁର୍ଘଟଣାଗ୍ରସ୍ତ, ଚାଳକ ଆହତ

ଭଞ୍ଜନଗର,୧୫।୩(ବାବୁଲା ପ୍ରଧାନ)

ଭଞ୍ଜନଗର ଥାନା ଅନ୍ତର୍ଗତ ବଡକୋଦଣ୍ଡା ଛକ ନିକଟରେ ରବିବାର ଭୋରରେ ଏକ ଡାଲା ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଚାଳକ ଗୋପାଳ କୃଷ୍ଣ ପାତ୍ର ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଆସିକା ନିକଟସ୍ଥ ମୁଣ୍ଡମରାଇ କେଶପୁରଶାସନ ଗ୍ରାମର ଗୋପାଳ ଅଟୋରେ ଗାଁ ଗାଁ ବୁଲି ଆଳୁ, ପିଆଜ, ରସୁଣ ବ୍ୟବସାୟ କରନ୍ତି। ଏଥିସହ ସେ ରୋଷେଇ କାର୍ଯ୍ୟ ମଧ କରନ୍ତି। ରବିବାର ସଂକ୍ରାନ୍ତି ଥିବାରୁ ଗୋପାଳ ରାତି ପ୍ରାୟ ସାଢେ ୩ଟାରେ ଜିନିଷସବୁ ଅଟୋରେ କୁଲାଡ ଆସୁଥିଲେ। ଭୋର ୫ଟାରେ ଆଖି ଲାଗିଯିବାରୁ ବଡକୋଦଣ୍ଡା ଛକ ନିକଟରେ ଘର ସମ୍ମୁଖରେ ଥିବା ବାବୁଲି ଗୌଡଙ୍କ କାରକୁ ପଛରେ ଅଟୋଟି ଧକ୍କା ହୋଇଥିଲା। ଏଥିରେ ଅଟୋ ଏବଂ କାର କ୍ଷତିଗ୍ରସ୍ତ ହୋଇଛି। ଭଞ୍ଜନଗର ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

### ସୃଜନ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର

ଛତ୍ରପୁର,୧୫।୩ (ଦିଲୀପ ସାମଲ)

ଛତ୍ରପୁର ସୃଜନ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟଠାରେ ଏକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। କବି ଡ. ପ୍ରଶାନ୍ତ ଶତପଥୀଙ୍କ ସଭାପତିତ୍ୱରେ ହୋଇଥିବା ଏହି ଆସରରେ ବହୁ କବି ଓ ସାହିତ୍ୟପ୍ରେମୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବି ସୋମନାଥ ସାହୁ, ଚିତ୍ତରଞ୍ଜନ ପଣ୍ଡା, ସନ୍ତୋଷ ବାଡ଼ତ୍ୟା ,ଶୈଳବାଳା ପାଣିଗ୍ରାହୀ, ରୀତା ରଥ, ଅଶ୍ୱିନୀ ଚୌଧୁରୀ, ଟି. ରାମାନୁଜ ଦାସ,ଦୁର୍ଗା ଚରଣ ପଲେଇ, ଏ. ବିଶ୍ୱମ୍ଭର, ନରେନ୍ଦ୍ର ପଣ୍ଡା, ଉମାକାନ୍ତ ବେହେରା ଓ ଅନ୍ୟମାନେ କବିତା ପାଠ କରିଥିଲେ। ବିଜୟ ବିଶ୍ୱାଳ ଆସରରେ ସଂଯୋଜନା କରିଥିଲେ। ଅଶ୍ୱିନୀ ଚୌଧୁରୀ ଧନ୍ୟବାଦ ଦେଇଥିଲେ।

### ମା' ଦଣ୍ଡକାଳୀ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ

ବୁଗୁଡ଼ା,୧୫।୩(କାଳୀଚରଣ ଦାଶ)

ବୁଗୁଡ଼ାରେ ଦଣ୍ଡକାଳୀଙ୍କ ଯାତ୍ରା ଉତ୍ସବ ପାଇଁ ମା'ମହାମାୟୀ ନାଟ୍ୟ ସଂଘ ତରଫରୁ ରବିବାର ମୀନ ସଂକ୍ରାନ୍ତି ଅବସରରେ ବଡ଼ଦାଣ୍ଡରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପ୍ରଥମେ ମା'କାଳୀ ମନ୍ଦିରରେ ଶୁଭଖୁଣ୍ଟି ପୂଜା ହେବାପରେ ସେଠାରୁ ମହାମାୟୀ ନାଟ୍ୟ ସଂଘର ସଭାପତି କେଦାରନାଥ ମହାରଣାଙ୍କ ତତ୍ତ୍ୱାବଧାନରେ ସଦସ୍ୟଗଣ ଶୁଭଖୁଣ୍ଟିକୁ ଧାରଣ କରି ଏକ ଶୋଭାଯାତ୍ରା କରି ସ୍ଥାନୀୟ ବଡ଼ଦାଣ୍ଡରେ ବିରାଜମାନ ଠାକୁର ଶ୍ରୀବଳଦେବ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ପୁଣି ପୂଜା କାର୍ଯ୍ୟ ସମ୍ପାଦନ କଳାପରେ ଠାକୁରଙ୍କ ଆଜ୍ଞାମାଳ ଅଣାଯାଇଥିଲା। ପରେ ମନ୍ଦିର ସମ୍ମୁଖ ବଡ଼ଦାଣ୍ଡରେ ପୂଜକ ରମେଶ ଚନ୍ଦ୍ର ପାଣିଙ୍କ ଦ୍ୱାରା ପୂଜାପାଠ କରାଯାଇ ଶୁଭଖୁଣ୍ଟିକୁ ସ୍ଥାପନ କରାଯାଇଛି। ଏଥିରେ କୃଷ୍ଣ ଚନ୍ଦ୍ର ମହାପାତ୍ର, ଆଲୋକ ଦାଶ, ସୁଜନ ଦାଶ, ସୁନୀଲ ନାୟକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଜିଲ୍ଲା ଶ୍ରମ ବିଭାଗ ପାଖରେ ନାହିଁ ତଥ୍ୟ

ପାରଳାଖେମୁଣ୍ଡି, ୧୫।୩(ଗିରିଧାରୀ ପରିଚ୍ଛା)



ବାହାର ରାଜ୍ୟକୁ ଯିବାପାଇଁ ପାରଳାଖେମୁଣ୍ଡି ପୁରୁଣାପାଟଣାଠାରେ ଏକାଠି ହୋଇଥିବା ଶ୍ରମିକମାନେ।

**ଦାଦନ ସମସ୍ୟା**

■ ପଞ୍ଜୀକରଣ କଥା କହି ଏଡ଼ାଇଗଲେ ଜିଲା ଶ୍ରମ ଅଧିକାରୀ

ଗଜପତି ଜିଲାରେ ରୋକି ହୋଇନି ଦାଦନ ସମସ୍ୟା। ଆଜି ମଧ ପରିବାର ପ୍ରତିପୋଷଣ ପାଇଁ ଜିଲାର ବିଭିନ୍ନ ଅଞ୍ଚଳରୁ ଲୋକେ ଦାଦନ ଖଟିବାକୁ ବିଭିନ୍ନ ରାଜ୍ୟକୁ ଯାଉଛନ୍ତି। କେହିକେହି ବାହାର ରାଜ୍ୟରେ କାମ କରି ଭଲ ରୋଜଗାର କରୁଛନ୍ତ ତ କେହି ନିର୍ଯାତିତ ହୋଇ ପୁଣି ଜନ୍ମମାଟିକୁ ଫେରୁଛନ୍ତି। ଏହାର ଫାଇଦା ନେଉଛନ୍ତି ଦଲାଲମାନେ। ସେମାନେ ବାହାର ରାଜ୍ୟ ଚେନାଇ, ହାଇଦ୍ରାବାଦ, ତିରୁଅନନ୍ତପୁରମ ପରି ଅଞ୍ଚଳରେ କାମ କରିବାକୁ ଚାହୁଁଥିବା ଶ୍ରମିକମାନଙ୍କ ଶ୍ରମ କମ୍ପାନୀ ମାଲିକମାନଙ୍କ ନିକଟରେ ବିକି ଏମାନଙ୍କୁ ସେଠାରେ ପହଞ୍ଚାଇ ଦେଉଛନ୍ତି । କେହି ଭଲରେ କାମ କରି ରହୁଛନ୍ତି ତ କେହି ନିର୍ଯାତିତ ହେଉଛନ୍ତି କମ୍ପାନୀ ମାଲିକମାନଙ୍କ ପାଖରେ।

ଦାଦନ ଶ୍ରମିକ ରୂପେ କାମ କରି ଫେରିଥିବା ରାଜେଶ ରଇତ, ଶ୍ରୀନିବାସ ରଇତ, ଦାଶରଥୀ ରଇତ କହନ୍ତି, ଗାଁରେ କାମ ନାହିଁ। ଆମର ଜମିବାଡି ନାହିଁ କି ଭାଗଚାଷ ନାହିଁ। ଯଦି କିଛି କାମ ଗ୍ରାମାଞ୍ଚଳରେ ମିଳୁଛି ଉପଯୁକ୍ତ ପାରିଶ୍ରମିକ ମିଳୁନି। ଦିନକୁ ମାତ୍ର ୨ଶହ ଟଙ୍କା ମଜୁରିରେ କାମ କଲେ ପରିବାର ଚଳିପାରୁନି। ଅଧିକ ରୋଜଗାର ଆଶାରେ ବାହାର ରାଜ୍ୟକୁ ଯିବା କଥା। ତେବେ ଗ୍ରାମାଞ୍ଚଳରେ ଏତେ କମ ମଜୁରି ଦେଇ କାମ କରାଉଥିଲେ ମଧ ସରକାର କି ପ୍ରଶାସନ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଗଜପତି ଜିଲାରେ ଶ୍ରମ ବିଭାଗର ରେକର୍ଡ ଅନୁସାରେ ୫ଜଣ ଠିକାଦାର ୩୫ ଜଣ ଶ୍ରମିକଙ୍କୁ କାମ କରିବାକୁ ବାହାର ରାଜ୍ୟକୁ ନେଇଛନ୍ତି। ମାତ୍ର ପ୍ରକୃତ ପକ୍ଷରେ ଏହାଠାରୁ ବହୁ ଅଧିକ ସଂଖ୍ୟକ ପ୍ରାୟ ୪ଲକ୍ଷ ଲୋକ ଗଜପତି ଜିଲାରୁ ବାହାର ରାଜ୍ୟ ଓ ଦୁବାଇ, ତେହେରାନ,ଇରାକ, ଇରାନ, ଆବୁଧବି, ସିଙ୍ଗାପୁର, ମାଲେସିଆ ପରି ଦେଶକୁ ଯାଇ ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରୁଛନ୍ତି।

ଜିଲାର ଗୋସାଣି ଏବଂ ଗୁମ୍ମା ବ୍ଲକର ଅନେକ ଲୋକ ଦଲାଲମାନଙ୍କ ସହ କାମ ପାଇଁ ବାହାର ରାଜ୍ୟକୁ ଯାଇଛନ୍ତି। ଏହାର ତାଲିକା ଶ୍ରମ ବିଭାଗ କି ଜିଲା ପ୍ରଶାସନ ପାଖରେ ନାହିଁ। ଯେତେବେଳେ ବାହାର ରାଜ୍ୟ କିମ୍ବା ଦେଶରେ କୌଣସି ଦୁର୍ଘଟଣା ଯୋଗୁ କୌଣସି ଶ୍ରମିକଙ୍କ ମୃତ୍ୟୁ ଘଟୁଛି ସେମାନଙ୍କୁ ସହାୟତା କରିବାକୁ ପ୍ରଶାସନ ତତ୍ପରତା ପ୍ରକାଶ କଲେ ମଧ ବିଶେଷ ସୁଫଳ ମିଳୁନି। ତେବେ କେଉଁ ଅଞ୍ଚଳ ଅବା ଗ୍ରାମର କେତେଜଣ ଲୋକ ବାହାରକୁ ଯାଇଛନ୍ତି, କାହା ସହ ଯାଇଛନ୍ତି କିମ୍ବା କେଉଁଠାରେ କାର୍ଯ୍ୟରତ ଅଛନ୍ତି ତାହାର କୌଣସି ସୂଚନା ଜିଲା ଶ୍ରମ ବିଭାଗ କିମ୍ବା ଜିଲା ପ୍ରଶାସନ ରଖିବାକୁ ଚାହୁଁ ନ ଥିବାରୁ ଆବଶ୍ୟକ ସମୟରେ ଶ୍ରମିକଟିର ପରିବାର ନିକଟରେ ପ୍ରଶାସନ ପହଞ୍ଚିପାରୁନାହିଁ।

ଗତ ୫ ବର୍ଷ ମଧ୍ୟରେ ସରକାରୀ ରେକର୍ଡ ଅନୁସାରେ ୨୮ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା କୁହାଯାଉଥିଲେ ହେଁ ବେସରକାରୀ ଭାବେ ଏହି ସଂଖ୍ୟା ବହୁ ଅଧିକ। ଏ ନେଇ ଜିଲା ଶ୍ରମ ଅଧିକାରୀ ଭାରତୀ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଯେଉଁମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି ସେମାନେ ସରକାରଙ୍କ ପୋର୍ଟାଲରେ ନିଜ ନାଁ ପଞ୍ଜୀକରଣ କରି ଯିବାକଥା। ଏହା ହେଲେ ସଂପୃକ୍ତ ବ୍ୟକ୍ତିଙ୍କ କୌଣସି ଅସୁବିଧା ହେଲେ ପ୍ରଶାସନ ସେମାନଙ୍କୁ ଠାବ କରି ସହାୟତା ଯୋଗାଇ ଦିଅନ୍ତା। ତାହା ହେଉ ନ ଥିବାରୁ ବିଭିନ୍ନ ସମୟରେ ସମସ୍ୟା ଉପୁଜୁଛି ବୋଲି ସେ କହିଥିଲେ।

# କୁକୁର ଖାଇଲେ ଅଲିଭ ରିଡଲେ ମୃତଦେହ

**ବନ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗ ପାଟ୍ରୋଲିଂକୁ ନେଇ ଉଠିଲା ପ୍ରଶ୍ନ**



ଛତ୍ରପୁର,୧୫।୩(ଦିଲୀପ ସାମଲ)

ଗଞ୍ଜାମ ଜିଲା ହରିପୁର ସମୁଦ୍ର ବେଳାଭୂମିରେ ବିରଳ ପ୍ରଜାତିର ଅଲିଭ ରିଡ଼ଲେ(ସାମୁଦ୍ରିକ କଇଁଛ)ଙ୍କ ଏକାଧିକ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି। ରବିବାର ଭୋରରୁ ଏଭଳି ଅଲିଭ ରିଡ଼ଲେଙ୍କ ମୃତଦେହ ବେଳାଭୂମିରେ ପଡିଥିବା ଏବଂ ଏହାକୁ କୁକୁର ଟାଣି ଖାଉଥିବା ପରି ଦୃଶ୍ୟ ସ୍ଥାନୀୟ ଲୋକେ ଦେଖିବାକୁ ପାଇ ମର୍ମାହତ ହୋଇଛନ୍ତି। ବର୍ତ୍ତମାନ ଅଲିଭ ରିଡ଼ଲେଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ସେମାନଙ୍କ ଏଭଳି ମୃତ୍ୟୁକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଲିଭ ରିଡ଼ଲେଙ୍କ କିଭଳି ମୃତ୍ୟୁ ହୋଇଛି ତାହା ଅସ୍ପଷ୍ଟ ଥିବା ବେଳେ ବନ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗର ପାଟ୍ରୋଲିଂକୁ ନେଇ ପ୍ରଶ୍ନ ଉଠିଛି। ପ୍ରତିବର୍ଷ ଅଣ୍ଡାଦାନ ପାଇଁ ହଜାର ହଜାର କିଲୋମିଟର ଦୂରରୁ ଆସୁଥିବା ଏହି ବିରଳ ଅଲିଭ ରିଡଲେଙ୍କ ମୃତ୍ୟୁ ପରିବେଶବିତ୍‌ଙ୍କୁ ବ୍ୟଥିତ କରିଛି। ଅଲିଭ ରିଡଲେଙ୍କ ସୁରକ୍ଷା ବ୍ୟବସ୍ଥା କରୁଥିବା ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ଆଙ୍ଗୁଳି ଉଠିଛି । ସମୁଦ୍ର ମଧ୍ୟରେ ବେଆଇନ ଭାବେ ଚାଲୁଥିବା ମାଛଧରା ଟ୍ରଲର ଯୋଗୁ ଅଧିକାଂଶ ଅଲିଭ ରିଡଲେଙ୍କ ମୃତ୍ୟୁ ହେଉଥିବା ଅଭିଯୋଗ ହେଉଛି। ଟ୍ରଲର ଜାଲରେ ଛନ୍ଦି ହୋଇ ଅବା ଗୁରୁତର ଆହତ ହୋଇ ସେମାନେ ପ୍ରାଣ ହରାଉଛନ୍ତି। ଅଲିଭ ରିଡଲେଙ୍କ ସୁରକ୍ଷା ପାଇଁ ସରକାରୀ ସ୍ତରରେ 'ନୋ ଫିସିଂ ଜୋନ' ଘୋଷଣା କରାଯାଇଥିଲେ ହେଁ ଏହାର କଡ଼ାକଡ଼ି ଅନୁପାଳନ ହେଉ ନଥିବାରୁ ଅଲିଭ ରିଡଲେଙ୍କ ସୁରକ୍ଷା ବିପନ୍ନ ହେଉଛି। ସୂଚନାଯୋଗ୍ୟ, ପ୍ରତିବର୍ଷ ନଭେମ୍ବର ୧ରୁ ମେ ୩୧ ତାରିଖ ପ୍ରଯ୍ୟନ୍ତ ଆର୍ଯ୍ୟପଲ୍ଲୀଠାରୁ ପ୍ରୟାଗି ପ୍ରଯ୍ୟନ୍ତ ନୋ ଫିସିଙ୍ଗ୍ ଜୋନ ରହିଛି।

# ତାମ୍ପରା ହ୍ରଦ,ବେଳାଭୂମି ସଫେଇ ଅଭିଯାନ



ଛତ୍ରପୁର/ଗଞ୍ଜାମ,୧୫।୩
(ଦିଲୀପ ସାମଲ/ବିଦ୍ୟାଧର ସାହୁ)

**ସାମିଲ ହେଲେ ଗଞ୍ଜାମ ଏସ୍‌ପି**

ପ୍ଲାଷ୍ଟିକ ଓ ପଲିଥିନ ପରିବେଶ ପାଇଁ ବିପଜ୍ଜନକ ସାଜିଛି। ଜନସାଧାରଣ ଏଥିରୁ କିପରି ଦୂରେଇ ରହିବେ ସେଥିପାଇଁ ସଚେତନ କରାଯାଉଛି। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ରବିବାର ତାମ୍ପରା ହ୍ରଦରେ ପହଞ୍ଚି ବେଳାଭୂମି ଏବଂ ହ୍ରଦ ସଫେଇ ଅଭିଯାନରେ ସାମିଲ ହୋଇ ପ୍ଲାଷ୍ଟିକ ଏବଂ ପଲିଥିନ ଗୋଟାଇ ସଫା କରିଥିଲେ । ଏଥିସହିତ ପରିବେଶ ସୁରକ୍ଷିତ ରଖିବା ନିମନ୍ତେ ବିଭିନ୍ନ ବାର୍ତ୍ତା ଦେଇଥିଲେ । କାର୍ଯ୍ୟକ୍ରମରେ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ କୁମାର ଘଡ଼ାଇ, ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ପୋଲିସ ରିଜର୍ଭ ଇନ୍ସପେକ୍ଟର ବିକାଶ ସେନାପତି, ସର୍ଜେଣ୍ଟ ଜଗନ୍ନାଥ ବରାଡ଼ଙ୍କ ସମେତ ବହୁ ପୋଲିସ କର୍ମଚାରୀ, ସ୍ଥାନୀୟ ଯୁବକ ଏବଂ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ । ସେହିପରି ବିଭିନ୍ନ ବେଳାଭୂମି ଅଞ୍ଚଳରେ ସ୍ଥାନୀୟ ଥାନା ପୋଲିସ ଓ ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିଲେ । କମ୍ୟୁନିଟି ପୋଲିସ ଅଧୀନରେ ଗଞ୍ଜାମ ପୋଲିସ ପକ୍ଷରୁ ଛତ୍ରପୁର ଗୌରୀ ଶଙ୍କର ମନ୍ଦିର ନିକଟ ଲାଇନସାହି ବନ୍ଧ, ଆର୍ଯ୍ୟପଲ୍ଲୀ ବେଳାଭୂମି, ହରିପୁର ବେଳାଭୂମି, ବଟେଶ୍ୱର ମନ୍ଦିର ବେଳାଭୂମି, ଚିଲିକା ହ୍ରଦ, ତାମ୍ପରା ହ୍ରଦଠାରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗଞ୍ଜାମ ଓ ରମ୍ଭା ଥାନା ଓ ହୁମା ଫାଣ୍ଡି ପୋଲିସ ପକ୍ଷରୁ ବଟେଶ୍ୱର ଓ ଗୋଖରକୁଦା ନିକଟସ୍ଥ ବେଳାଭୂମି ସଫେଇ କରାଯାଇଛି। ଏହି ସଫେଇରେ ବଟେଶ୍ୱର ଐତିହ୍ୟ ସଂରକ୍ଷଣ ପରିଚାଳନା କମିଟିର ୬ ଗ୍ରାମର ଯୁବ ଗୋଷ୍ଠୀ ସାମିଲ ହୋଇଥିଲେ।

### ଦକ୍ଷିଣ ପୂର୍ବ ସମ୍ଭାଗ ପ୍ରଧାନାଚାର୍ଯ୍ୟ ବୈଠକ

ପାରଳାଖେମୁଣ୍ଡି,୧୫।୩(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ପାରଳାଖେମୁଣ୍ଡିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ହୋଇଥିବା ଏହି ବୈଠକରେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ସରୋଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏଥିରେ ଫୁଲବାଣୀ, ଗଞ୍ଜାମ ଓ ଗଜପତି ଜିଲାକୁ ନେଇ ଗଠିତ ଦକ୍ଷିଣ ପୂର୍ବ ସମ୍ଭାଗ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରରୁ ୭୦ରୁଉର୍ଦ୍ଧ୍ୱ ପ୍ରଧାନ ଆଚାର୍ଯ୍ୟା ଆଚାର୍ଯ୍ୟମାନେ ଯୋଗ ଦେଇଥିଲେ। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ସୁବାଷ ଜମାଦାର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଶିକ୍ଷାବିକାଶ ସମିତି ଦକ୍ଷିଣ- ପୂର୍ବ ସମ୍ଭାଗର ନିରୀକ୍ଷକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଗୌରାଙ୍ଗ ପାଣିଗ୍ରାହୀ, ଦେବୀ ମଠର ମହନ୍ତ ରାମାନନ୍ଦ ଦାସଜୀ, ଶିକ୍ଷାବିକାଶ ସମିତି ପ୍ରାନ୍ତ ନିରୀକ୍ଷକ ଅଶିନୀ ନାୟକ, ପ୍ରାନ୍ତ ଶୈକ୍ଷିକ ସଂଯୋଜକ ଖଗେଶ୍ୱର ଦାସ, ଫୁଲବାଣୀ, ଗଞ୍ଜାମ ବିଭାଗ ନିରୀକ୍ଷକ ପଦ୍ମନାଭ ସାମଲ ଓ ସରୋଜ ପଟ୍ଟନାୟକ, ସମ୍ଭାଗ ସମ୍ପାଦକ ଦୀପକ ମହାରଣା, ବିଦ୍ୟାଳୟ ପରିଚାଳନା କମିଟ ଉପସଭାପତି ସଞ୍ଜୟ ଜେନା, ସମ୍ପାଦକ ଚନ୍ଦ୍ରଶେଖର ପଟ୍ଟନାୟକ, ସହସମ୍ପାଦକ ବିଭୂତି ଭୂଷଣ ରଥ, ସରିତା ପାଣିଗ୍ରାହୀ ଉପସ୍ଥିତ ଥିଲେ। ଆଗାମୀ ଶିକ୍ଷାବର୍ଷର ଶୈକ୍ଷିକ ଓ ଆର୍ଥିକ ଯୋଜନା ତଥା ଜାତୀୟ ଶିକ୍ଷାନୀତି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ସରୋଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ବୈଠକକୁ ଆଚାର୍ଯ୍ୟା ଆଚାର୍ଯ୍ୟମାନେ ପରିଚାଳନା କରିଥିଲେ।

### ଖମ୍ବେଶ୍ୱରୀ ଯାତ୍ରା ଲାଗି ଶୁଭଖୁଣ୍ଟି ସ୍ଥାପନ



ଆଜ୍ଞାମାଳ ନେଇ ଯାତ୍ରା ଆୟୋଜକମାନେ ଯାଉଛନ୍ତି।

ଆସିକା,୧୫।୩(ସୁରେନ୍ଦ୍ର ନାଥ ସାହୁ)

ଆସିକାର ଆରାଧ୍ୟା ଦେବୀ ମା' ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା ଆସନ୍ତା ଅପ୍ରିଲ ୨୬ ତାରିଖରେ ଅନୁଷ୍ଠିତ ହେବ। ଏଥିଲାଗି ରବିବାର ମଧ୍ୟାହ୍ନରେ ମନ୍ଦିର ପରିସରରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଶୁଭଖୁଣ୍ଟିକୁ ପୂଜାର୍ଚ୍ଚନା ପରେ ମା'ଙ୍କ ଆଜ୍ଞାମାଳ ଲାଗି କରାଯାଇ ସ୍ଥାପନ କରାଯାଇଛି। ମନ୍ଦିର କମିଟି ସଭାପତି ସତ୍ୟନାରାୟଣ ସ୍ୱାଇଁ, ସଂପାଦକ ସଚ୍ଚିଦାନନ୍ଦ ଖଟାଇ, ବରିଷ୍ଠ ପୂଜକ ମନୋଜ କୁମାର ମୁନି, ଯାତ୍ରା କମିଟି ସଭାପତି ନିମାଇ ପାଣିଗ୍ରାହୀଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥବଲେ। ଚୈତ୍ର ପୂର୍ଣ୍ଣିମା ଏପ୍ରିଲ ୨ରୁ ପ୍ରତ୍ୟହ ସନ୍ଧ୍ୟାରେ ବାଦ୍ୟବାଜଣା ପଟୁଆର ସହ ଠାକୁରାଣୀଙ୍କ ବିଜେ ପ୍ରତିମାକୁ ନଗର ପରିକ୍ରମା କରାଯିବ । ଏପ୍ରିଲ ୨୫ରେ ଏହି ଶୋଭାଯାତ୍ରାରେ ଠାକୁରାଣୀ ଯାଇ ୨୬ ତାରିଖରେ ଖମ୍ବେଶ୍ୱରୀପାଟଣାସ୍ଥିତ ଅସ୍ଥାୟୀ ମଣ୍ଡପରେ ବିଜେ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ୨୭ ତାରିଖ ପୂର୍ବାହ୍ନରେ ପୁଣି ମନ୍ଦିରକୁ ପ୍ରତ୍ୟାର୍ବନ କରିବା ଲାଗି ସ୍ଥିର ହୋଇଥିବା ଜଣାପଡିଛି ।

### ପୋଖରୀରେ ବୁଡି ନାବାଳକ ମୃତ

ଧରାକୋଟ,୧୫।୩
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ମୁଣ୍ଡମରାଇ ପଞ୍ଚାୟତ ଖଇରପୁଟି ଗାଁ ପୋଖରୀରେ ବୁଡି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ରତନ ନାହାକଙ୍କ ପୁଅ ପବିତ୍ର ନାହକ (୯)। ରବିବାର ଅପରାହ୍ନ ୫ଟାରେ ପବିତ୍ର ସାଙ୍ଗ ମାନଙ୍କ ସହିତ ପୋଖରୀରେ ଗାଧୋଉଥିବା ବେଳେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ଖବର ପାଇ ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାର ତାଙ୍କୁ ଉଦ୍ଧାର କରି ଧରାକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଧରାକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

### ଗ୍ରାସିମ୍ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଗଞ୍ଜାମ,୧୫।୩(ଅନାଥ ତରେଇ)

ସ୍ଥାନୀୟ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଗଞ୍ଜାମ ୟୁନିଟ୍ ପକ୍ଷରୁ ଚଳିତ ବର୍ଷର ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ସପ୍ତାହବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ କାରଖାନା ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କାରଖାନା ଓ ବଏଲର ବିଭାଗର ଉପ-ନିର୍ଦ୍ଦେଶକ ଅବନୀକାନ୍ତ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ସହକାରୀ ନିର୍ଦ୍ଦେଶକ ରଞ୍ଜିତ ନାୟକ ଯୋଗଦେଇ ସୁରକ୍ଷା ବ୍ୟବସ୍ଥାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାସିମ୍‌ର ୟୁନିଟ୍ ହେଡ୍ ଅଜୟ ଗୁପ୍ତା, ଫଙ୍କସନାଲ୍ ହେଡ୍ ନିରୋଜା ପଟ୍ଟନାୟକ, ଟେକ୍ନିକାଲ ହେଡ ରାକେଶ ସିଂ ଏବଂ ସୁରକ୍ଷା ବିଭାଗ ମୁଖ୍ୟ ମହେନ୍ଦ୍ର କୁମାର ବିଶ୍ୱାଳଙ୍କ ସମେତ ବହୁ ଅଧିକାରୀ, କର୍ମଚାରୀ ଓ ଶ୍ରମିକମାନେ ଉପସ୍ଥିତ ଥିଲେ। ଅତିଥିମାନେ କହିଥିଲେ ଯେ, ସୁରକ୍ଷା କେବଳ ଗୋଟିଏ ସପ୍ତାହର ପାଳନ ନୁହେଁ ବରଂ ଏହାକୁ ଜୀବନଶୈଳୀରେ ପରିଣତ କରିବା ଆବଶ୍ୟକୟ ଶିଳ୍ପ ସମୃଦ୍ଧି ସହିତ ଶ୍ରମିକଙ୍କ ଜୀବନର ସୁରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସୂଚନାଯୋଗ୍ୟ ଯେ, ଏହି ସପ୍ତାହ ମଧ୍ୟରେ କର୍ମଚାରୀ ଓ ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କ ମଧ୍ୟରେ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ଯଥା ସୁରକ୍ଷା ସ୍ଲୋଗାନ, ଚିତ୍ରାଙ୍କନ ଓ କୁଇଜ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କର୍ମଚାରୀମାନଙ୍କ ମଧ୍ୟରେ ସୁରକ୍ଷା ଭାବନା ଜାଗ୍ରତ କରିବା ପାଇଁ ଏହି ପ୍ରୟାସକୁ ଦିଗ୍‌ଦର୍ଶକମାନେ ଉଚ୍ଚ ପ୍ରଶଂସା କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଜେତାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବ କର୍ମଚାରୀମାନଙ୍କ ମଧ୍ୟରେ ଏକ ନୂତନ ଉତ୍ସାହ ଭରିବା ସହ 'ଶୂନ୍ୟ ଦୁର୍ଘଟଣା' ଲକ୍ଷ୍ୟ ହାସଲ କରିବା ଦିଗରେ ଏକ ଦୃଢ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି।

# ଜଳଭଣ୍ଡାର ପୁନରୁଦ୍ଧାରରେ ଅନିୟମିତତା ଅଭିଯୋଗ

ଖଜୁରିପଡ଼ା, ୧୫।୩(ବିଦୁର ବେହେରା)



**ଅଭିଯୋଗ ଆଣିଲେ ପାଣି ପଞ୍ଚାୟତ ସଭାପତି, କୋଷାଧ୍ୟକ୍ଷ**

ଖଜୁରିପଡ଼ା ବ୍ଲକ୍ ସମ୍ବେପଦର ଜଳଭଣ୍ଡାରର ପୁନରୁଦ୍ଧାର ଓ ଉନ୍ନତୀକରଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପାଣି ପଞ୍ଚାୟତର ସଭାପତି ଏବଂ କୋଷାଧ୍ୟକ୍ଷ ଅଭିଯୋଗ ଆଣିଛନ୍ତି। ୨ଟି ପୃଥକ୍ ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇଥିଲେ ହେଁ କାର୍ଯ୍ୟରେ ସ୍ୱଚ୍ଛତା ନ ଥିବାରୁ ଚାଷୀମାନେ ଜଳାଭାବର ସମ୍ମୁଖୀନ ହେଉଛନ୍ତି। ଜଳଭଣ୍ଡାର ପୁନରୁଦ୍ଧାର ନାଁରେ କେବଳ ଉପରଠାଉରିଆ କାମକରି ସରକାରୀ ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। କେନାଲ ସଫା କିମ୍ବା ବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟ ଠିକ୍‌ରେ ହୋଇନାହିଁ। ଘାସ ଛପର, ପଙ୍କ ମାଟି କାଢ଼ିବାରେ ମଧ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଚାଷୀ ଓ ପାଣି ପଞ୍ଚାୟତ ସମିତିର ସଭାପତି ପ୍ରକାଶ ସେଠୀଙ୍କ ଅଭିଯୋଗ ଅନୁଯାୟୀ, ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାରଙ୍କ ମଧ୍ୟରେ ଥିବା ସଲାସୁତରା ଯୋଗୁ ଅସମ୍ପୂର୍ଣ୍ଣ କାର୍ଯ୍ୟରେ ବିଲ୍ ପାସ୍ କରିଦିଆଯାଇଛି। ଫଳରେ ସରକାରୀ ପାଣ୍ଠିର ଖୋଲାଖୋଲି ହରିଲୁଟ୍ ଚାଲିଛି। ପାଣି ପଞ୍ଚାୟତ ଓ ଚାଷୀମାନଙ୍କୁ ଅନ୍ଧାରରେ ରଖି ଏହି କାର୍ଯ୍ୟ କରାଯାଇଛି। ଠିକ୍ ଭାବେ କେନାଲ ସଫେଇ ହୋଇ ନ ଥିବାରୁ ଚାଷଜମିକୁ ପାଣି ପହଞ୍ଚିପାରୁନାହିଁ, ଯାହା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଇଛି। ଯେଭଳି ଭାବେ କାମ ହେବା କଥା, ତାହା ହୋଇନାହିଁ। ଜଳଭଣ୍ଡାର ହୁଡ଼ାରେ କରାଯାଇଥିବା ଘାସ ଛପର ଶୁଖି ନଷ୍ଟ ହୋଇଯାଇଛି। ଜଳଭଣ୍ଡାର ଭିତରୁ ମାଟି ନ କାଢ଼ି ଉପରମୁଣ୍ଡରୁ ମାଟି କାଢ଼ି ଗଦାକରି ରଖିଛନ୍ତି। ବର୍ଷାଋତୁରେ ପୁଣି ଜଳଭଣ୍ଡାର ପୋତିହେବାର ସମ୍ଭାବନା ରହିଥିବା କୋଷାଧ୍ୟକ୍ଷ ଗୋଲକ ବିହାରୀ ମଲ୍ଲିକ କହିଛନ୍ତି। ସରକାରୀ ଅର୍ଥର ଦୁରୁପଯୋଗକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସଭାପତି ଓ କୋଷାଧ୍ୟକ୍ଷ ଦାବି କରିଛନ୍ତି। ଯଦି ଏହାର ସମାଧାନ କରାଯାଇ କାମର ସଂଶୋଧନ ନ ହୁଏ ତେବେ ଆଗାମୀ ଦିନରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ ହିତେଶ କୁମାର ପାଢ଼ୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯିବାରୁ ସେ ଫୋନ୍‌ରେ ପ୍ରତିକ୍ରିୟା ଦେଇହେବନାହିଁ ବୋଲି କହି ଫୋନ୍ କାଟି ଦେଇଛନ୍ତି। ଏନେଇ ଫୁଲବାଣୀ କ୍ଷୁଦ୍ରଜଳ ବିଭାଗର ଏସ୍‌ଡିଓ ଗୁଣନିଧି ପରିଗାଙ୍କୁ ପଚାରିବାରୁ ସେ କହିଛନ୍ତି, କାମର ସମ୍ପୂର୍ଣ୍ଣ ବିଲ୍ କରାଯାଇନାହିଁ। ଯଦି କାମରେ କୌଣସି ତ୍ରୁଟି ଥିବ ଆମେ ଠିକାଦାରଙ୍କୁ କହି କରାଇଦେବୁ। ଏବେ ସେ ବାହାରେ ଅଛନ୍ତି। ସେଠାରୁ ଆସିଲା ପରେ ଏହାର ତଦନ୍ତ କରାଯିବ ବୋଲି ଏସ୍‌ଡିଓ କହିଛନ୍ତି।

# ସାହିତ୍ୟ ଅନୁଭୂତିରୁ ସୃଷ୍ଟି ହୋଇଥାଏ

## ରାଜ୍ୟସ୍ତରୀୟ ସାହିତ୍ୟ ମହୋତ୍ସବ ମହାସମାରୋହ

**ବ୍ୟାସନଗର, ୧୫।୩ (ପବିତ୍ର ରଞ୍ଜନ ମହାନ୍ତି):**


ରାଜ୍ୟସ୍ତରୀୟ ସାହିତ୍ୟ ମହୋତ୍ସବ ମହାସମାରୋହରେ ଯୋଗଦେଇଥିବା ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ଆମ ସାହିତ୍ୟ ପରିବାର, ବ୍ୟାସନଗର ପକ୍ଷରୁ ରାଜ୍ୟସ୍ତରୀୟ ସାହିତ୍ୟ ମହୋତ୍ସବ ମହାସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି । ବ୍ୟାସନଗର ସ୍ଥିତ ଉତ୍ସବ ପ୍ୟାଲେସ ମଣ୍ଡପ ପରିସରରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ବ୍ୟଙ୍ଗକାର ଜ୍ଞାନ ହୋତା ଯୋଗଦେଇ ସାହିତ୍ୟ ଅନୁଭୂତିରୁ ସୃଷ୍ଟି ହେଇଥାଏ ବୋଲି କହିଥିଲେ । ଆଜି ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନାଘଟା ମଧ୍ୟରେ ଯୁଦ୍ଧ କରି କିଏ ନୋବେଲ ପୁରସ୍କାର ପାଇଁ ଲାଳାୟିତ ଥିବାବେଳେ ଜଣେ ସାହିତ୍ୟିକ ଯୁଦ୍ଧରେ ମୃତ ସୈନିକ ଓ ମା'କୁ ହରାଇଥିବା କୋମଳ ମତୀ ଶିଶୁର କ୍ରନ୍ଦନକୁ ଖୋଜିଥାଏ । ଏହିଭଳି ଭାବେ ଲେଖକଟିଏ ସମାଜର ଦର୍ପଣ ଭାବେ କାମକରେ ବୋଲି ମୁଖ୍ୟଅତିଥି ହୋତା ପ୍ରକାଶ କରିଥିଲେ ।

ମୁଖ୍ୟବକ୍ତା ଭାବେ ନାରୀ କଥାଶିଳ୍ପୀ ଜ୍ଞାପ୍ରବର୍ତ୍ତିକା ଦାଶ ଯୋଗଦେଇ ସମକାଳୀନ ଓଡ଼ିଆ ସାହିତ୍ୟରେ ଯୁବପିଢ଼ିର ଭୂମିକା ଓ ସୃଜନଶୀଳତା ବିଷୟରେ ମତ ପ୍ରକାଶ କରିଥିଲେ । ସମ୍ମାନିତ ବକ୍ତା ଭାବେ ଦାନଗଦି ବିଡିଓ ପ୍ରଦୀପ କୁମାର ସେଠୀ ଯୋଗଦେଇ ସାହିତ୍ୟ ଓ ସମାଜ ମଧ୍ୟରେ ଥିବା ଗାଢ଼ ସମ୍ପର୍କକୁ ଅବତାରଣ କରିଥିଲେ । ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଜଗବନ୍ଧୁ ସାମଲ ଯୋଗଦେଇ ସାହିତ୍ୟ ମାନବିକତାକୁ ଜାଗ୍ରତ କରିବାର ଶକ୍ତି ରଖିଥାଏ ବୋଲି କହିଥିଲେ ।

ଉତ୍ସବର ପ୍ରଥମ ଅଧିବେଶନରେ କବିତା ଆସର ଆୟୋଜନ କରାଯାଇଥିଲା । ଅନୁଷ୍ଠାନର ସହସମ୍ପାଦିକା ମଧୁସ୍ମିତା ନାୟକ, ଅନିନ୍ଦିତା ବେହେରା, ଅମୂଲ୍ୟ କୁମାର ସେନାପତି ଏବଂ ତାନଶ୍ରୀ ପାଣିଗ୍ରାହୀଙ୍କ ସଂଯୋଜନାରେ ୧୦୦ରୁ ଅଧିକ କବୟିତ୍ରୀକବି ସେମାନଙ୍କ ସ୍ୱରଚିତ କବିତା ଆବୃତ୍ତି କରି ସାହିତ୍ୟ ପ୍ରେମୀଙ୍କୁ ମନମୁଗ୍ଧ କରିଥିଲେ ଏବଂ ଅନୁଷ୍ଠାନ ପକ୍ଷରୁ ପ୍ରଶଂସା ପତ୍ର ଗ୍ରହଣ କରିଥିଲେ । ସଭା ପ୍ରାରମ୍ଭରେ ଅନୁଷ୍ଠାନର ଉପଦେଷ୍ଟା ପଣ୍ଡିତ ଅକ୍ଷୟ ଦାଶ ସାହିତ୍ୟ ଅନୁଷ୍ଠାନଙ୍କୁ ଉତ୍ସାହିତ କରିବାର ଲକ୍ଷ୍ୟ ନେଇ ଆମ ସାହିତ୍ୟ ପରିବାର ସାହିତ୍ୟ ଅନୁଷ୍ଠାନ ଗୁଡିକୁ 'ଉତ୍କର୍ଷ ସମ୍ମାନ' ପ୍ରଦାନ କରିବାର ପରମ୍ପରା ଆମକୁ ବେଶ ଆନନ୍ଦ ପ୍ରଦାନ କରିଛି ବୋଲି କହିଥିଲେ । ଏହି ସମାରୋହରେ ରାଜ୍ୟର ୮ ଜିଲାରୁ ଆସିଥିବା ୧୪ ବିଶିଷ୍ଟ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହା ସହିତ ସାହିତ୍ୟ ଓ ସାଂସ୍କୃତିକ କ୍ଷେତ୍ରରେ ସର୍ବକାଳୀନ ସଫଳତା ପାଇଁ ୪ଟି ସାହିତ୍ୟ ଅନୁଷ୍ଠାନ 'ଚଲାପଥ', କୋରାଇ ମଣ୍ଡଳ ସାହିତ୍ୟ ସଂସଦ, ଯାଜପୁର ଜିଲା ଲେଖକ ସମ୍ମେଳନ ଏବଂ ଜିଲା ଲେଖିକା ସଂସଦକୁ ଉତ୍କର୍ଷ ସମ୍ମାନ ପ୍ରଦାନ କରାଯାଇଥିଲା ।

ଅନୁଷ୍ଠାନର ସମ୍ପାଦକ ସରୋଜ କୁମାର ଶତପଥୀ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବାବେଳେ ସଭାପତି ଅଲେଖ ପ୍ରାସାଦ ମହାରଣା ସ୍ୱାଗତ ଭାଷଣ ଦେଇଥିଲେ । ଆମ ସାହିତ୍ୟ ପରିବାରର ସଂଗଠନ ସମ୍ପାଦକ ସୁଜିତ କୁମାର ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ । ମମତାମୟୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମାରୋହରେ ୨୦୦ରୁ ଅଧିକ ସାହିତ୍ୟିକ ଓ ସାହିତ୍ୟପ୍ରେମୀ ଯୋଗଦେଇ କାର୍ଯ୍ୟକ୍ରମକୁ ସ୍ମରଣୀୟ କରିଥିଲେ । ଉତ୍ସବରେ ଅନୁଷ୍ଠାନର କର୍ମକର୍ତ୍ତା ଅଶାନ୍ତି ସାମଲ, ପ୍ରତିଭା ପାତ୍ର, ପ୍ରସନ୍ନ ପରିଜାଙ୍କ ସମେତ ସମସ୍ତ ସଦସ୍ୟ, ବୁଦ୍ଧିଜୀବୀ ଓ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ । ଅତିଥିମାନେ ଆମ ସାହିତ୍ୟ ପରିବାରର ଏହି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ । ସଭ୍ୟ ମହେଶ୍ୱର ନାୟକ ଧନ୍ୟବାଦ ଦେଇଥିଲେ ।

# ମା' ତାରିଣୀ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ରସୁଲପୁର, ୧୫।୩ (ରଞ୍ଜିତ ରାଉତ):**



ରସୁଲପୁର ବ୍ଲକ ଅନ୍ତର୍ଗତ ଡିହକୁରାଂଶ ଗ୍ରାମରେ ମା' ତାରିଣୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଷ୍ଠା ଉତ୍ସବ ବୁଧବାର ୧୧ତାରିଖଠାରୁ ଆରମ୍ଭ ହୋଇ ଶନିବାର ୧୪ ତାରିଖରେ ଉଦ୍‌ଯାପିତ ହୋଇଛି । ୧୧ତାରିଖରେ ଅଙ୍କୁରାରୋପଣ, ଯଜ୍ଞଶାଳା ଶୋଧନ, ମଣ୍ଡଳୀକରଣ କରାଯାଇଥିଲା । ୧୨ ତାରିଖରେ ଗୋପାଳପୁର ନିକଟ ବ୍ରାହ୍ମଣୀ ନଦୀରୁ କଳସରେ ଜଳ ଅଣାଯିବା ପରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ଭଜନ ସନ୍ଧ୍ୟା, ରାତ୍ରି ୮ଟାରେ ଚନ୍ଦନେଶ୍ୱର ଲହୁଡି ଗ୍ରୁପ ଦ୍ୱାରା ଲହୁଡି ଖେଳ ପ୍ରଦର୍ଶନ କରାଯାଇଥିଲା । ୧୩ ଓ ୧୪ ତାରିଖରେ ସୂର୍ଯ୍ୟ ପୂଜା, ଗୋପୂଜା, ବିଗ୍ରହ ପ୍ରତିଷ୍ଠା, ଅପରାହ୍ନରେ ବିଗ୍ରହଙ୍କ ନଗର ଭ୍ରମଣ, ମନ୍ଦିର ପ୍ରବେଶ, ସନ୍ଧ୍ୟାରେ ଆରତୀ ଓ ପୁଷ୍ପାଞ୍ଜଳି ପ୍ରଦାନ ଆଦି ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।

କଟକ ଶିବମ ମେଲୋଡି ଗ୍ରୁପ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ରାତ୍ର ୮ଟାରେ ପୂର୍ଣ୍ଣାହୁତି ପର୍ବ ସମ୍ପନ୍ନ ହୋଇଥିଲା । ଇସ୍କନ କୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା । କର୍ତ୍ତାଭାବେ ଅରୁଣ ପଣ୍ଡା ଓ ଅଞ୍ଜନା ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ । ପଣ୍ଡିତ କେଶବ ରଥ, ମାନସ ପଣ୍ଡା, ଅଧୀର ପତି ଓ ଅତୁଲ୍ୟ ପଣ୍ଡା ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ସୁକାନ୍ତ ରାଉତ, ସ୍ମାରକ ପତି, ସଦାନନ୍ଦ ମଲିକ, ଚନ୍ଦନ ପୃଷ୍ଟି, ମନୋଜ ପଣ୍ଡା, ରାଜେଶ ରାଉତ, ନିଶିକାନ୍ତ ରାଉତ, ସାଗର ଦେବତା, ରବୀନ୍ଦ୍ର ଦାଶ ପ୍ରମୁଖଙ୍କ ସମେତ ମା' ତାରିଣୀ କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ପ୍ରତିଷ୍ଠା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ଯୁବକ ଗିରଫ

**ପାଟଣା, ୧୫।୩(ବୀର କିଶୋର ଦାଶ):**

କେନ୍ଦୁଝର ଜିଲା ପାଟଣା ଥାନା ପୋଲିସ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ରବିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଯୁବକ ସାହାରପଡ଼ା ବ୍ଲକ୍ ଦାମାହୁଦା ପଞ୍ଚାୟତ ଗୋୟାପଥର ଗ୍ରାମର ହରିଶ ମୁଣ୍ଡା(୨୧) । ପାଟଣା ଥାନାରେ ଏକ ମାମଲା(ନଂ. ୧୨୩/୨୬)ରୁଜୁ ହୋଇଥିବା ଥାନା ଅଧିକାରୀ ପ୍ରସାଦ ସାହୁ କହିଛନ୍ତି । ଅଭିଯୁକ୍ତ ନାବାଳିକାଙ୍କୁ ବଳାତ୍କାର କରିଥିବା ସ୍ୱୀକାର କରିଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଲକ୍ଷ୍ମଣ ମାଝୀ କହିଛନ୍ତି । ସୂଚନାଯୋଗ୍ୟ, ଶୁକ୍ରବାର ହରିଶ ୬ଷ୍ଠ ଶ୍ରେଣୀରେ ପଢୁଥିବା ନାବାଳିକାଙ୍କୁ ଏକୁଟିଆ ଦେଖି ବଳାତ୍କାର କରିଥିଲେ । ଶନିବାର ପୀଡ଼ିତାଙ୍କ ପରିବାର ପକ୍ଷରୁ ପାଟଣା ଥାନରେ ଅଭିଯୋଗ ପରେ ପୋଲିସ ପୀଡ଼ିତାଙ୍କ ଡାକ୍ତର ପରୀକ୍ଷା କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି ।

# ଗୌରୀଶଙ୍କର ମନ୍ଦିର ପ୍ରତିଷ୍ଠା ଉତ୍ସବ

**ରସୁଲପୁର, ୧୫।୩(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଓଡ଼ଙ୍ଗ ଝାଟିଆଶାସନ ଗ୍ରାମରେ ଗୌରୀଶଙ୍କର ମହାଦେବଙ୍କ ଭବ୍ୟ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ୩ଦିନ ଧରି ଚାଲି ଥିବା ଏହି ପ୍ରତିଷ୍ଠା ଉତ୍ସବରେ ପ୍ରଥମ ଦିନ ଅଙ୍କୁରାରୋପଣ, ଯଜ୍ଞମଣ୍ଡପ ଶୋଧନ, ମଣ୍ଡଳ ନିର୍ମାଣ ଓ ଅପରାହ୍ନରେ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ କଳସ ଶୋଭାଯାତ୍ରା ଆଦି କରାଯାଇଥିଲା । ଦ୍ୱିତୀୟ ଦିବସରେ ସକାଳ ୭ଟାରେ ବେଦପାଠ, ସୂର୍ଯ୍ୟପୂଜା, ଗୋପୂଜା, ବିଗ୍ରହମାନଙ୍କର ମହାସ୍ନାନ, ଗୀତପାଠ, ଚଣ୍ଡୀପାଠ, ରୁଦ୍ରାଧ୍ୟାୟୀ ପାଠ, ସନ୍ଧ୍ୟାରେ ଆରତୀ ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା । ତୃତୀୟ ଦିବସରେ ସକାଳ ୭ଟାରେ ସୂର୍ଯ୍ୟପୂଜା, ଗୋପୂଜା, ସମସ୍ତ ବିଗ୍ରହଙ୍କ ନ୍ୟାସ, ପ୍ରାଣପ୍ରତିଷ୍ଠା, ମନ୍ଦିର ଶିଖରେ ଆୟୁଧ ସ୍ଥାପନ, ଧ୍ୱଜା ଉନ୍ମୋଚନ, ଶ୍ରୀବିଗ୍ରହଙ୍କୁ ମନ୍ଦିର ପ୍ରବେଶ ଓ ମନ୍ଦିର ଲୋକାର୍ପଣ କରାଯାଇଥିଲା । ରାତି ୮ଟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । କର୍ତ୍ତାଭାବେ ଜଳଧର ଦାଶ, ଚପଳା ଦାଶ, ଉପକର୍ତ୍ତାଭାବେ ମନୋଜ ଦାସ, ପୁଷ୍ପଲତା ଦାଶ, ଦିଲୀପ ଦାଶ, ରୀତାଞ୍ଜଳି ଦେବତା, ଅନିଲ ଦାଶ, ମଞ୍ଜୁବାଳା ଦାଶ, ପ୍ରଣୟ ଦାଶ, ବିନୋଦିନୀ ରଥ, ବିଶ୍ୱନାଥ ଦାଶ, ମିନତି ଦାଶ, ଆଦିତ୍ୟ ଦାଶ, ସୁଶାନ୍ତ ଦାଶ, ସୁବାସ ଦାଶ ସତ୍ୱିକ ଦାୟିତ୍ୱ ନିର୍ବାହ କରିଥିଲେ । ଆଲୋକ ପଣ୍ଡିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅମର ଦାଶ, ପ୍ରବୀର କର, ପ୍ରଭୁପାଦ ରଥ, ସୌଭାଗ୍ୟ ଦାଶ, ଶ୍ରୀନିବାସ ପଣ୍ଡା, ଜୟ ପ୍ରକାଶ ରଥ ପ୍ରମୁଖ ପଣ୍ଡିତ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ଶେଷ ଦିବସରେ ଇସ୍କନ କୀର୍ତ୍ତନ ଗ୍ରୁପ ପକ୍ଷରୁ ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା ।



# ବିଶାଳ ସ୍ୱାସ୍ଥ୍ୟ ଶିବିର


ଶିବିରରେ ଯୋଗଦେଇଥିବା ଡାକ୍ତର ଓ ଅନ୍ୟ କର୍ମଚାରୀ ।

**ସିଂହପୁର, ୧୫।୩(ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ୍ ଅଧୀନ ରାହାସ ଗୁହାଳି ଉଦୟ ଭାନୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସମ୍‌ହସ୍ପିଟାଲ-୨ ନଖରାର ବରିଷ୍ଠ ଡାକ୍ତରଙ୍କ ସହଯୋଗରେ ରବିବାର ଗୁହାଳି ଭାସ୍କର ସାମଲ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ବିଶାଳ ସ୍ୱାସ୍ଥ୍ୟ ଶିବିର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚର୍ମ, ଶିଶୁ ରୋଗ, ଚକ୍ଷୁ, ଦାନ୍ତ, ଅସ୍ତ୍ରୋପଚାର, ଗଳା, ନାସା ଓ କର୍ଣ୍ଣ, ମେଡିସିନ, ଅସ୍ଥିସଲ୍ୟ ବିଭାଗ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଛି । ଏଥିସହିତ ମଧୁମେହ ଓ ଇସିଜି ପରୀକ୍ଷା କରାଯାଇଛି ।

୭୫୦ ରୋଗୀ ଯୋଗଦେଇ ଡାକ୍ତରଙ୍କୁ ନିଜ ସ୍ୱାସ୍ଥ୍ୟ ବିଷୟରେ ଅବଗତ କରାଇ ପରାମର୍ଶ ନେଇଥିଲେ । ସାହିତ୍ୟ ସଂସଦ ସଭାପତି ବ୍ରଜସୁନ୍ଦର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ପ୍ରମୋଦ ସାମଲ, ରବି ନାରାୟଣ ସାମଲ, ସରୋଜ ମଲ୍ଲିକ, ଇଂ. ବାଙ୍କ ବିହାରୀ ସାମଲ, ଦୀନବନ୍ଧୁ ସାହୁ, ରବୀନ୍ଦ୍ର ସାମଲ, ଭାରତ ଭୂଷଣ ମଲ୍ଲିକ, ପ୍ରଫୁଲ୍ଲ କୁମାର ବେହେରା, ପ୍ରଦୀପ ସାମଲ, ରାମଚନ୍ଦ୍ର ନାୟକ, ସାଗର ସଙ୍ଗମ ଧଳ, ସୁଧାଂଶୁ ଶେଖର ଧଳ, ଶଙ୍କର୍ଷଣ ମଲ୍ଲିକ, ନରେନ୍ଦ୍ର ନାୟକ ଓ ମାଧବାନନ୍ଦ ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ । ବିଦ୍ୟାଳୟର ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର ଯୋଗଦେଇ ସହଯୋଗ କରିଥିଲେ ।

# ୧୯୭୭ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



**ବିଞ୍ଝାରପୁର, ୧୫।୩(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକର ସର୍ବପୁରାତନ ଶିକ୍ଷାନୁଷ୍ଠାନ କଲ୍ୟାଣପୁରସ୍ଥିତ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୭ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ସହକାରୀ ଆବାସ ପ୍ରଦ୍ୟୋଗ କାର୍ଯ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର କମଳାକାନ୍ତ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବରେ ସହକାରୀ ଆବାସ ପ୍ରଦ୍ୟୋଗର ମାର୍ଗଦର୍ଶକ ସୁଶାନ୍ତ କୁମାର ମିଶ୍ର, ଅଧ୍ୟକ୍ଷ ପ୍ରତୀକ ମିଶ୍ର, ସମ୍ପାଦିକା ସେହ୍ନଲତା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ୧୯୭୭ ମାଟ୍ରିକ ବ୍ୟାଚର ଦିବଗଂତ ଛାତ୍ର ପ୍ରଶାନ୍ତ ମିଶ୍ରଙ୍କ ଅନୁପସ୍ଥିତର ଅଭାବକୁ ମନେପକାଇବା ସହିତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ତାଙ୍କୁ ଉତ୍ସର୍ଗିତ କରିଥିଲେ । ଏହିକାର୍ଯ୍ୟକ୍ରମରେ ମିଶ୍ରଙ୍କର କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ବାସନ୍ତୀ ମିଶ୍ର, କିଶୋର ସାହୁ, ହରିଶ୍ଚନ୍ଦ୍ର ସାହୁ, ଅଶୋକ ସାହୁ, ଶରତ ଚନ୍ଦ୍ର ରଣା, ବିକ୍ରମ ଦାସ, ଦୁର୍ଗାପ୍ରସାଦ ସାହୁ, ଶ୍ରୀଧର ଦାସ, କୈଳାସ ଜେନା, ରବୀନ୍ଦ୍ର ବିଶ୍ୱାଳ, ସୀତାକାନ୍ତ ପତି, ମନୋଜ ବିହାରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନିଜ ପ୍ରିୟ ସାଥୀ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ ।

# ବିଶ୍ୱ ଖାଉଟି ଅଧିକାର ଦିବସ ପାଳନ

**କେନ୍ଦ୍ରାପଡ଼ା, ୧୫।୩ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାସ୍ତରୀୟ ଖାଉଟି ଅଧିକାର ଦିବସ ସହରର ଗୋପସ୍ଥିତ ସେଣ୍ଟ ଜାଭିୟର ସ୍କୁଲ ପରିସରରେ ରବିବାର ପାଳନ କରାଯାଇଛି । ସ୍ୱେଚ୍ଛାସେବୀ ଖାଉଟି ସଙ୍ଗଠନର ସମ୍ପାଦକ ମନୋଜ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଖାଉଟିଙ୍କ ଅଧିକାର ଓ ନିୟମ ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିସହ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଠକେଇରେ ପଡିଥିବା ଖାଉଟି ହିତାଧିକାରୀ ବିନା ଖର୍ଚ୍ଚରେ ମକଦ୍ଦମା କରିପାରିବେ ବୋଲି ସୂଚନା ଦିଆଯାଇଥିଲା । ଏଥିରେ ବୈଧମାପ ବିଜ୍ଞାନ ବିଭାଗ ଜିଲା ଉପନିୟନ୍ତ୍ରକ ଲୀଳାମୟ ଦାସ, ସ୍କୁଲ ଅଧ୍ୟକ୍ଷ ଲଳିତ ନାରାୟଣ ରାଉତ, ଉପାଧ୍ୟକ୍ଷା ସୁଶ୍ରୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସେମାନେ କହିଥିଲେ, ପ୍ରତ୍ୟେକ ଦିନ ବିଭିନ୍ନ ସମୟରେ ଜଣେ ଲୋକ ନିଜର ଆବଶ୍ୟକ ସାମଗ୍ରୀ କ୍ରୟ କରୁଛନ୍ତି । ତେବେ କେତେକ କ୍ଷେତ୍ରରେ ସାମଗ୍ରୀର ଓଜନଠାରୁ ଆରମ୍ଭ କରି ଗୁଣମାନ କମ ରହୁଥିବା ଅନୁଭବ କରୁଛନ୍ତି । ଏପରି କ୍ଷେତ୍ରରେ ବିବାଦ ଉପୁଜିଥିଲେ ମଧ୍ୟ ତୃଣମୂଳସ୍ତରର ଏହି କ୍ରେତା ସରକାରୀ ନିୟମ ଓ ଖାଉଟି ଅଧିକାର ସମ୍ପର୍କରେ ଜଣା ନ ଥିବାରୁ ଠକେଇରେ ପଡୁଛନ୍ତି । ଏପରି ଠକେଇ ପାଇଁ ନିକଟସ୍ଥ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇ ପାରିଲେ ସମ୍ପୃକ୍ତ ବ୍ୟକ୍ତି ଉପଯୁକ୍ତ ନ୍ୟାୟ ପାଇପାରିବ । ଏଥିପାଇଁ ଖାଉଟିଙ୍କୁ ନିର୍ଦ୍ଦିଷ୍ଟ ସୀମାରେ ଥିବା ଟଙ୍କା କାରବାର କ୍ଷେତ୍ରରେ ବିବାଦ ସମାଧାନ ପାଇଁ ଟଙ୍କାଟିଏ ଖର୍ଚ୍ଚ ହେବ ନାହିଁ । ଅପରପକ୍ଷରେ ଏଠାରେ ତ୍ୱରିତ ନ୍ୟାୟ ମିଳୁଥିବାରୁ ଖାଉଟି ଲାଭବାନ ହେବେ । ଏହି ସଭାକୁ ଶିକ୍ଷକ ସଞ୍ଜୟ ମଥାନ ପରିଚାଳନା କରିଥିଲେ ।

# ଦେଶୀମଦ ଜବତ, ଜଣେ ଗିରଫ

**ପାଣିକୋଇଲି, ୧୫।୩ (ବିକାଶ ଚନ୍ଦ୍ର ମଲ୍ଲିକ):**

ପାଣିକୋଇଲି ପୋଲିସ ସନ୍ଧ୍ୟାକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୫ ଲିଟର ୪୦୦ମିଲି ଲିଟର ଦେଶୀ ମଦ ଜବତ କରିଛି । ଗିରଫ ଅଭିଯୁକ୍ତ ହେଲେ ବଡ଼ବରୁଣାଇପଦା ଗ୍ରାମର ଜିତୁଆ ଦାସ(୩୮) । ଏନେଇ ଥାନାରେ ଏକ ମାମଲା ନଂ.୮୦/୨୬ ରୁଜୁ ହୋଇଛି । ପୋଲିସ ତଣ୍ଡରା, ବରେଇ ଆଦି ସ୍ଥାନ ବୁଲି ଆସିବା ପରେ ବଡବରୁଣାଇପଦାକୁ ଯାଇଥିଲା । ସେଠାରେ ଅଭିଯୁକ୍ତଙ୍କ ଉପରେ ସନ୍ଦେହ ହେବାରୁ ତାଙ୍କୁ ଗିରଫ କରିଥିଲା ।

# ୯ ଦିନ ଯାଜପୁର ଜିଲା ଭ୍ରମଣ କରିବ ଶ୍ରୀରାମଙ୍କ ରଥ


ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଭୂୟାଁ ଚାରିଟେବୁଲ୍ ଟ୍ରଷ୍ଟ କର୍ମକର୍ତ୍ତା ଓ ସାଧୁସନ୍ଥ ।

**ଯାଜପୁର ଟାଉନ, ୧୫।୩ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):**

ପ୍ରଭୁ ଶ୍ରୀରାମଙ୍କ ନୀତିବାଣି ଲୋକଙ୍କ ନିକଟରେ ପହଞ୍ଚାଇବା, ହିନ୍ଦୁ ଧର୍ମର ସୁରକ୍ଷା, ସନାତନ ଧର୍ମର ପ୍ରଚାର ପ୍ରସାର କରାଇବା ସହ ସନାତନ ଧର୍ମର ନୀତିଆଦର୍ଶକୁ ପ୍ରତି ଘରେ ପହଞ୍ଚାଇବା, ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରିବା, ଭାଗବତର ବାଣିକୁ ପ୍ରତି ଘରେ ପହଞ୍ଚାଇବା, ଓଡ଼ିଆ ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ଉଦ୍‌ଜୀବିତ କରିବା ଲକ୍ଷ୍ୟ ନେଇ ଗୋପୀନାଥ ଗଜପତି ଭୂୟାଁ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଆସନ୍ତା ୧୯ତାରିଖରୁ୨୭ ତାରିଖ ୯ଦିନ ପର୍ଯ୍ୟନ୍ତ ଯାଜପୁର ଜିଲା ସଦର ମହକୁମା ସହ ଜିଲାର ସମସ୍ତ ବ୍ଲକ, ମଠ, ମନ୍ଦିର, ଧାର୍ମିକ ସ୍ଥଳକୁ ପ୍ରଭୁ ଶ୍ରୀରାମଙ୍କ ଭ୍ରମଣ ରଥ ପରିକ୍ରମା କରିବ । ଯାଜପୁର ବ୍ଲକ ସିମିଳିଆ ପଞ୍ଚାୟତ ଗୃହରେ ଟ୍ରଷ୍ଟର ଅଧ୍ୟକ୍ଷ ଗୋପିନାଥ ଗଜପତି ଭୂୟାଁ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ପ୍ରଥମ ଦିନରେ ପ୍ରଭୁ ଶ୍ରୀରାମଙ୍କ ରଥର ଯାଜପୁର ରାମ ମନ୍ଦିରରେ ପୂଜାର୍ଚ୍ଚନା କରାଯିବ । ୨୦ ତାରିଖରେ ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ଆଜ୍ଞା ମାଳ ନେଇ ରଥ ମନ୍ଦିର ସମ୍ମୁଖରୁ ପରିଭ୍ରମଣର ଶୁଭାରମ୍ଭ ହେବ । ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ରଥ ଭ୍ରମଣର ଶୁଭାରମ୍ଭ କରିବେ । ଏହି ଖବରଦାତା ସମ୍ମିଳନୀରେ ପାଇକରାପୁର କଣ୍ଟିଗଡ଼ିଆ ଜୟନ୍ତ ଆଶ୍ରମର କାହ୍ନା ବାବା, ଗାଦି ଗୋସେଇଁ ମଠ ମହନ୍ତ ଲିଳା ଅବତାର ଗୀତାଯୋଗୀ ବାବା ରବିନାରାୟଣ, ପଣସା ମଠ ମହନ୍ତ ରାଧାକୃଷ୍ଣ ମହାରାଜ, ଗୋବିନ୍ଦ ନନ୍ଦ ସରସ୍ୱତୀ ମହାରାଜ ଚିତ୍ରକୁଟ, ମହେନ୍ଦ୍ରନାଥ ପ୍ରମୁଖ ଯୋଗଦେଇଥିଲେ ।

# ପିକ୍‌ଅପ୍ ସହ ମଦ ଜବତ, ୩ ଗିରଫ

**ହାଟଡିହୀ/ବଞ୍ଚୋ, ୧୫।୩(ଶୁଭକାନ୍ତ ନାୟକ/ ପ୍ରଦୋଷ କୁମାର ବିଶ୍ୱାଳ):**

କେନ୍ଦୁଝର ଜିଲା ଆନନ୍ଦପୁର ଉପଜିଲାପାଳ ନୀଳ ମାଧବ ସୁନାଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ରବିବାର ବିଭିନ୍ନ ସ୍ଥାନରେ ଚଢ଼ାଉ ହୋଇଛି । ଆନନ୍ଦପୁର ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ, ହାଟଡ଼ିହୀ ଅବକାରୀ ଥାନା ଷ୍ଟାଫଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ଘଷିପୁରା ଥାନା ବାଲିପାଳ ଓ ନନ୍ଦିପଦା ଥାନା ଅନ୍ତର୍ଗତ ଅଁରା, ପୁରୁଣାପାଣି ଅଞ୍ଚଳରେ ଚଢ଼ାଉ କରି ୭ କୁଇଣ୍ଟାଲ ୨୦ କିଗ୍ରା ମହୁଲ ଫୁଲ, ୧୭୨ଲିଟର ଦେଶୀ ମଦ ଓ ୨୨୦୦ ଲିଟର ପୋଚ ଓ ଏକ ପିକ୍‌ଅପ୍ ଜବତ କରିଛି । ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଥିବା ଉପ ଜିଲାପାଳ କହିଛନ୍ତି ।

# ଟ୍ରେଲର ଧକ୍କାରେ ବାଇକ୍ ଆରୋହୀ ମୃତ

ଆନନ୍ଦପୁର, ୧୫।୩(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ୨୦ ନମ୍ବର ଜାତୀୟ ରାଜପଥ ଧକୋଠା ନିକଟରେ ରବିବାର ଟ୍ରେଲର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଟକରା ଗାଁର ଜିତୁ ତନ୍ତୀ । ସେ ଘଟଗାଁ ମା' ତାରିଣୀଙ୍କ ଦର୍ଶନ ସାରି ଆନନ୍ଦପୁର ଅଭିମୁଖେ ଆସୁଥିଲେ । ଧକୋଠା ନିକଟରେ ଟ୍ରେଲର ପଛପଟୁ ଧକ୍କା ଦେଇ ରାସ୍ତା ତଳକୁ ଖସିପଡ଼ିଥିଲା । ଗୁରୁତର ଅବସ୍ଥାରେ ଉଭୟ ଟ୍ରେଲର ଏବଂ ବାଇକ ଚାଳକଙ୍କୁ ସ୍ଥାନୀୟ ଲୋକେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ।


यूनाइटेड इंडिया इंश्युरेन्स कं.लिमिटेड
UNITED INDIA INSURANCE CO. LTD.
(A Government of India Undertaking)
REGIONAL OFFICE: BHUBANESWAR, OCHC BUILDING, 5TH FLOOR, KHARAVELA NAGAR, UNIT-III, BHUBANESWAR-751001, PH: 0674-2391138
IRDA REGN. NO.545 CIN. U93090TN1938GOI000108

PUBLIC NOTICE: MERGER / RELOCATION OF OFFICES

This is for the information of general public that as part of our Company's business consolidation plans, our valuable clients of the following office that is located in the State of Odisha will now be serviced by our other office w.e.f. **31.05.2026**. Clients will continue to enjoy uninterrupted services from the nearest or new location given below as well as online:

| EXISTING OFFICE (OFFICE NAME & ADDRESS) | FUTURE SERVICING OFFICE (OFFICE NAME, ADDRESS & CONTACT NO.) |
|---|---|
| Micro Office: Keonjhar Address: Floor No.: 1, in front of Hotel Kashvi, Madhapur, Keonjhar, Odisha – 758001 | Business Office: Barbil Address: Pandya Trade Centre, Floor No.: 1, Main Road BPO, Barbil, Keonjhar, Odisha – 758035, Contact No.: 8249771033 |

Bhubaneswar, Date: 16.03.2026 Sd/- Chief Regional Manager



OHPC
ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/POST : BARINIPUT, DIST. : KORAPUT (ODISHA) - 764006
Phone : 06854-242001, Fax : 06854-242038, E-mail ID : sgmel.ukhep@gmail.com

TENDER CALL NOTICE NO. UKHEP : No. 51/2025-26 Dated : 09.03.2026

**No.4001/67/2526** : Sealed Tenders are invited in single bid basis from Vehicle Owners/Travel Agencies/individuals fulfilling the eligibility criteria as per the tender specification for the work as mentioned below :

| Sl. No. | Description/Type of Vehicle | Cost of Tender Paper (in Rs.) (Non-refundable) | EMD (in Rs.) (Refundable) |
|---|---|---|---|
| 1 | Deployment of 01 (One) No Diesel Run Hired Vehicle Bolero (BS-VI, Closed Body) for Official Work of Officers' of Utility Division, UKHEP, Bariniput For a Period of 48 Months From 2026-27 to 2030-31 | Rs.7080/- (Paper Cost Rs.6000/- + GST@18% Rs.1080/-) | Rs.24,600/- |

The sale of Tender Paper will be from : From 18.03.26 to 11:00 Hrs of 30.03.2026
The last date & time of receipt of tender : Up to 12:00 Hrs. of Date : 31.03.2026
The date and time of opening of tender : At 12:30 Hrs. of Date : 31.03.2026
For details of the tender documents, terms and conditions downloading please visit our website www.ohpcltd.com.
OIPR-4001/4002/1/25-26/0006 Sd./- UNIT HEAD, UKHEP, Bariniput

## ବୁଢ଼ାବଳଙ୍ଗରେ ନିଖୋଜ ନାବାଳକଙ୍କ ମୃତଦେହ ଜବତ

ବାଲେଶ୍ୱର, ୧୫।୩ (ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ଟାଉନ ଥାନା ଅଧୀନ ବାଲିଘାଟସ୍ଥିତ ବୁଢ଼ାବଳଙ୍ଗ ନଦୀରେ ଶନିବାରଠାରୁ ନିଖୋଜ ଥିବା ନାବାଳକ ପାର୍ଥସାରଥୀ ପରିଡ଼ାଙ୍କ ମୃତଦେହ ରବିବାର ମିଳିଛି। ଅଗ୍ନିଶମ ବାହିନୀ ମୃତଦେହ ଠାବ କରିବା ପରେ ଟାଉନ ପୋଲିସ ଜବତ କରିଛି। ଶନିବାର ପୂର୍ବାହ୍ନରେ ୪ଜଣ ନାବାଳକ ଗାଧୋଇବା ପାଇଁ ଯାଇଥିଲେ। ଏହି ସମୟରେ ପାର୍ଥସାରଥୀଙ୍କ ଗୋଡ଼ ଗଭୀର ନଦୀ ଜଳକୁ ଖସିଯାଇଥିଲା। ସେ ନଦୀ ଜଳରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଅଗ୍ନିଶମ ବାହିନୀ ଓ ପୋଲିସ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ।

# ବାଲି ଜମିବାରୁ ଯାନବାହନ ଚଳାଚଳରେ ଅସୁବିଧା

## ଶିଖରଘାଟ ସେତୁ

ନାଉଗାଁ, ୧୫।୩ (ସୁଧା ବେହୁରା)



ସେତୁରେ ବାଲି ଜମିଛି।

ନାଉଗାଁ ଅନ୍ତର୍ଗତ ଶିଖରଘାଟ ସେତୁ ଏହି ବ୍ଲକ ଦେଇ ଜଗତ୍‌ସିଂହପୁର ଜିଲା ଓ ପୁରୀ ଜିଲାକୁ ସଂଯୋଗ କରୁଛି। ଏହି ସେତୁ ଦେଇ ପୁରୀ, ଜଗତ୍‌ସିଂହପୁର, କଟକ, ଭୁବନେଶ୍ୱର, ନିଆଳି, କେନ୍ଦ୍ରାପଡ଼ା ଆଦିକୁ ପ୍ରତ୍ୟହ ବିଭିନ୍ନ ଯାନବାହାନ ଚଳାଚଳ କରୁଥିବାବେଳେ ଦେବୀ ନଦୀରେ ଥିବା ବିଭିନ୍ନ ବାଲି ଘାଟରୁ ବାଲି ପରିବହନ କରାଯାଉଛି। ବାଲି ନେବାବେଳେ ଅଧିକାଂଶ ସମୟରେ ବାଲି ଗୋଡ଼ି ଘୋଡ଼ାଯାଉ ନ ଥିବାରୁ ବାଲି ଉଡି ସେତୁରେ ପଡୁଛି। ଏହାଛଡ଼ା ନଦୀ ପଠାରୁ ପବନରେ ବାଲିଉଡିସେତୁରେ ଜମା ହେଉଛି। ଫଳରେ ଯାନବାହାନ ଚଳାଚଳରେ ସମସ୍ୟା ଉପୁଜୁଛି। ଏପରିକି ଦୁଇ ଚକିଆଯାନରେ ଯିବା ସମୟରେ ବାଲି ଉଡି ଆଖି, ନାକରେ ମାଡ ହେଉଛି। ଫଳରେ ବାଇକ୍ କିମ୍ବା ଦୁଇ ଚକିଆଯାନ ଚଳାଇବା କଷ୍ଟକର ହୋଇ ପଡୁଛି। ସେତୁଟି ଜଗତ୍‌ସିଂହପୁର ପୂର୍ତ୍ତ ବିଭାଗ ଅଧୀନରେ ରହିଛି ଏହାର ରକ୍ଷଣାବେକ୍ଷଣା ତଥା ସଫେଇ କାର୍ଯ୍ୟ ବିଭାଗ ଦ୍ୱାରା କରାଯିବାର ନିୟମ ରହିଛି। କିନ୍ତୁ ସେତୁରେ ଜମୁଥିବା ବାଲି ସଫେଇ ନ ହେବାରୁ ଅନେକ ସମୟରେ ଦୁର୍ଘଟଣା ଘଟିବାର ନଜିର ରହିଛି। ତେଣୁ ଯାତ୍ରୀ ଓ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଉକ୍ତ ସେତୁକୁ ସଫେଇ କରିବାକୁ ବୁଦ୍ଧିଜୀବୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ବିଷୟରେ ବିଭାଗର ସହକାରୀ ଯନ୍ତ୍ରୀ ରାମ ଚନ୍ଦ୍ର ସେଠୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

## ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ପାଇଁ ଲଟେରି ଉଠାଣ




ଲଟେରି ଉଠାଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅତିଥି ଓ କର୍ମକର୍ତ୍ତା।

କୁଜଙ୍ଗ, ୧୫।୩ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ କାଳିଆପାଟ ହାପି କ୍ଲବ ପକ୍ଷରୁ ଅଷ୍ଟମ ବାର୍ଷିକ ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ପାଇଁ ରବିବାର ଲଟେରି ଉଠାଣ କାର୍ଯ୍ୟକ୍ରମ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବାସବ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତହୋଇଥିବା ଏହିକାର୍ଯ୍ୟକ୍ରମରେ ଏପ୍ରିଲ ୨୦ରୁ ୨୪ ତାରିଖ ୫ଦିନ ଧରି ଏହି ପ୍ରତିଯୋଗୀତା ଅନୁଷ୍ଠିତ ହେବ ବୋଲି ପ୍ରକାଶ ପାଇଛି। ଏହି ଲଟେରି ଉଠାଣ କାର୍ଯ୍ୟକ୍ରମରେ ଉପସଭାପତି ରାମଚନ୍ଦ୍ର ଦଳାଇ, ସମ୍ପାଦକ ସର୍ବେଶ୍ୱର ପରିଡା, ସୁଦାମ ଚରଣ ବେହେରା, ଉପଦେଷ୍ଟା କ୍ଷୀରୋଦ ଚନ୍ଦ୍ର ଦଳାଇ, ଉପେନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ କହିଥିଲେ ଯେ, ଅଂଶଗ୍ରହଣକାରୀ ନାଟ୍ୟ ସଂସ୍ଥାମାନେ ସେମାନଙ୍କ ପାଇଁ ଧାର୍ଯ୍ୟ ରାତିରେ ନାଟକ ପରିବେଷଣ କରି ଦର୍ଶକମାନଙ୍କୁ ମନୋରଞ୍ଜନ କରିବେ। ପ୍ରଥମ ରାତିରେ ଓମ୍ ଶ୍ରୀ ଗାଦୀ ମହାପୁରୁଷ କଳା ସଂସଦ, ଆଠଗଡ଼ିଆ କେନ୍ଦ୍ରାପଡ଼ା ପକ୍ଷରୁନାଟକ 'ହା କୃଷ୍ଣ ବୋଲି ଯାଉଛନ୍ତି', ଦ୍ୱିତୀୟ ରଜନୀରେ ଆମ ନାଟକ ଭୁବନେଶ୍ୱର ପକ୍ଷରୁ 'ଦିଅଁ ପୁଜିବାକୁ ଦେଉଳ ମନା', ତୃତୀୟ ରଜନୀରେ ବିନାୟକ ନାଟ୍ୟ ସଂସଦ ଜଗତପୁର, ଯାଜପୁର ପକ୍ଷରୁ 'କାନ୍ଦେନା ଲୁହ ସରିଛି', ଚତୁର୍ଥ ରଜନୀରେ ମା' କନକଦୁର୍ଗା କ୍ଲବ ଆମ କଳା ଆମ ସଂସ୍କୃତି, ନୂଆ ବାଲିସାହି ପକ୍ଷରୁ 'ଏ ଆଖି କାନ୍ଦୁଛି ତୋରି ପାଇଁ', ଅନ୍ତିମ ରଜନୀରେ ମା' ନାରାୟଣୀ ନାଟ୍ୟ ସଂସଦ ରାହଙ୍ଗ, ଜଗତ୍‌ସିଂହପୁର ପକ୍ଷରୁ 'ଏ ସମ୍ପର୍କର ଶେଷ ନାହିଁ ନାଟକ' ମଞ୍ଚସ୍ଥ ହେବ ବୋଲି ଲଟେରୀ ଉଠାଣ ପରେ ସ୍ପଷ୍ଟ ହୋଇଛି। ଶିକ୍ଷାବିତ୍ ପ୍ରଦୀପ ରାଉତ ମଞ୍ଚ ପରିଚାଳନା କରିଥିଲେ।

# ଠକାମିର ଶିକାର ଉପଭୋକ୍ତା ପାଇଁ ପଦକ୍ଷେପ ନିଅ



ବିଶ୍ୱ ଉପଭୋକ୍ତା ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ତିର୍ତ୍ତୋଲ, ୧୫।୩ (ଗୌରାଙ୍ଗ ଚରଣ ସାଇଁ)

## ବିଶ୍ୱ ଉପଭୋକ୍ତା ଦିବସ ପାଳିତ

ତିର୍ତ୍ତୋଲ ନିକଟ ଆନନ୍ଦ ମଣ୍ଡପ ସଭାଗୃହରେ ରବିବାର ଓଡ଼ିଶା ଉପଭୋକ୍ତା ସଂଘ କଟକ ଓ ଆଞ୍ଚଳିକ ଖାଉଟି ସୁରକ୍ଷା ସଂଘ ଲଥାଙ୍ଗ ଦ୍ୱାରା ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଓଡ଼ିଶା ଉପଭୋକ୍ତା ସଂଘ କଟକ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ଉପସଭାପତି ବିଚିତ୍ରାନନ୍ଦ ସାମଲ, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଜେନା, ଜଗତ୍‌ସିଂହପୁର ଡିସିଡିଆରସି ସଭାପତି ପ୍ରଭାତ କୁମାର ପାଢ଼ୀ, ସଦସ୍ୟା ମଧୁସ୍ମିତା ସ୍ୱାଇଁ, ବରିଷ୍ଠ ଆଇନଜୀବୀ ଓମ ପ୍ରକାଶ ଦାସ, ଆଇନଜୀବୀ ଟୁକୁନ ଚରଣ ସେଠୀ ଓ ମହିଳା ଶାଖା ସଭାପତି ସ୍ନେହମୟୀ ଆଚାର୍ଯ୍ୟ ପ୍ରମୁଖ ସ୍ୱତନ୍ତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ଉପଭୋକ୍ତାମାନେ ଠକାମିର ଶିକାର ହୋଇ କ୍ଷତିଗ୍ରସ୍ତ ହେଉଥିବାରୁ, ସେଥିପାଇଁ ଆଇନଗତ ଭାବେ କିପରି ପଦକ୍ଷେପ ନେବାକୁ ପଡିବ ସେ ବିଷୟରେ ଆଲୋଚନା କରିଥିଲେ। ପଣ୍ଡିତ ଡ. ସିଦ୍ଧେଶ୍ୱର ପଣ୍ଡା ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ସାମାଜିକ ମଙ୍ଗଳ କାର୍ଯ୍ୟରେ ବ୍ରତୀ ବିରଞ୍ଚିନାରାୟଣ ମିଶ୍ର ଓ କବିତା ସେଠୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଶତାଧିକ ଉପଭୋକ୍ତା, ସ୍ଥାନୀୟ କଲେଜର ଛାତ୍ରୀଛାତ୍ର ଓ ଗଣମାଧ୍ୟମର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ଉପଭୋକ୍ତା କର୍ମୀ ରଶ୍ମିତା ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜି ଜଗତ୍‌ସିଂହପୁରରେ ଅର୍ଦ୍ଧ ଉଲଗ୍ନ ଚାଷୀ ବଞ୍ଚାଅ ଆନ୍ଦୋଳନ

ଜଗତ୍‌ସିଂହପୁର, ୧୫।୩ (ପ୍ରମୋଦ କୁମାର ନାୟକ)

## ମଣ୍ଡି ଅବ୍ୟବସ୍ଥା, କଟନୀ ଛଟନୀର ପ୍ରତିବାଦ

### ଲଙ୍ଗଳ, ୟୁଆଳି ପ୍ରଦର୍ଶନ ପାଇଁ ଆହ୍ୱାନ

ଜଗତ୍‌ସିଂହପୁର ଜିଲାରେ ଧାନ ମଣ୍ଡିଗୁଡିକରେ ଅବ୍ୟବସ୍ଥା ସାଙ୍ଗକୁ କଟନୀ, ଛଟନୀ ଓ ମିଲର-ପାକ୍ସ ମଧୁଚନ୍ଦ୍ରିକା ପ୍ରତିବାଦରେ ସୋମବାର ଜିଲା ମୁଖ୍ୟାଳୟରେ ଅଭିନବ ପ୍ରତିବାଦ ହେବାକୁ ଯାଉଛି। ଅନେକ ଚାଷୀ ଓ ଚାଷୀ ନେତା ଅର୍ଦ୍ଧ ଉଲଗ୍ନ ଅବସ୍ଥାରେ କାନ୍ଧରେ ୟୁଆଳି ଓ ଲଙ୍ଗଳ ଧରି ପ୍ରତିବାଦ କରିବାକୁ ଯାଉଛନ୍ତି। ବିଭିନ୍ନ ସାମାଜିକ ଗଣମାଧମରେ ଆଡଭୋକେଟ୍ ବାସୁଦେବଙ୍କ ପକ୍ଷରୁ ଏ ସମ୍ପର୍କିତ ବାର୍ତ୍ତା ଭାଇରାଲ ହେଲା ପରେ ଜିଲାରେ ନିଆରା ପରିବେଶ ସୃଷ୍ଟି ହୋଇଛି। ବାସୁଦେବ ଉଲ୍ଲେଖ କରିଛନ୍ତି, ଜିଲାର ସମବାୟ ସମିତିଗୁଡ଼ିକରେ ଚାଷୀ ଶୋଷଣ ଚିନ୍ତାର କାରଣ ହେଲାଣି। ମଣ୍ଡିଗୁଡିକରେ କୁଇଣ୍ଟାଲ ପିଛା ସର୍ବନିମ୍ନ ୩/୪ କିଲୋ (କି.ଗ୍ରା) ହିସାବରେ କାଟି ନିଆଯାଉଛି। ଚାଷୀଙ୍କୁ ଦୁର୍ବ୍ୟବହାର ଓ ଧମକ ଦିଆଯାଉଛି। ବିଭିନ୍ନ ସମୟରେ ପ୍ରତିବାଦ କରାଗଲେ ମଧ୍ୟ କୌଣସି ପ୍ରତିକାର ହେଉନାହିଁ। ତେଣୁ ସୋମବାର ନିଆରା ଢଙ୍ଗରେ ପ୍ରତିବାଦ କରିବା ପାଇଁ ନିଷ୍ପତ୍ତି ହୋଇଛି। ମା' ଓ ଭଉଣୀମାନଙ୍କୁ ଏହି ଆନ୍ଦୋଳନରୁ ବାଦ ଦିଆଯାଇଛି। ଜିଲାର ଚାଷୀ ତଥା ଜନସାଧାରଣ ଏହି ଅର୍ଦ୍ଧ ଉଲଗ୍ନ ଆନ୍ଦୋଳନରେ ସାମିଲ ହେବା ପାଇଁ ଆହ୍ୱାନ ଦିଆଯାଇଛି। ଆନ୍ଦୋଳନକାରୀମାନେ ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ଟାଉନ ହଲ୍ (ନିମାଇଁ ଭବନ) ସମ୍ମୁଖରେ ଏକାଠି ହେବେ। ସମୟକୁ ପ୍ରତ୍ୟେକ ଗୁରୁତ୍ୱ ଦେବା ଜରୁରୀ। ବାସୁଦେବ ଏକଥା ମଧ୍ୟ ସ୍ପଷ୍ଟ କରିଛନ୍ତି, ଯେଉଁ ବନ୍ଧୁମାନେ ଅର୍ଦ୍ଧ ଉଲଗ୍ନ ଆନ୍ଦୋଳନରେ ସାମିଲ ହେବାକୁ ଚାହିଁବେ ସେମାନେ ଅଣ୍ଟା ଉପରକୁ କୌଣସି ବସ୍ତ୍ର ପରିଧାନ କରିବେ ନାହିଁ। ଖରାକୁ ଦୃଷ୍ଟିରେ ରଖି ମୁଣ୍ଡରେ ଧଳା ଟୋପି କିମ୍ବା ଗାମୁଛା ଭିଡି ପାରନ୍ତି। ପ୍ୟାଣ୍ଟ, ଶାର୍ଟ ପିନ୍ଧିଥିବା ବନ୍ଧୁମାନେ ଆନ୍ଦୋଳନରେ ସାମିଲ ହେବାରେ ବାଧା ନ ଥିଲେ ସୁଦ୍ଧା ସେମାନେ ଶୋଭାଯାତ୍ରାର ପଛ ଭାଗରେ ଚାଲିବେ। ତେବେ ଜଗତ୍‌ସିଂହପୁର ସହର ଆଖପାଖ ଆନ୍ଦୋଳନକାରୀମାନେ ଲଙ୍ଗଳ, ୟୁଆଳି ଯୋଗାଡ କରିବେ। କିନ୍ତୁ ଏ ବାବଦରେ ସେମାନେ ପୂର୍ବରୁ ଫୋନରେ କଥା ହେବା ଆବଶ୍ୟକ। ଶୋଭାଯାତ୍ରା ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ପହଞ୍ଚିବ ଏବଂ ସେଠାରେ ବିକ୍ଷୋଭ କରାଯିବ। ଜିଲାବାସୀଙ୍କ ସ୍ୱାର୍ଥ ପାଇଁ ଦଳମତ ନିର୍ବିଶେଷରେ ପ୍ରତ୍ୟେକ ଯୋଗ ଦେବାକୁ ବାସୁଦେବ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ନବ ନିର୍ମାଣ କୃଷକ ସଙ୍ଗଠନ ରାଜ୍ୟ ସହ ସଂଯୋଜକ ରଶ୍ମି ରଞ୍ଜନ ସ୍ୱାଇଁ କହିଛନ୍ତି, ସରକାରୀ ମଣ୍ଡିରେ ଚାଷୀଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ଧାନର ଅଭାବୀ ବିକ୍ରି ପ୍ରତିବାଦରେ ଏହି ଚାଷୀ ବଞ୍ଚାଅ ଆନ୍ଦୋଳନର ଡାକରା ଦିଆଯାଇଛି। ସରକାର ଜିଲାରେ ଅଦ୍ୟାବଧି ବିକ୍ରି ହୋଇ ନ ଥିବା ୨୩ ହଜାର ଚାଷୀଙ୍କ ୭ ଲକ୍ଷରୁ ଅଧିକ କୁଇଣ୍ଟାଲ ଧାନ ୧୪ ଦିନ ମଧ୍ୟରେ ସଂଗ୍ରହ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ସତ୍ୟାଗ୍ରହ କରାଯାଉଛି।

## ସାରଳା ଦାସଙ୍କ ସାହିତ୍ୟ କୃତି ଓଡ଼ିଶାରେ ଶ୍ରେଷ୍ଠ



ଅତିଥିମାନେ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ତିର୍ତ୍ତୋଲ, ୧୫।୩ (ଗୌରାଙ୍ଗ ଚରଣ ପାଇଁ)

ଜଗତ୍‌ସିଂହପୁର ଜିଲାର ପୁରାତନ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ଓ ବାଲିଘର ଫାଉଣ୍ଡେଶନର ୩୬ ତମ ବାର୍ଷିକୋତ୍ସବ ଓ ସାରସ୍ୱତ ସମାରୋହ ଓଡ଼ିଶା ସାହିତ୍ୟ ଏକାଡେମୀର ସହଯୋଗରେ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦା ସ୍ଥିତ ଆଦିକବି ସାରଳା ଦାସଙ୍କ ସମାଧି ପୀଠ ପରିସର ଆଦିକବି ଭବନରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ପ୍ରଫେସର ଆଦିକନ୍ଦ ସାହୁ ଯୋଗଦେଇ ସାରଳା ଦାସଙ୍କ ବିଷୟରେ ଆଲୋଚନା କରି କହିଥିଲେ ତାଙ୍କ ସାହିତ୍ୟ କୃତି ଓଡ଼ିଶାରେ ଶ୍ରେଷ୍ଠ ବୋଲି ମତ ରଖିଥିଲେ। ମୁଖ୍ୟ ବକ୍ତାଭାବେ ପ୍ରଫେସର ନିତ୍ୟାନନ୍ଦ ସାହୁ, ସମ୍ମାନିତ ଅତିଥିଭାବେ ଲେଖିକା ମେଜର ସୁମିତ୍ରା ମିଶ୍ର, ଅଧ୍ୟାପିକା ଡ.ସରୋଜିନୀ ପାଣି ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ଓ ପଣ୍ଡିତ ବାସବ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ଭାଷାବିତ୍ ଡ.ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ ବାଲିଘର ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଅନେକ ପ୍ରତଭାବାନ ବ୍ୟକ୍ତିବିଶେଷଙ୍କ ସମେତ କୃତୀ ଛାତ୍ରୀଛାତ୍ର ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବୟିତ୍ରୀ ସବିତା ନାୟକ ଓ ଆରତୀ ଦାସଙ୍କ ସଂଯୋଜନାରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ଶତାଧିକ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

# ମୁଖପତ୍ର ସ୍ରୋତସ୍ୱିନୀ ସାହିତ୍ୟାମୃତ ଅର୍ପଣ ଉତ୍ସବ



ଅତିଥିମାନେ ମୁଖପତ୍ର ସ୍ରୋତସ୍ୱିନୀକୁ ଉନ୍ମୋଚନ କରୁଛନ୍ତି।

ରାଜକନିକା, ୧୫।୩ (ସଞ୍ଜୟ କୁମାର ଦାଶ)

## କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ ପରିବାର

କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ ପରିବାର ପକ୍ଷରୁ ମୁଖପାତ୍ର ସ୍ରୋତସ୍ୱିନୀ ସାହିତ୍ୟାମୃତର ଅର୍ପଣ ଉତ୍ସବ ତଥା ଚଳିତ ୨୦୨୬ ବର୍ଷର ମହୋତ୍ସବ ପାଇଁ ବୃତାନ୍ତ ପ୍ରସ୍ତୁତି ସଭା ରବିବାରରେ ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବର ସଭାପତି ପ୍ରଧାପକ ବୈକୁଣ୍ଠନାଥ ପରିଡାଙ୍କ ପୌରୋହିତ୍ୟ ତଥା କାର୍ଯ୍ୟକାରୀ ସଭାପତି ସାମାଜିକ କର୍ମୀ ବ୍ରଜକିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ସତ୍ୟାନନ୍ଦ ରାଉତ ଯୋଗ ଦେଇଥିବା ବେଳେ, ମୁଖ୍ୟ ବକ୍ତା ଭାବେ ମହାବିଦ୍ୟାଳୟର ଅଧକ୍ଷ ପ୍ରଧାପକ ଉପେନ୍ଦ୍ର କୁମାର ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଚାନ୍ଦବାଲି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ଶାନ୍ତିଲତା ସେଠୀ, ସାମାଜିକ କର୍ମୀ ସୁଧିର ମହାନ୍ତି, କମଳାକାନ୍ତ ସୂତାର, ପ୍ରଭାସ ଶୁଭଦର୍ଶନ ମହାନ୍ତି, ପ୍ରିନ୍ସ ରାକେଶ ନାୟକ ଓ ସେବାନିବୃତ୍ତ ଶିକ୍ଷକ କାଳିପ୍ରସାଦ ନାୟକ ପ୍ରମୁଖ ଯୋଗଦେଇଥିଲେ। ସ୍ରୋତସ୍ୱିନୀ ବୈତରଣୀ ନଦୀର ପୁନରୁଦ୍ଧାର ଏବଂ ସୁରକ୍ଷା ସମ୍ପର୍କିତ ଆଲୋଚନା କରି ନିଜ ନିଜର ମତପୋଷଣ କରିଥିଲେ। ଚଳିତ ୨୦୨୬ ବର୍ଷରେ ହେବାକୁଥିବା କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବକୁ ସଫଳ ରୂପାୟନ ପାଇଁ ଉଦାର ହୃଦୟ ଯୁକ୍ତ ହିତୈଷୀ, କବୟିତ୍ରୀ, କବି, ଗାଳ୍ପିକାଗାଳ୍ପିକ, ସମାଜିକ କର୍ମୀ, ଶିକ୍ଷୟିତ୍ରୀଶିକ୍ଷକ, ଜନନେତ୍ରୀଜନନେତା, ପ୍ରଶାସନିକ ଅଧିକାରୀ, ସରକାରୀ, ବେସରକାରୀ ଅଧିକାରୀ ଓ କର୍ମଚାରୀ, ବ୍ୟବସାୟୀ ଓ ଦ୍ୱୟ ଅଞ୍ଚଳବାସୀଙ୍କ ଅକୁଣ୍ଠ ସହଯୋଗ ତଥା ନଦୀକୂଳବାସୀଙ୍କୁ ପ୍ରତ୍ୟକ୍ଷ, ପରୋକ୍ଷ ଭାବେ ସାହାଯ୍ୟ ଓ ସହଯୋଗ ପାଇଁ ଆହ୍ୱାନ ଦେଇଥିଲେ। ଏହି ପ୍ରରିପ୍ରେକ୍ଷୀରେ ଶ୍ୱାସ ସାହିତ୍ୟରେ ସମ୍ପୂର୍ଣ୍ଣ ସଂଯୁକ୍ତ ମୁଖପାତ୍ର ସ୍ରୋତସ୍ୱିନୀକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଶରତ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ମହୋତ୍ସବ କମିଟିର ଆବାହକ ବିଶ୍ୱକେଶରୀ ମହାନ୍ତି ସଭାର ଆଭିମୁଖ୍ୟ ଓ ସ୍ୱାଗତ ଭାଷଣ ରଖିଥିଲେ। ମଙ୍ଗୁଳି ଚରଣ ବେହେରା, ଚିତ୍ତରଞ୍ଜନ କବି, ଗୟାଧର ନାଥ ପ୍ରମୁଖ ପର୍ଯ୍ୟାୟକ୍ରମେ ମୁଖପତ୍ରରେ ପ୍ରକାଶିତ ପ୍ରବନ୍ଧ, କବିତା ଓ ଗଳ୍ପ ଆଦିର ସମୀକ୍ଷା କରିଥିଲେ। କୋଷାଧକ୍ଷ ନିର୍ମଳ ଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ। ମନୋଜ ସେନାପତି, ଅମୀୟ ଚରଣ ସାହୁ, ଦେବବ୍ରତ ଦାଶ, ଚନ୍ଦ୍ରକାନ୍ତି ଦାସ, ଦମୟନ୍ତୀ ନାୟକ, ମହାବିଦ୍ୟାଳୟର କର୍ମଚାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୨୯ଠାରୁ ୭ଦିନ ବ୍ୟାପି ହେବାକୁ ଥିବା ଏହି ମହତ୍ସବର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।

## ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ନାଉଗାଁ, ୧୫।୩ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀ ମଉଳାଭଣଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରବିବାର ଏକ ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ଜିଲା ବିକାଶ ପରିଷଦ ବୈକୁଣ୍ଠ ଉର୍ବଶ୍ରୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଶିବିରରେ ବିଭିନ୍ନ ବିଭାଗର ଡାକ୍ତର ଯୋଗଦେଇ ରୋଗୀ ଚିକିତ୍ସା କରିଥିଲେ। ଏହି ଅବସରରେ ମାଗଣାରେ ଇସିଜି, ରକ୍ତଚାପ, ମଧୁମେହ ଓ କ୍ୟାଲସିୟମ ଆଦି ପରୀକ୍ଷା କରାଯାଇଥିଲା। ନାଉଗାଁ ବ୍ଲକ ଅଧକ୍ଷା ତୃପ୍ତା ଲେଙ୍କା, ଉପାଧକ୍ଷ ସୁଜିତ ପୁହାଣ, ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ମମତା ପରିଡା, ବାଲିକୁଦା ଜିଲା ପରିଷଦ ସଭ୍ୟା ଡଲି ପଣ୍ଡା, ଡେରିକି ସରପଞ୍ଚ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିକାଶ ପରିଷଦର ମୁଖ୍ୟ ସଂଯୋଜକ ସୂର୍ଯ୍ୟ ରଞ୍ଜନ ମହାନ୍ତି, ଯୁଗ୍ମ ସମ୍ପାଦକ ସୁଜିତ ପୁହାଣ, ଡା. ଲକ୍ଷ୍ମୀକାନ୍ତ ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ। ଏହି ଶିବିରରେ ମୋଟ ୫୫୫ ଜଣ ରୋଗୀ ନାମ ପଞ୍ଜୀକୃତ କରି ବିଭିନ୍ନ ବିଭାଗର ଡାକ୍ତରଙ୍କ ନିକଟରୁ ପରାମର୍ଶ ନେଇଥିଲେ।

## ଉଲ୍ଲାସରେ ୭୮ କେନ୍ଦ୍ରରେ ୨୩୨୨ ପରୀକ୍ଷାର୍ଥୀ

କୁଜଙ୍ଗ, ୧୫।୩(ମନୋଜ ପ୍ରଧାନ)

ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସ ଯୋଜନାରେ ପଞ୍ଜୀକରଣ କରିଥିବା ୨୩୨୨ ଜଣ ବ୍ୟକ୍ତି ରବିବାର କୁଜଙ୍ଗ ବ୍ଲକରେ ମୋଟ ୭୮ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବା ସହ ସରକାରଙ୍କ ଏହି ଯୋଜନାରେ ସାମିଲ ହୋଇଛନ୍ତି। କୁଜଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ମନୋଜ କୁମାର ବେହେରା, ସହ ମଣ୍ଡଳ ଶିକ୍ଷା ଅଧିକାରୀ ମନୋରଞ୍ଜନ ମଙ୍ଗରାଜ ଓ ପ୍ରତିମା ସୂତାରଙ୍କ ସହ ସମସ୍ତ ସିଆରସିସି ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ଦେଖିବା ସହ ଉଲ୍ଲାସ ଯୋଜନାରେ ସାମିଲ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ଉତ୍ସାହିତ କରିଥିଲେ। ୧୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଶେଷ ଯେଉଁମାନେ କୌଣସି କାରଣରୁ ପାରମ୍ପରିକ ସ୍କୁଲ ଶିକ୍ଷାରୁ ବଞ୍ଚିତ କିମ୍ବା ଅନ୍ୟାନ୍ୟ କାରଣରୁ ମୌଳିକ ଶିକ୍ଷା ବିଶେଷ କରି ପଢ଼ିବା ଲେଖିବା, ସଂଖ୍ୟା ଆଦି ଜାଣିବାରୁ ବଞ୍ଚିତ ଥିଲେ ସେମାନେ ଏହି ଉଲ୍ଲାସ ଯୋଜନାରେ ସାମିଲ ହୋଇଛନ୍ତି।

# ଆଳି-ମହୁ ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ

## ଖବରଦାତା ସମ୍ମିଳନୀ କରି କ୍ରାଇମବ୍ରାଞ୍ଚ ତଦନ୍ତ ଦାବିକଲା ଓସା

ଆଳି, ୧୫।୩ (ବନମାଳୀ ସେନାପତି )




ଖବରଦାତା ସମ୍ମିଳନୀ ଓସାର ସଦସ୍ୟ।

କେନ୍ଦ୍ରାପଡ଼ା ଜିଲା ଆରଆଣ୍ଡ ବି ଡିଭିଜନ-୧ ପକ୍ଷରୁ ଆଳି ବ୍ଲକର ଆଳି ଆଠକଣିଆ ଛକ ନିକଟରୁ ମହୁ ପଞ୍ଚାୟତକୁ ଯାଇଥିବା ରାସ୍ତା ନିର୍ମାଣ ନିମନ୍ତେ ୯ କୋଟି ୨୧ ଲକ୍ଷ ଟଙ୍କା ଅର୍ଥ ବ୍ୟୟ ହୋଇଛି। ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇ ଅର୍ଥ ହରିଲୁଟ ହୋଇଥିବା ନେଇ ଖବରଦାତା ସମ୍ମିଳନୀରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା)ର ସଦସ୍ୟ ଅଭିଯୋଗ ଆଣିଛନ୍ତି।

ଓସା ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ, ଆଳି ଆଠକଣିଆଠାରୁ ମହୁ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଏହି ରାସ୍ତା ଉପରେ ପ୍ରତ୍ୟେକ ଦିନ ମହୁ, କୋଳିଡ଼ିହ ଓ ଏକମାଣିଆ ପଞ୍ଚାୟତର ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଯାତାୟାତ କରିଥାନ୍ତି। ରାସ୍ତା ଅବସ୍ଥା ଶୋଚନୀୟଥିବାରୁ ଆଳିଠାରୁ ମହୁ ପର୍ଯ୍ୟନ୍ତ ଯାଇଥିବା (୮. ୫) କିଲୋମିଟର ରାସ୍ତା ନବୀକରଣ ନିମନ୍ତେ କେନ୍ଦ୍ରାପଡ଼ା ଜିଲା ଆରଆଣ୍ଡ ବି ଡିଭିଜନ-୧ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିଲା। ଏହି ରାସ୍ତା ନବୀକରଣ କାର୍ଯ୍ୟ ୨୦୨୪ ଶେଷ ସୁଦ୍ଧା ସରିବା କଥା ମାତ୍ର ଅବଧି ସରିବାର ୨ବର୍ଷ ପରେ ମଧ୍ୟ ରାସ୍ତା କାର୍ଯ୍ୟ ସରୁନାହିଁ। କାର୍ଯ୍ୟ ଆରମ୍ଭରୁ ଅତି ନିମ୍ନମାନର ହୋଇଥିବା ବେଳେ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଥିଲେ। ମାତ୍ର ସାଧାରଣ ଲୋକଙ୍କ ଅଭିଯୋଗକୁ ବିଭାଗୀୟ ଅଧିକାରୀମାନେ କର୍ଣ୍ଣପାତ କରି ନ ଥିଲେ। ଏବେ ସୁଦ୍ଧା ଯେତିକି ରାସ୍ତା କାର୍ଯ୍ୟ ହୋଇଛି ତାହା ବିପର୍ଯ୍ୟସ୍ତ ହୋଇ ପଡ଼ିଲାଣି। କଂକ୍ରିଟ ରାସ୍ତାରୁ ଗୋଡି ଉଠି ଗଡୁଥିବାବେଳେ ପିଚୁ ଫାଟି ଆଁ କଲାଣି। ଏ ନେଇ କେନ୍ଦ୍ରାପଡ଼ା ଜିଲା ଆରଆଣ୍ଡ ବି ଡିଭିଜନ-୧ ର ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ୩ ଥର ଅଭିଯୋଗ ହୋଇଥିଲେ ମଧ୍ୟ ତଦନ୍ତ ହେଲାନି କିମ୍ବା କାର୍ଯ୍ୟାନୁଷ୍ଠାନ ମଧ ଗ୍ରହଣ କରାଗଲାନାହିଁ। ଯାହାକୁ ନେଇ ସୂଚନା ଅଧିକାର କର୍ମୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ଏହି ରାସ୍ତାର ନିର୍ମାଣ ବିବରଣୀ ଓ ଖର୍ଚ୍ଚବିବରଣୀ ତଥ୍ୟ ସୂଚନା ଅଧିକାର ନିୟମ ଅନୁଯାୟୀ ଆବେଦନ କରିଥିଲେ ମଧ ତାଙ୍କୁ ଏହାର କୌଣସି ସୂଚନା ଦିଆଯାଉନାହିଁ। ସୂଚନା ଅଧିକାର ନିୟମ ଅନୁଯାୟୀ, ଆବେଦନକାରୀଙ୍କୁ ସୂଚନା ନ ଦେଇ ଏହାକୁ ଲୁଚାଇବାକୁ ଚେଷ୍ଟା କରାଯାଇଥିବା ଜନ ସୂଚନା ଅଧିକାରୀ ଓ ପ୍ରଥମ ଅପିଲ ଶୁଣାଣି କରିଥିବା କର୍ତ୍ତୃପକ୍ଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଏହି ରାସ୍ତାର ଭିଜିଲାନ୍ସ କିମ୍ବା କ୍ରାଇମବ୍ରାଞ୍ଚ ତଦନ୍ତ କରିବା, ରାସ୍ତାର ନମୁନା ସଂଗ୍ରହ କରି ଲାବରେଟୋରି ପରୀକ୍ଷା, ପରୀକ୍ଷଣ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବା ଭଳି ୫ ଦଫା ଦାବି ପୂରଣ ନେଇ ସୂଚନା ଅଧିକାରୀ କର୍ମୀ ଆଚାର୍ଯ୍ୟ, ବିଶ୍ୱଜିତ ତରାଇ ଓ ଚନ୍ଦନ ଦାସ ପ୍ରମୁଖ ସମ୍ମିଳନୀ ମାଧ୍ୟମରେ ଦାବି କରିଛନ୍ତି।

युनाइटेड इंडिया इंश्युरेन्स कं.लिमिटेड
UNITED INDIA INSURANCE CO. LTD.
(A Government of India Undertaking)
REGIONAL OFFICE: BHUBANESWAR, OCHC BUILDING, 5TH FLOOR, KHARAVELA NAGAR, UNIT-III, BHUBANESWAR-751001, PH: 0674-2391138
IRDA REGN. NO.545 CIN. U93090TN1938GOI000108

PUBLIC NOTICE: MERGER / RELOCATION OF OFFICES

This is for the information of general public that as part of our Company's business consolidation plans, our valuable clients of the following office that is located in the State of Odisha will now be serviced by our other office w.e.f. **31.05.2026**. Clients will continue to enjoy uninterrupted services from the nearest or new location given below as well as online:

| EXISTING OFFICE (OFFICE NAME & ADDRESS) | FUTURE SERVICING OFFICE (OFFICE NAME, ADDRESS & CONTACT NO.) |
|---|---|
| Micro Office: Keonjhar Address: Floor No.: 1, in front of Hotel Kashvi, Madhapur, Keonjhar, Odisha – 758001 | Business Office: Barbil Address: Pandya Trade Centre, Floor No.: 1, Main Road BPO, Barbil, Keonjhar, Odisha – 758035, Contact No.: 8249771033 |

Bhubaneswar, Date: 16.03.2026 Sd/- Chief Regional Manager

OHPC
ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/POST : BARINIPUT, DIST. : KORAPUT (ODISHA) - 764006
Phone : 06854-242001, Fax : 06854-242038, E-mail ID : sgmel.ukhep@gmail.com

TENDER CALL NOTICE NO. UKHEP : No. 51/2025-26 Dated : 09.03.2026

**No.4001/67/2526** : Sealed Tenders are invited in single bid basis from Vehicle Owners/Travel Agencies/individuals fulfilling the eligibility criteria as per the tender specification for the work as mentioned below :

| Sl. No. | Description/Type of Vehicle | Cost of Tender Paper (in Rs.) (Non-refundable) | EMD (in Rs.) (Refundable) |
|---|---|---|---|
| 1 | Deployment of 01 (One) No Diesel Run Hired Vehicle Bolero (BS-VI, Closed Body) for Official Work of Officers' of Utility Division, UKHEP, Bariniput For a Period of 48 Months From 2026-27 to 2030-31 | Rs.7080/- (Paper Cost Rs.6000/- + GST@18% Rs.1080/-) | Rs.24,600/- |

The sale of Tender Paper will be from : From 18.03.26 to 11:00 Hrs of 30.03.2026
The last date & time of receipt of tender : Up to 12:00 Hrs. of Date : 31.03.2026
The date and time of opening of tender : At 12:30 Hrs. of Date : 31.03.2026
For details of the tender documents, terms and conditions downloading please visit our website www.ohpcltd.com.
OIPR-4001/4002/1/25-26/0006 Sd./- UNIT HEAD, UKHEP, Bariniput

# ମାଟିରେ ମିଶିଲାଣି କେନାଲ, କର୍ତ୍ତୃପକ୍ଷଙ୍କ ପଡୁନି ଦୃଷ୍ଟି

ଖଣ୍ଡପଡା,୧୫।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନ ବିଭିନ୍ନ ସ୍ଥାନରେ ଥିବା କେନାଲଗୁଡିକ ଦିନକୁଦିନ ମାଟିରେ ମିଶିବାକୁ ଲାଗିଲାଣି। ବିଭିନ୍ନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ଆଖପାଖ ଅଞ୍ଚଳରେ ଥିବା ଚାଷ ଜମିକୁ ଜଳସେଚିତ କରିବାର ଲକ୍ଷ୍ୟ ନେଇ ବହୁ ଟଙ୍କା ବ୍ୟୟରେ ଦୀର୍ଘବର୍ଷ ତଳୁ ବିଭିନ୍ନ ସ୍ଥାନରେ ଏକାଧିକ କେନାଲ ନିର୍ମାଣ କରାଯାଇଥିଲା। ମାତ୍ର କେନାଲଗୁଡିକ ଏବେ ଅନାବନା ଗଛଲତାରେ ଭର୍ତ୍ତି ହୋଇ ପଡିଛି ତ ପୁଣି କେଉଁଠି ମାଟିରେ ପୋତି ହୋଇ ପଡିଲାଣି। ଏଗୁଡିକର ରକ୍ଷଣାବେକ୍ଷଣ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ଖଣ୍ଡପଡା ଅଞ୍ଚଳର ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଖଣ୍ଡପଡ଼ା ବ୍ଲକ ଅଧୀନ ସୁନାମୁହିଁ, ମୋଡାନାଳ, କୋସକା, ଗୋହିରିଆପଡା, କେନ୍ଦୁଆ, ଲକ୍ଷ୍ମୀପ୍ରସାଦ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଧୀନରେ ଥିବା ଏକାଧିକ କେନାଲର ଅବସ୍ଥା ସମୟାନୁକ୍ରମେ ଶୋଚନୀୟ ହୋଇ ପଡିଛି। ବାରମ୍ବାର ଦାବି ସତ୍ତ୍ୱେ ମଧ ବିଭାଗୀୟ କର୍ତ୍ତୃପକ୍ଷ କେନାଲଗୁଡିକର ପୁନରୁଦ୍ଧାର ଦିଗରେ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ପ୍ରତିବର୍ଷ ରାଜ୍ୟ ସରକାର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଓ ତତ୍‌ସଂଲଗ୍ନ କେନାଲଗୁଡିକର ପୁନରୁଦ୍ଧାର ନିମନ୍ତେ ଟଙ୍କା ବ୍ୟୟ କରୁଥିବାବେଳେ ମଧ ସେଗୁଡିକର ରକ୍ଷଣାବେକ୍ଷଣ ଦାୟିତ୍ୱ ପାଣି ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ କରାଯାଇଛି। ମାତ୍ର ପାଣି ପଞ୍ଚାୟତ କର୍ତ୍ତୃପକ୍ଷ କେନାଲଗୁଡିକର ଦୁରବସ୍ଥା ପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଫଳରେ ସମୟ, ଅସମୟରେ କେନାଲ ପାର୍ଶ୍ୱବର୍ତ୍ତୀ ଶହଶହ ହେକ୍ଟର ଚାଷ ଜମିଗୁଡିକୁ ଜଳସେଚିତ ହୋଇ ପାରୁନାହିଁ। କେନାଲଗୁଡିକର ପୁନରୁଦ୍ଧାର ଦିଗରେ କ୍ଷୁଦ୍ର ଜଳସେଚନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଚାଷୀ ଦାବି କରିଛନ୍ତି।



କେନାଲ ଅନାବନା ଗଛରେ ଭର୍ତ୍ତି ହୋଇଯାଇଛି।

# ଢୋଲମରା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ



ଖଣ୍ଡପଡା,୧୫।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ରୟତି ଢୋଲମରା ଗ୍ରାମ ତଳ ଅନୁସୂଚିତ ଜାତି ସାହିରେ ମୀନ ସଂକ୍ରାନ୍ତି ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଶନିବାର ଅଧିବାସ ଅବସରରେ ଗ୍ରାମର ମହିଳାପୁରୁଷମାନେ ମିଳିତ ହୋଇ ନିକଟସ୍ଥ କୁଆଁରିଆ ନଦୀରୁ ପାଣି ଉଠାଇ ଏକ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଅଷ୍ଟପ୍ରହର ନାମଯଜ୍ଞ ସ୍ଥଳରେ ପହଞ୍ଚି କଳସଗୁଡ଼ିକୁ ସ୍ଥାପନ କରିଥିଲେ। ଆଚାର୍ଯ୍ୟଙ୍କ ଦ୍ୱାରା ନାମଯଜ୍ଞ ନିମିତ୍ତ ଭୂମିପୂଜା, ସୂର୍ଯ୍ୟପୂଜା, ଜଳ ଆବାହନ, ଅଗ୍ନିପୂଜା, ନାମଯଜ୍ଞ ଆଦି ସମସ୍ତ ପ୍ରକାର ମାଙ୍ଗଳିକ କାର୍ଯ୍ୟ ଯଥାବିଧି ଓ ନୀତିକାନ୍ତି ଅନୁଯାୟୀ କରାଯାଇଥିଲା। ଏଥିରେ ନିମନ୍ତ୍ରିତ ହୋଇଆସିଥିବା ପଦ୍ମପୁର, ଗୋପାଳପୁର, କେନ୍ଦୁଝୋଲା, କଣ୍ଟେଇକୋଳି, ରୟତି ଢୋଲମରା, ଅନୁସୂଚିତ ଜାତି ସାହି, କୁମ୍ଭାରପଡ଼ା, କୃଷ୍ଣପୁର ଓ ଶାଳକିଆରି ସମେତ ବିଭିନ୍ନ ଗ୍ରାମର ମହିଳାପୁରୁଷ ଭାଗବତ ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମଯଜ୍ଞ ପରିବେଷଣ ଯୋଗୁ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଅଷ୍ଟପ୍ରହର ନାମଯଜ୍ଞ ଦେଖିବାକୁ ଆଖପାଖ ଗ୍ରାମରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କୃଷ୍ଣଚନ୍ଦ୍ରପୁରପାଟଣା ଗ୍ରାମର ବରାମ୍ବ ବ୍ୟକ୍ତି କାଳନ୍ଦୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେଉଛି। ଉକ୍ତ ସାହିର ସଭାପତି ରବୀନ୍ଦ୍ର କୁମାର ନାୟକ, ସମ୍ପାଦକ ସଚ୍ଚିଦାନନ୍ଦ ନାୟକ, କୋଷାଧ୍ୟକ୍ଷ ଅଯୋଧ୍ୟା ନାୟକ, ଉପଦେଷ୍ଟା ଚନ୍ଦ୍ରମଣି ନାୟକଙ୍କ ସମେତ ମା' ମଙ୍ଗଳା ଯୁବକ ସଂଘର ସମସ୍ତ ସଭ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ ଦୀର୍ଘବର୍ଷ ଧରି ଅଷ୍ଟପ୍ରହର ନାମଯଜ୍ଞ ପାଳିତ ହୋଇ ଆସୁଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି।

# ବିଶ୍ୱଜିତ ଫୁଟ୍‌ବଲ କ୍ଲବ ଭୁବନେଶ୍ୱର ଚାମ୍ପିୟନ

ନୟାଗଡ଼/ଖଣ୍ଡପଡା,୧୫।୩
(ଲୋକନାଥ ମିଶ୍ର/ ଅଜୟ କୁମାର ମହାରଣା)

## ବାଇଗୁଣିଆ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ଭାପୁର ବ୍ଲକ ବାଇଗୁଣିଆ ଯୁଥ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଗ୍ରାମୀୟ ତତ୍ତ୍ୱାବଧାନ ସହଯୋଗ ହାଇସ୍କୁଲ ଖେଳ ପଡ଼ିଆଠାରେ ଅନୁଷ୍ଠିତ ୨୮ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବିଶ୍ୱଜିତ ଫୁଟବଲ କ୍ଲବ ଭୁବନେଶ୍ୱର ଟାଇ ବ୍ରେକର ୪-୨ ଗୋଲରେ ପାଇକରିଗ୍ରିଥା ଫୁଟବଲ କ୍ଲବ ଖୋର୍ଦ୍ଧାକୁ ହରାଇ ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ ହୋଇଛି। ମୁଖ୍ୟ ରେଫରୀ ଭାବେ ଆଶିଷ କୁମାର ପଟ୍ଟନାୟକ ଖେଳକୁ ପରିଚାଳନା କରିଥିବା ବେଳେ ଲାଇନ୍ସମ୍ୟାନରେ ପ୍ରଫୁଲ୍ଲ ପ୍ରଧାନ, ସୁବାସ ବେହେରା ଓ ୪ର୍ଥ ରେଫରୀ ଭାବେ କାହ୍ନୁ ଚରଣ ମହାରଣା ଓ ବାପି ମହାନ୍ତି ସହଯୋଗ କରିଥିଲେ। ଫାଇନାଲ ମ୍ୟାଚ ଖେଳରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷା ସୀତା ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ନୟାଗଡ଼ ଜିଲ୍ଲା ପ୍ରତିନିଧି ମାୟାଧର ପରିଡା, ବଡସହରା ସରପଞ୍ଚ ବ୍ରଜ କିଶୋର ଆଲୁକ, ବାଇଗୁଣିଆ ସରପଞ୍ଚ ନିରୁପମା ମହାରଣା, ଶିକ୍ଷକ ନେତା ପଞ୍ଚାନନ ମହାପାତ୍ର, ଏମ୍‌ପିଙ୍କ ଭାପୁର ବ୍ଲକ ପ୍ରତିନିଧି ତୋଫାନ ପ୍ରଧାନ, ସାମାଜିକ କର୍ମୀ ନାରାୟଣ ମହାରଣା, ନିମାଣି ପୂର୍ବତନ ସରପଞ୍ଚ ବିଜୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଓ ରନର୍ସ ଅପ ଦଳଙ୍କୁ ଯଥାକ୍ରମେ ୧୦ ହଜାର ଓ ୭ ହଜାର ନଗଦ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା।



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

# ୫୪ କେଜି ଗଞ୍ଜେଇ ଜବତ, ୨ ଗିରଫ

ଫୁଲବାଣୀ, ୧୫।୩
(ରାକେଶ କୁମାର ରାଉତ)

ଫୁଲବାଣୀ ସଦର ଅବକାରୀ ବିଭାଗ ପକ୍ଷରୁ ଦାଦପାଜୁ ଛକରେ ଚଢ଼ାଉ କରାଯାଇ ଏକ କାରରୁ ୫୪ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜାମୁଝରୀ ଗ୍ରାମର ସିଦ୍ଧାନ୍ତ ସାହୁ ଓ କୁମୁଦ ଚନ୍ଦ୍ର ବଗର୍ତ୍ତି। ଗଞ୍ଜେଇ ବେପାରରେ ସମ୍ପୃକ୍ତ ଉଭୟଙ୍କ ଉପରେ ଅବକାରୀ ବିଭାଗ ନଜର ରଖିଥିଲା। ରବିବାର ଛୁଟି ଦିନ ଥିବାରୁ ଏହି ୨ ଜଣ ବୌଦ୍ଧକୁ ଏକ କାରରେ ଗଞ୍ଜେଇ ନେଇ ବାହାରିଥିଲେ। ଖବର ପାଇ ଅବକାରୀ ଟିମ୍ ଦାଦପାଜୁ ଛକରେ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ୫୪ କିଲୋ ଗଞ୍ଜେଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ହୋଇଥିଲା। ଅପରାହ୍ନରେ ଉଭୟଙ୍କୁ କୋର୍ଟ ପଠାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ପଠାଇ ଦିଆଯାଇଛି। ଅବକାରୀ ଇନ୍ସପେକ୍ଟର ବିନୋଦ ବାସ୍କେ, ଏଏସ୍‌ଆଇ ସମୀର ରଞ୍ଜନ ଭୋଇ, କନଷ୍ଟେବଲ ସଚିନ ଗୁରୁ, ସଦାଶିବ ରଣା, ଏମ୍ ସଞ୍ଜୀବ କୁମାର ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# କ୍ୟାପ୍‌ଟେନ ପୂର୍ଣ୍ଣଚନ୍ଦ୍ରଙ୍କ ସ୍ମୃତିଚାରଣ ସଭା

ନୟାଗଡ଼,୧୫।୩(ଲୋକନାଥ ମିଶ୍ର)

ଓଡ଼ଗାଁ ବ୍ଲକରୋଡସ୍ଥିତ କଲ୍ୟାଣୀମଣ୍ଡପଠାରେ କ୍ୟାପଟେନ୍ ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ, ରଘୁନାଥ ଆଥଲେଟିକ୍ ଆସୋସିଏଶନର ସହପାଠୀଙ୍କ ଆବାହକତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି, ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ସର୍ଭିଏ ତୈଳଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ୧ ମିନିଟ ନିରବ ପ୍ରାର୍ଥନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ଜଣେ ସରଳ, ଅମାୟିକ, ପରୋପକାରୀ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ସେ ସିଙ୍ଗାପୁରରୁ ମାଲେସିଆ ଅଭିମୁଖେ ଯାଉଥିବା ଜାହାଜରେ କାର୍ଯ୍ୟରତ ଥିବାବେଳେ ହୃଦ୍‌ଘାତରେ ଗତ ୧୧ ତାରିଖରେ ପରଲୋକ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ଷଡ଼ଙ୍ଗୀ, କୁମାର ଦେବଦତ୍ତ, ଆଇନଜୀବୀ ଇନ୍ଦୁଭୂଷଣ ମିଶ୍ର, ନୃତ୍ୟଗୁରୁ ଦୁର୍ଗାପ୍ରସାଦ ପଣ୍ଡା, ସନ୍ତୋଷ ପ୍ରଧାନ ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ସଭାକୁ ସୁକାନ୍ତ ବାରିକ, ପ୍ରମୋଦ ପାତ୍ର, ମନମୋହନ କଅଁର, ରଞ୍ଜନ କୁମାର ଦାଶ ପରିଚାଳନା କରିଥିଲେ। ରଘୁନାଥ ଆଥଲେଟିକ୍ ଆସୋସିଏଶନର ସମ୍ପାଦକ ଦିବାକର ନାୟକ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ସଭାରେ ଧନ୍ୟବାଦ ଦେଇଥିଲେ।



ସ୍ମୃତିଚାରଣ ସଭାରେ ଯୋଗଦେଇଥିବା ଅତିଥି।

# କୁରାଳରେ ହୋମଯଜ୍ଞ, ପୂଜାର୍ଚ୍ଚନା



ମା' ରାମଚଣ୍ଡୀଙ୍କ ନିକଟରେ ପୂଜାର୍ଚ୍ଚନା ଚାଲିଛି।

ନୟାଗଡ଼,୧୫।୩
(ଲୋକନାଥ ମିଶ୍ର)

ଓଡ଼ଗାଁ ବ୍ଲକ କୁରାଳର ଅଧିଷ୍ଠାତ୍ରୀ ଦେବୀ ମା' ରାମଚଣ୍ଡୀଙ୍କ ନିକଟରେ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ତଥା ଗାଁରେ ଶାନ୍ତି, ମୈତ୍ରୀ ଓ ଗାଁକୁ ଇନ୍ଦ୍ରଦେବଙ୍କ ଶୁଭଦୃଷ୍ଟି ପଡିବା ସହିତ ସମସ୍ତେ ସୁସ୍ଥ ରହିବା ପାଇଁ ପ୍ରତିବର୍ଷ ପରି ଚଳିତ ବର୍ଷ ହୋମଯଜ୍ଞ ଓ ପୂଜାର୍ଚ୍ଚନା ରବିବାର ଅନୁଷ୍ଠିତ ହୋଇଯାଇଛି। ଚୈତ୍ର କୃଷ୍ଣ ଏକାଦଶୀ ତଥା ମୀନ ସଂକ୍ରାନ୍ତିରେ ଗ୍ରାମବାସୀଙ୍କ ଉଦ୍ୟମରେ ମା'ରାମଚଣ୍ଡୀଙ୍କ ସହିତ ଯୋଗିନୀମାନଙ୍କୁ ଆବାହନ କରାଯାଇ ପୀଠ ପୂଜା ସହିତ ମା'ଙ୍କ ଉଦ୍ଦେଶ୍ୟରେ ଘୃତାହୁତି ପ୍ରଦାନ କରାଯାଇଥିଲା। ବୈଦିକ ବ୍ରାହ୍ମଣ ସମାଜରୁ ଆଚାର୍ଯ୍ୟ ଭାବେ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟ ପରିଚାଳନା କରିଥିବାବେଳେ ବରିଷ୍ଠ ପୁରୋହିତ ଭାବେ ପଣ୍ଡିତ ଦୁର୍ଗାଚରଣ ତ୍ରିପାଠୀ, ନୃସିଂହ ପ୍ରସାଦ ଶତପଥୀ, ଜଗନ୍ନାଥ ମିଶ୍ର, ବୀରେନ୍ଦ୍ର ଶତପଥୀଙ୍କ ସମେତ ବରେଣ୍ୟ ପଣ୍ଡିତମାନେ ଯଜ୍ଞବିଧାନ କାର୍ଯ୍ୟ ପରିଚାଳନା କରିଥିଲେ। କର୍ତ୍ତା ଭାବେ ସୁରେନ୍ଦ୍ର ପଣ୍ଡା ଓ ସ୍ତ୍ରୀ ଅରୁଣବାଳା ପଣ୍ଡା ଦାୟିତ୍ୱ ବହନ କରିଥିବାବେଳେ ନିଶାରାତ୍ରରେ ଗ୍ରାମର ପ୍ରତ୍ୟେକ ପ୍ରବେଶ ଦ୍ୱାରରେ ଦେବଦେବୀ ଓ ଯୋଗିନୀମାନଙ୍କ ଉଦ୍ଦେଶ୍ୟରେ ପଣାପାଣି ପ୍ରଦାନ କରାଯାଇଥିଲା। ଆଧ୍ୟାତ୍ମିକ କାର୍ଯ୍ୟରେ ମନ୍ଦିର ପରିଚାଳନା କମିଟିର ପ୍ରଦୀପ କୁମାର ଦାସ , ଆଇନଜିବୀ ସତ୍ୟନାରାୟଣ ପାଣିଗ୍ରାହୀ, ସୁରେଶ ପ୍ରଧାନ, ପଞ୍ଚୁ ପଲେଇ, ଶିଶିର ଦାସ, ହରି ଗୌଡ, ରବିସାହୁ, ନବୀନ ସାହୁ, ଶରତ ପ୍ରଧାନ, ଦେବ ଖଟେଇଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# କାଳବୈଶାଖୀରେ କୁଆପଥର ବର୍ଷା

ଜି.ଉଦୟଗିରି,୧୫।୩
(ଚିନ୍ମୟ କୁମାର ସେଠୀ)

ଜି. ଉଦୟଗିରି ଅଞ୍ଚଳରେ ଚଳିତ ବର୍ଷର ପ୍ରଥମ କାଳବୈଶାଖୀ ବର୍ଷା ହୋଇଛି। କଳିଙ୍ଗା ଜି.ଉଦୟଗିରି ସମେତ ବିଭିନ୍ନ ସ୍ଥାନରେ କିଛି ସମୟ ଧରି ପ୍ରବଳ ଘଡ଼ଘଡ଼ି, ବିଜୁଳି ସହ କୁଆପଥର ବର୍ଷା ହେଇ ବାୟୁମଣ୍ଡଳ ଥଣ୍ଡା ଅନୁଭୂତି ହେଉଛି। ଫଳରେ ଗରମରୁ ଆଶ୍ୱସ୍ତି ମିଳିଛି। କାଳବୈଶାଖୀ ବର୍ଷାରେ ରାସ୍ତାଘାଟ, ଖାଲିଥିବା ସ୍ଥାନ କୁଆପଥରରେ ପରିପୂର୍ଣ୍ଣ ହୋଇଥିଲା। ବଜାରକୁ ଆସିଥିବା ଲୋକେ ବର୍ଷାର ମଜା ନେଉଥିବା ଦେଖିବାକୁ ମିଳିଛି। ଏହି ବର୍ଷାରେ କୌଣସି କ୍ଷୟକ୍ଷତି ହୋଇନାହିଁ।

# ଅଟୋ ଓଲଟି ଜଣେ ମୃତ, ଚାଳକ ଗୁରୁତର

କାଶୀନଗର,୧୫ ।୩(ପି.ମୁରଲୀ)

ଗଜପତି ଜିଲା କାଶୀନଗର ଥାନା ଅନ୍ତର୍ଗତ କିତିଙ୍ଗି ଗ୍ରାମ ନିକଟରେ ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଡି. ସନ୍ତୋଷ। ଗୁରୁତର ବ୍ୟକ୍ତି ଜଣକ ଅଟୋ ଚାଳକ ବୋଲି ଜଣାପଡିଛି। ଡି. ସନ୍ତୋଷ ଗୌରୀ ଗ୍ରାମରେ ଥିବା ଧାନ କଳକୁ ଅଟୋରେ ଧାନ ଧରି ଯାଉଥିଲେ। କିତିଙ୍ଗି ଗ୍ରାମ ନିକଟସ୍ଥ ରାସ୍ତାରେ ଅଟୋଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡିଥିଲା। ଗ୍ରାମବାସୀ ଡି. ସନ୍ତୋଷ ଓ ଅଟୋ ଚାଳକଙ୍କୁ ଉଦ୍ଧାର କରି କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ଅଟୋ ଚାଳକଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଚିକିତ୍ସା ପାଇଁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କାଶୀନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଟୋକୁ ଜବତ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ପଠାଇଥିବା ଥାନା ଅଧିକାରୀ ତ୍ରିନାଥ ସେଠୀ କହିଛନ୍ତି।

# ଗଞ୍ଜାମରେ ଟମାଟୋର ଅଭାବୀ ବିକ୍ରି

ଗଞ୍ଜାମ,୧୫।୩(ବିଦ୍ୟାଧର ସାହୁ)

ମାଟିରେ ମିଶୁଛି ଚାଷୀ ଝାଳ ବୁହାଇ ଅମଳ କରିଥିବା ଟମାଟୋ। ବର୍ତ୍ତମାନ ବଜାରରେ ଦର ଏଭଳିସ୍ତରକୁ ଖସିଛି ଯେ ଅମଳ ଖର୍ଚ୍ଚବି ଉଠୁନାହିଁ। ଏପରିକି ମଜୁରି ଦେବାକୁ ଅକ୍ଷମ ହେଉଥିବାରୁ ଚାଷୀ ଗଛରୁ ଟମାଟୋ ତୋଳିବାକୁ ବି ଅମଙ୍ଗ ହେଉଛନ୍ତି। ଏହିଭଳି ଘଟଣା ଏବେ ଗଞ୍ଜାମ ବ୍ଲକ୍‌ର ସିପକୁଦା, ଝାରେଡ଼ି, ବିଞ୍ଝାନାପଲୀ ଆଦି ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ଅଧିକାଂଶ ଚାଷୀ ପରିବା ଚାଷ ଉପରେ ନିର୍ଭର କରିଥାନ୍ତି। ହେଲେ ଟମାଟୋ ଦର ୫ ଟଙ୍କାକୁ ଖସିଆସିଛି, ତଥାପି ବେପାରୀ ନେବାକୁ ଅମଙ୍ଗ। ଗୋଟେ ଗୋଟେ ଟ୍ରେରେ ୨୭ କିଲୋ ରହୁଥିବା ବେଳେ ୫୦ରୁ ୬୦ ଟଙ୍କାରେ ନେବା ପାଇଁ ବେପାରୀ ଆଗ୍ରହ ଦେଖାଉନାହାନ୍ତି। ବିଲରୁ ଟମାଟୋ ତୋଳିବା ପାଇଁ ଯେତିକି ମଜୁରି ଲାଗୁଛି ବିକ୍ରି କରିବା ପରେ ବି ସେତିକି ଟଙ୍କା ମିଳୁ ନ ଥିବା ଚାଷୀ କହିଛନ୍ତି। ବିକ୍ରି ନ ହେବାରୁ କିଛି ଚାଷୀ ରାସ୍ତାକଡ଼ରେ ଟମାଟୋ ଜମା ରଖିଥିବା ଦେଖିବାକୁ ମିଳିଛି। ଚାଷୀଙ୍କ କହିବା କଥା, ଯଦି ଶୀତଳଭଣ୍ଡାର ଥାନ୍ତା ତେବେ ତାହାକୁ ସେମାନେ ସଂରକ୍ଷଣ କରି ରଖିପାରିଥାନ୍ତେ। ଏହାର ଅଭାବ ହେତୁ ଚାଷୀ ତା'ର ଅମଳ ଟମାଟୋକୁ ସାଇତି ରଖିପାରୁନାହିଁ ଏବଂ ପଚିଯିବା ଭୟରେ କମ୍ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି, ଯାହାର ସୁଯୋଗ ନେଇ ମଧ୍ୟସ୍ଥମାନେ ଶସ୍ତାରେ ମାଲ୍ କିଣୁଛନ୍ତି। ଏଣୁ ସରକାରଙ୍କ ନିକଟରେ କ୍ଷତିପୂରଣ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ପାଇଁ ଦାବି ହୋଇଛି। ଯଦି ସରକାର ଆଗାମୀ ଦିନରେ ଚାଷୀଙ୍କଠାରୁ ସିଧାସଳଖ ଟମାଟୋ କିଣିବା ପାଇଁ ବ୍ୟବସ୍ଥା ନ କରନ୍ତି ତେବେ ଚାଷୀ କ୍ଷତିଗ୍ରସ୍ତ ହେବେ। ଅଧିକାଂଶ ଚାଷୀ ମହାଜନଙ୍କଠାରୁ ଋଣ ଆଣି ଚାଷ କରିଥାନ୍ତି। କେବଳ ସିପକୁଦା ନୁହେଁ, ଗଞ୍ଜାମ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ଚାଷୀ ଟମାଟୋ ଚାଷ କରିଥାନ୍ତି। କିନ୍ତୁ ବିକ୍ରି ସମୟରେ ସେହି ପୁରୁଣା ସମସ୍ୟା ଦେଖାଦେଉଛି। କ୍ଷେତରେ ଟମାଟୋ ପଡ଼ିରହିଛି କିନ୍ତୁ କିଣିବାକୁ ଗ୍ରାହକ ଆସୁନାହାନ୍ତି। ଏଠାରୁ ଅମଳ ହେଉଥିବା ଟମାଟୋକୁ ବାହାର ରାଜ୍ୟ କିମ୍ବା ବଡ଼ ସହରକୁ ପଠାଇବା ପାଇଁ କୌଣସି ବ୍ୟବସ୍ଥା ନାହିଁ କି ଶୀତଳଭଣ୍ଡାର ମଧ ଅଭାବ। ଏ ନେଇ ସରକାରୀ ସ୍ତରରେ ସିଧାସଳଖ କ୍ରୟ ବ୍ୟବସ୍ଥା କରାଗଲେ ଚାଷୀ ମଧ୍ୟସ୍ଥ କବଳରୁ ମୁକ୍ତି ପାଇ ଉଚିତ ଦର ପାଇପାରନ୍ତେ ବୋଲି ମତ ପ୍ରକାଶ ପାଇଛି।

# ମା'ବାପା ବୋଝ ନୁହନ୍ତି, ବାର୍ତ୍ତା ଦେଲା ନାଟକ 'କୁହୁଡ଼ି'

ନୟାଗଡ଼,୧୫।୩ (ଲୋକନାଥ ମିଶ୍ର)

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ

ନୟାଗଡ଼ ସହରର ପଠାଣି ସାମନ୍ତ ପ୍ରେକ୍ଷାଳୟରେ ନାଟ୍ୟାନୁଷ୍ଠାନ ନାଟ୍ୟଧାରା ପକ୍ଷରୁ ଷଷ୍ଠ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ ଉପସ୍ଥିତ ରହି ରାଜ୍ୟସ୍ତରୀୟ ନାଟକ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମଞ୍ଚରେ ନାଟ୍ୟଧାରା ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର, ନାଟ୍ୟ ନିର୍ଦ୍ଦେଶକ ବିଜୟ କୁମାର ଚୌଧୁରୀ, ନାଟ୍ୟକାର ଗୋପୀନାଥ ବାରିକ ଏବଂ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ। ନାଟକ ସପ୍ତାହର ପ୍ରଥମ ଦିବସରେ ଭୁବନେଶ୍ୱର ବିଦ୍ୟାକନକ ସୃଜାନାନୁଷ୍ଠାନ ପକ୍ଷରୁ ନାଟକ କୁହୁଡ଼ି ମଞ୍ଚସ୍ଥ ହୋଇଥିଲା। ସାମାଜିକ ଅବକ୍ଷୟ ଏବଂ ମୂଲ୍ୟବୋଧର ସଂଘର୍ଷ ଉପରେ ଆଧାରିତ ନାଟକରେ ମା'ବାପା ବୋଝ ନୁହଁନ୍ତି ବୋଲି ଦେଇଥିବା ବାର୍ତ୍ତା ବେଶ ହୃଦୟସ୍ପର୍ଶୀ ହୋଇ ପାରିଥିଲା। ସଂସାରଟା ମାୟାର କୁହୁଡ଼ି। କୁହୁଡି ସେପାଖେ ଛଳନାର ଘର। ସଂସାର ଆରମ୍ଭ କରିବା ପରେ ମଣିଷ ସ୍ୱାର୍ଥପରତା, ଲୋଭ ଏବଂ ମିଥ୍ୟାର ଖୋଳପା ଭିତରେ ବାନ୍ଧି ହୋଇ ପଡେ। ଛଳନାର ଘର ତାକୁ ଏପରି ଆଚ୍ଛାଦିତ କରି ରଖେ ଯେଉଁ ମା'ବାପା ଦିନେ ବ୍ରତ ଓ ଉପାସ କରି ସନ୍ତାନକୁ ଜନ୍ମ ଦେଇଥାନ୍ତି, ସେମାନଙ୍କୁ ଜରାଶ୍ରମର ପଥ ଦେଖାଇ ଥାଏ। ଦେଶର ସର୍ବାଧିକ ଜରାଶ୍ରମ ଓଡ଼ିଶାରେ ରହିଛି। ମା'ବାପା କ'ଣ ସତରେ ସନ୍ତାନଙ୍କ ପାଇଁ ବୋଝ ପାଲଟି ଯାଉଛନ୍ତି। ସ୍ନେହ ମମତା ଭଲ ପାଇବାର ସୂର୍ଯ୍ୟାଲୋକକୁ ସତରେ କ'ଣ ମାନ ଅଭିମାନ ରାଗ ରୁଷାର କୁହୁଡ଼ି ଢାଙ୍କି ଦେବାରେ ସକ୍ଷମ ହେଉଛି। ଏଭଳି କିଛି ପ୍ରଶ୍ନକୁ ନେଇ ନାଟକର କାହାଣୀ ଗତିଶୀଳ ହୋଇଥିଲା। ସମାଜରେ ମା'ବାପାଙ୍କ ପ୍ରତି ଥିବା ଅନ୍ୟାୟ, ଭ୍ରମ ଓ ନୈତିକ ପତନର ଚିତ୍ର ସ୍ପଷ୍ଟ ବାରି ହୋଇ ପଡୁଥିଲା। ନାଟକର ଚରିତ୍ରମାନେ ପରିସ୍ଥିତିରେ ପଡି ସତ୍ୟ ଅସତ୍ୟର ମୁହାଁମୁହିଁ ହୋଇଥିଲେ। ଶେଷରେ ସତ୍ୟ ଓ ନୀତିର ପଥ ଜାଣି ମା' ବାପା ପ୍ରତି କରିଥିବା ଭୁଲ ବୁଝି ପଶ୍ଚାତ୍ତାପ କରିଥିଲେ। ନାଟକର ବିଭିନ୍ନ ଭୂମିକାରେ ଗୋବିନ୍ଦ ମହାପାତ୍ର, ପ୍ରଦୀପ୍ତ ସ୍ୱାଇଁ, ରାଜେଶ ବଳବନ୍ତରାୟ, ମାନସ ପରିଡ଼ା, ଶୁଭକାନ୍ତ ପାଢ଼ୀ, ରାଜେଶ ମଲ୍ଲିଆ, ସରିତା ପ୍ରଧାନ, ସୌମ୍ୟା ସୁମନ ମହାନ୍ତି ଏବଂ ଶିଶୁ କଳାକାର ନୈନ୍ଦ୍ରି ନୈନିକା ମିଶ୍ରଙ୍କ ଜୀବନ୍ତ ଅଭିନୟ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା। ଗୋପୀନାଥ ବାରିକଙ୍କ ଦ୍ୱାରା ରଚିତ ନାଟକ କୁହୁଡ଼ିକୁ ଅବକାଶ ମିଶ୍ର ନିର୍ଦ୍ଦେଶନା ଦେଇଥିବା ବେଳେ ମାନସ କୁମାର ପରିଡ଼ା ସଙ୍ଗୀତ ପରିଚାଳନା ଏବଂ ରାଜେଶ ଶତପଥୀ ଆଲୋକ ପରିଚାଳନା କରିଥିଲେ। ନାଟକ ଦେଖିବାକୁ ପ୍ରେକ୍ଷାଳୟର ଭରପୁର ଦର୍ଶକ ଉପସ୍ଥିତ ଥିଲେ।



ମଞ୍ଚସ୍ଥ ନାଟକ କୁହୁଡ଼ି ଏକ ଦୃଶ୍ୟରେ କଳାକାରମାନେ।


यूनाइटेड इंडिया इंश्युरेन्स कं.लिमिटेड
UNITED INDIA INSURANCE CO. LTD.
(A Government of India Undertaking)
REGIONAL OFFICE: BHUBANESWAR, OCHC BUILDING, 5TH FLOOR, KHARAVELA NAGAR, UNIT-III, BHUBANESWAR-751001, PH: 0674-2391138
IRDA REGN. NO.545 CIN. U93090TN1938GOI000108

PUBLIC NOTICE: MERGER / RELOCATION OF OFFICES

This is for the information of general public that as part of our Company's business consolidation plans, our valuable clients of the following office that is located in the State of Odisha will now be serviced by our other office w.e.f. **31.05.2026**. Clients will continue to enjoy uninterrupted services from the nearest or new location given below as well as online:

| EXISTING OFFICE (OFFICE NAME & ADDRESS) | FUTURE SERVICING OFFICE (OFFICE NAME, ADDRESS & CONTACT NO.) |
|---|---|
| Micro Office: Keonjhar Address: Floor No.: 1, in front of Hotel Kashvi, Madhapur, Keonjhar, Odisha – 758001 | Business Office: Barbil Address: Pandya Trade Centre, Floor No.: 1, Main Road BPO, Barbil, Keonjhar, Odisha – 758035, Contact No.: 8249771033 |

Bhubaneswar, Date: 16.03.2026 Sd/- Chief Regional Manager

ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/POST : BARINIPUT, DIST. : KORAPUT (ODISHA) - 764006
Phone : 06854-242001, Fax : 06854-242038, E-mail ID : sgmel.ukhep@gmail.com

TENDER CALL NOTICE NO. UKHEP : No. 51/2025-26 Dated : 09.03.2026

**No.4001/67/2526** : Sealed Tenders are invited in single bid basis from Vehicle Owners/Travel Agencies/individuals fulfilling the eligibility criteria as per the tender specification for the work as mentioned below :

| Sl. No. | Description/Type of Vehicle | Cost of Tender Paper (in Rs.) (Non-refundable) | EMD (in Rs.) (Refundable) |
|---|---|---|---|
| 1 | Deployment of 01 (One) No Diesel Run Hired Vehicle Bolero (BS-VI, Closed Body) for Official Work of Officers' of Utility Division, UKHEP, Bariniput For a Period of 48 Months From 2026-27 to 2030-31 | Rs.7080/- (Paper Cost Rs.6000/- + GST@18% Rs.1080/-) | Rs.24,600/- |

The sale of Tender Paper will be from : From 18.03.26 to 11:00 Hrs of 30.03.2026
The last date & time of receipt of tender : Up to 12:00 Hrs. of Date : 31.03.2026
The date and time of opening of tender : At 12:30 Hrs. of Date : 31.03.2026
For details of the tender documents, terms and conditions downloading please visit our website www.ohpcltd.com.
OIPR-4001/4002/1/25-26/0006 Sd./- UNIT HEAD, UKHEP, Bariniput

# ବିଶେଷଜ୍ଞ ଡାକ୍ତର ପଦବୀ ଖାଲି, ରୋଗୀ ସେବା ବାଧାପ୍ରାପ୍ତ

**ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟ**

■ ସେବା ବଦଳରେ ଡାକ୍ତରଙ୍କ ଚାଲିଛି ବ୍ୟବସାୟ

■ ଜୀବନ ସହ ଖେଳୁଛନ୍ତି କ୍ୱାକ୍

**ପଟ୍ଟାମୁଣ୍ଡାଇ, ୧୫।୩ (କଳ୍ପତରୁ ନାୟକ):**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଦୀର୍ଘଦିନ ହେଲା ବିଭିନ୍ନ ବିଭାଗରେ ଡାକ୍ତର, ବିଶେଷଜ୍ଞ ପଦବୀ ଖାଲିପଡିଛି। ଏଠାରେ ୫୫ ଡାକ୍ତରଙ୍କ ସ୍ଥାନରେ ୧୦ ଜଣରେ କାମ ଚାଲିଛି। ସେଥିମଧ୍ୟରୁ ୨ଜଣ ଡାକ୍ତର ଟ୍ରେନିଂରେ ଯାଇଥିବା ଜଣାପଡିଛି। ଫଳରେ ରୋଗୀ ସେବା ବାଧାପ୍ରାପ୍ତ ହେଉଛି। ଏହାର ସୁଯୋଗ ନେଇ ଗାଁରୁ ସହର ପର୍ଯ୍ୟନ୍ତ କେତେକ ଔଷଧ ଦୋକାନୀ ଓ ପାଥୋଲାବ୍‌ରେ ଡାକ୍ତରଙ୍କ ପ୍ରକୋଷ୍ଠ ଖୋଲି ରୋଗୀ ସେବା ବଦଳରେ ବ୍ୟବସାୟ କରି ଚାଲୁଛନ୍ତି। ଗାଁଗହଳିରେ ମାଇକ ଗାଡି ବୁଲାଇ ବିଭିନ୍ନ ବିଭାଗର କଟକ ବିଶେଷଜ୍ଞ ଡାକ୍ତର ଆସୁଥିବା ପ୍ରଚାର କରାଯାଉଛି। କିନ୍ତୁ ଏହି ଡାକ୍ତରମାନଙ୍କ ମଧ୍ୟରେ କେତେଜଣ ନକଲି ଡାକ୍ତର ରୋଗୀମାନଙ୍କ ଜୀବନ ସହ ଖେଳୁଥିବା ବେଳେ ନିରୀହ ଜନତାଙ୍କୁ ଶୋଷଣ କରାଯାଉଛି ବୋଲି ଆଲୋଚନା ହେଉଛି। ଯାହାଦ୍ୱାରା ଅସଲି ଡାକ୍ତର ବଦନାମ ହେବା ସହ ରୋଗୀ ମଧ୍ୟ ନକଲି ଡାକ୍ତରମାନଙ୍କ ଶିକାର ହେଉଛନ୍ତି ବୋଲି ସଚେତନ ନାଗରିକମାନେ କହିଛନ୍ତି।

ପଟ୍ଟାମୁଣ୍ଡାଇ ବିଭିନ୍ନ ପ୍ରକାର ବ୍ୟବସାୟ ପ୍ରତିଷ୍ଠାନ ସହ ଘରୋଇ କ୍ଲିନିକ୍, ବଡ଼ ବଡ଼ ଔଷଧ ଗୋଦାମ, ଔଷଧ ଦୋକାନ ଏବଂ ରୋଗୀମାନଙ୍କୁ ପରୀକ୍ଷା ନିରୀକ୍ଷା କରିବା ନିମନ୍ତେ ଅନେକ ପାଥୋଲାବ୍ ଗଢ଼ି ଉଠିଛି। ଏହା ମଧ୍ୟରୁ କେତେକ ଔଷଧ ଦୋକାନ ଏବଂ ପରୀକ୍ଷା ନିରୀକ୍ଷା କେନ୍ଦ୍ରଗୁଡ଼ିକ ନିଜ ନିଜ ବ୍ୟବସାୟ ବଢ଼ାଇବା ପାଇଁ ପ୍ରତିଷ୍ଠାନରେ ରୋଗୀ ଚିକିତ୍ସା ନିମନ୍ତେ ଡାକ୍ତରଙ୍କୁ ବସାଉଛନ୍ତି। ଏହା କେତେକ ସ୍ଥାନରେ ନାମୀଦାମୀ ହସ୍ପିଟାଲର ବିଶେଷଜ୍ଞ ଡାକ୍ତରଙ୍କ ନାମ ନେଇ ଘରଭଡା ସତ୍ୟପାଠ କରାଯାଇ ଫଳକ ମରାଯାଇଛି। କେତେକ ଜାଗାରେ ନକଲି ଡାକ୍ତର ରୋଗୀ ଦେଖୁଛନ୍ତି ବୋଲି ଅଭିଯୋଗ ମଧ୍ୟ ହେଉଛି। ଏହି ଅଞ୍ଚଳରେ ସରକାରୀ ଡାକ୍ତର ଅଭାବ ଯୋଗୁ ବାହାର ଡାକ୍ତର ପ୍ରଚାରରେ ଏହିସବୁ




ସ୍ଥାନରେ ରୋଗୀଙ୍କର ଭିଡ଼ ଦେଖିବାକୁ ମିଳୁଛି। କେତେଜଣ ନକଲି ଡାକ୍ତର ନିଜକୁ ଆତ୍ମଘୋଷିତ ଡାକ୍ତର କହି ଲୋକଙ୍କୁ ଭୁଆଁ ବୁଲାଇ ବେଶ୍ ଫାଇଦା ଉଠାଉଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଯାହାଫଳରେ ରୋଗୀମାନେ ହଇରାଣ ହରକତ ହେଉଥିବାବେଳେ ନକଲି ଡାକ୍ତରଙ୍କ ଔଷଧ ଖାଇ ଅନେକ ରୋଗୀ ସଙ୍କଟାପନ୍ନ ହେବା ସହ ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ ହେଉଛି। ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖି କହିଛନ୍ତି, ଭୁବନ ଅଞ୍ଚଳର ଜଣେ ଡାକ୍ତର ପଟ୍ଟାମୁଣ୍ଡାଇର ଏକ ଦୋକାନରେ କଟକ ବଡ ଡାକ୍ତରଖାନର ବିଶେଷଜ୍ଞ ହୋଇ ରୋଗୀ ଦେଖୁଥିଲେ। ମାତ୍ର ସେହି ଅଞ୍ଚଳର ଜଣେ ବ୍ୟକ୍ତି ବନ୍ଧୁଘର ପଟ୍ଟାମୁଣ୍ଡାଇ ଆସିଥିବାବେଳେ ଉକ୍ତ ବିଶେଷଜ୍ଞ ବୋଲାଉଥିବା ଡାକ୍ତରଙ୍କ ସହିତ ଦେଖା ହୋଇଥିଲା। ସେ ଏଠାକୁ ବୁଲି ଆସିଥିବା କହି ତରତର ହୋଇ ଚାଲିଯାଇଥିଲେ। ସତ୍ୟାସତ୍ୟ ବନ୍ଧୁଙ୍କ ନିକଟରୁ ଜଣାପଡିବା ପରେ ସେ ଡାକ୍ତର ଆସୁ ନ ଥିବା ଜଣାପଡିଥିବା ବେଳେ ଫଳକ ସତ୍ୟପାଠ ବାହାରି କରି ଦିଆଯାଇଛି। ଏଭଳି ଅନେକ ଘଟଣା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ହୋଇଥିଲେ ବି ଘଟଣା ସର୍ବସମ୍ମୁଖକୁ ଆସି ପାରୁନାହିଁ। ତେବେ ପ୍ରଶାସନ ସବୁ ଜାଣି ଏକପ୍ରକାର ନୀରବଦ୍ରଷ୍ଟା ପାଲଟିଯାଇଛି। ଯାହା ସାଧାରଣ ଲୋକେ ଶୋଷଣର ଶିକାର ହେବା ସହ ବିପଦରେ ପଡିଛନ୍ତି ବୋଲି ଆଲୋଚନା ହେଉଛି। ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ଜନବସତି ସ୍ଥାନରେ ଥିବା ଛକ ଉପରେ ଅନେକ ଔଷଧ ଦୋକାନ ରହିଛି। ସେଥି ମଧ୍ୟରୁ ଅନେକ ଔଷଧ ଦୋକାନରେ ବିଭିନ୍ନ ବିଭାଗର ଡାକ୍ତର ରୋଗୀମାନଙ୍କୁ ଦେଖିବା ପାଇଁ ବ୍ୟବସ୍ଥା ମଧ୍ୟ କରିଛନ୍ତି। ତେବେ ଏହା ଉପରେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯିବା ସହ ଆସୁଥିବା ଡାକ୍ତରମାନେ ଅସଲି କି ନକଲି ତାହା ଉପରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ସିଡିଏମ୍‌ଓ ଡା. ମନୋରଞ୍ଜନ ରାଉତଙ୍କୁ ପଚାରିବାରେ ଅନ୍ୟସ୍ଥାନରୁ ଡାକ୍ତରମାନେ ଆସି ଏଠାରେ ରୋଗୀ ଚିକିତ୍ସା କରିପାରିବେ, ମାତ୍ର କ୍ଲିନିକ ଖୋଲିବା ଲାଗି ପଞ୍ଜୀକରଣ ଆବଶ୍ୟକ। ନକଲି ଡାକ୍ତରଙ୍କ ଉପରେ ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।

# ଭିତରକନିକା, ଗହୀରମଥାରେ ଦୁର୍ବୃତ୍ତଙ୍କ ଗତିବିଧି ଉପରେ ନଜର ରଖିବ ଡ୍ରୋନ୍

■ ଗହୀରମଥାରେ ୨୫ କି.ମି. ସମୁଦ୍ର ଭିତରକୁ ଯିବ

■ ୧୦ କିଲୋମିଟର ଅଞ୍ଚଳରେ ଭିଡିଓ, ଫଟୋ ଉତ୍ତୋଳନ କରିବ

**ରାଜନଗର, ୧୫।୩ (ଭାସ୍କର ରାଉତରାୟ):**

ଭିତରକନିକା ଜାତୀୟ ଉଦ୍ୟାନ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ମାଫିଆଙ୍କ ଗତିବିଧି ଉପରେ ନଜର ରଖିବ ଡ୍ରୋନ। କୂଳରୁ ୨୫ କି.ମି. ସମୁଦ୍ର ଭିତରକୁ ଯାଇ ୧୦ କିମି ଅଞ୍ଚଳର ଭିଡିଓ ଉତ୍ତୋଳନ କରିବ ଓ ପୁଣି ଡ୍ରୋନ ଯେଉଁ ସ୍ଥାନରୁ ଯାଇଥିବ ଆପେ ଆପେ ସେହି ସ୍ଥାନକୁ ଫେରି ଆସିବ। ରାଜନଗର ବନଖଣ୍ଡର ଭିତରକନିକା ଜାତୀୟ ଉଦ୍ୟାନ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟକୁ ଡ୍ରୋନ ସାହାଯ୍ୟରେ ସୁରକ୍ଷା ଯୋଗାଇ ଦିଆଯିବ। ଏଥିପାଇଁ ୫ ଦିନିଆ ତାଲିମ ଶିବିର ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଶନିବାର ଆରମ୍ଭ ହୋଇଛି। କଲିକତାସ୍ଥିତ ଡ୍ରୋନ ପାଠଶାଳାର ଟ୍ରେନର ସମ୍ବିତ ସ୍ୱୟଂ ପ୍ରକାଶ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଶନିବାର ପ୍ରଥମ ଦିନରେ କାର୍ଯ୍ୟାଳୟ ମଧ୍ୟରେ ଟ୍ରେନିଂ ଦିଆଯାଇଥିବା ବେଳେ ରବିବାର ପେଣ୍ଠ ବେଳାଭୂମିରେ ପ୍ରଶିକ୍ଷଣ ଦିଆଯାଇଛି। କିପରି ଏହି ଡ୍ରୋନ ଉଡାଇବେ, ଡ୍ରୋନ କିପରି ଯେଉଁଠାରୁ



ଯାଇଥିବ ସେହି ସ୍ଥାନକୁ ଫେରି ଆସିବ, ଡ୍ରୋନ ଉତ୍ତୋଳନ କରିଥିବା ଫଟୋ, ଭିଡିଓକୁ କିପରି ସ୍ଥାନାନ୍ତର କରାଯିବ ସମସ୍ତ ବିଷୟରେ ପ୍ରଶିକ୍ଷଣ ଦିଆଯାଉଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଫରେଷ୍ଟର ତ୍ରିଦୀପ ପ୍ରଧାନ, ସୁନୀଲ ରଞ୍ଜନ ରାଉତରାୟ, ସତ୍ୟଜିତ ପାଣି, ସତୀଶ ଲାକ୍ରା, ନିରଞ୍ଜନ ମଣ୍ଡଳ, ଦେବାଶିଷ ରଥ ପ୍ରମୁଖ ବନ କର୍ମଚାରୀ ସାମିଲ ହୋଇଥିଲେ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୩ଟି ଡ୍ରୋନ ଯୋଗାଇ ଦିଆଯାଇଛି। ଏହି ଡ୍ରୋନ କ୍ୟାମେରା ମାଧ୍ୟମରେ ଭିତରକନିକା ଜାତୀୟ ଉଦ୍ୟାନ ଜଙ୍ଗଲରେ କାଠମାଫିଆ, ବନ୍ୟଜନ୍ତୁ ଶିକାରୀ, ନିଷିଦ୍ଧାଞ୍ଚଳର ନଦୀନାଳରେ ମାଛ ଧରୁଥିବା ଅନୁପ୍ରବେଶକାରୀ, ଜାତୀୟ ଉଦ୍ୟାନର କ୍ଷତି କରୁଥିବା ସମସ୍ତ ବ୍ୟକ୍ତିଙ୍କ ଉପରେ ତୀକ୍ଷ୍ଣ ନଜର ରଖିବ। ବିଶେଷକରି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ବେଆଇନ ଟ୍ରଲର ଚଳାଚଳ ଓ ବେଆଇନ କାର୍ଯ୍ୟକଳାପ ଉପରେ ଏହା ନଜର ରଖିବ। ସମୁଦ୍ର ତଟଠାରୁ ୨୫ କିଲୋମିଟର ସମୁଦ୍ର ମଧ୍ୟକୁ ଏହି ଡ୍ରୋନ ଯାଇ ତଥ୍ୟ ସଂଗ୍ରହ କରିବାରେ ସହାୟକ ହେବ। ଯାହାଦ୍ୱାରା ଅଲିଭରିଡ୍‌ଲେ କଇଁଛଙ୍କ ପାଇଁ ମୃତ୍ୟୁର କାରଣ ସାଜୁଥିବା ଟ୍ରଲର, ଗିଲନେଟର ଓ ବୋଟ୍‌ଗୁଡ଼ିକର ଗତିବିଧି ଅନୁଧ୍ୟାନ କରି ଠିକ୍ ତଥ୍ୟ ଯୋଗାଇ ଦେବ। କଇଁଛ ମୃତ୍ୟୁ, କଇଁଛ ବସା ନଷ୍ଟ ଓ ଜଙ୍ଗଲ ମଧ୍ୟରେ ଶତାଧିକ ମୃତ କଇଁଛ ପଡିବା ଓ ତାହାକୁ କୁକୁର ଖୁଣି ଖାଇବା ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ତତ୍କାଳ ଡ୍ରୋନ ମାଧ୍ୟମରେ ମାଫିଆଙ୍କ ଉପରେ ନଜର ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି।

# ଶ୍ରୀବଳଦେବଜୀଉ ଜ୍ୟୋତିଯାତ୍ରାକୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

**କେନ୍ଦ୍ରାପଡା, ୧୫।୩ (ଜଗନ୍ନାଥ ଧଳ):**

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ମହିମା ପ୍ରସାର ନିମନ୍ତେ ରବିବାର ବାହାରିଥିବା ଜ୍ୟୋତିଯାତ୍ରାକୁ ବିଭିନ୍ନସ୍ଥାନରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କେନ୍ଦ୍ରାପଡ଼ା ସହରର ଗରାପୁରସ୍ଥ ଶିବାନନ୍ଦ ଆଶ୍ରମ ପକ୍ଷରୁ ଆୟୋଜିତ ଏହି ଜ୍ୟୋତିଯାତ୍ରା ସକାଳ ୬ଟାରେ ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉ ମନ୍ଦିରରୁ ବାହାରିଥିଲା। ଆଶ୍ରମ ଅଧ୍ୟକ୍ଷା ଶ୍ରୀମା ଦିବ୍ୟସ୍ୱରୂପାନନ୍ଦଜୀଙ୍କ ତତ୍ତ୍ୱାବଧାନରେ ଏହି ଜ୍ୟୋତି ଯାତ୍ରା ମାଉସୀ ମା' ମନ୍ଦିର, ଛଘରିଆ, କଳପଡା, ବଗଡା ଦେଇ ସଖୀବଟରେ ପହଞ୍ଚି ଥିଲା। ସେଠାରୁ ମାହାରାକୂଳ, କଦମ୍ବମୂଳ, ମେହେନ୍ଦିପୁର, ଭରତପୁର, ଦୁହୁରିଆ ରାସ୍ତା ଦେଇ ଠାକୁରହାଟସ୍ଥିତ ଲଛମନଜୀଉ ମନ୍ଦିରରେ ପହଞ୍ଚି ଥିଲା। ସେହିପରି ଏହି ଜ୍ୟୋତିଯାତ୍ରା ତୁଳସୀକ୍ଷେତ୍ରର ନିକିରାଇ, ଇନ୍ଦୁର ଶ୍ରୀବଳଦେବଚୀଉ ମନ୍ଦିର, ଧୂମାତ ଭକ୍ତ ବିଳାସ ମଠ, ଚଉଦକୁଳାଟସ୍ଥ ଶ୍ରୀଦଧିବାମନଜୀଉ ମନ୍ଦିର ନିକଟକୁ ଯାଇଥିଲା। ପରେ ଗୋଗୁଆ ଛକ, ଦେଇ ଗରାପୁର ଓ ସହରପରିକ୍ରମା କରି ଇଚ୍ଛାପୁରକୁ ରାତି ପ୍ରାୟ ସାଢ଼େ ୯ଟାରେ ପହଞ୍ଚି ଥିଲା। ଜ୍ୟୋତିଯାତ୍ରା ସମୟରେ ଶତାଧିକ ସ୍ଥାନରେ ରହି ଶ୍ରଦ୍ଧାଳୁଙ୍କ ଆଧାତ୍ମ୍ୟ ଭାବକୁ ଉଜାଗର କରିଥିଲା। ଶ୍ରଦ୍ଧାଳୁମାନେ ସଂକୀର୍ତ୍ତନ ମାଧ୍ୟମରେ ଏହାକୁ ପରିକ୍ରମା କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଆଶ୍ରମର ଭକ୍ତଙ୍କ ସହ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।



ଗରାପୁରସ୍ଥ ଶିବାନନ୍ଦ ଆଶ୍ରମରୁ ବାହାରିଥିବା ଶ୍ରୀବଳଜୀବଜୀଉଙ୍କ ଜ୍ୟୋତିଯାତ୍ରା।

# ଡିଙ୍କିଆ ଚାରିଦେଶ ଜନତାଙ୍କୁ ନ୍ୟାୟ ଦେବାକୁ ଓଡ଼ିଶା ଲୋକ ଦଳ ଲଢ଼େଇ କରିବ



ଓଡ଼ିଶା ଲୋକଦଳର ସାଧାରଣ ସଭାରେ ଉପସ୍ଥିତ ନେତୃମଣ୍ଡଳୀ।

**କୁଜଙ୍ଗ, ୧୫।୩(ମନୋଜ ପ୍ରଧାନ )**

ପାରାଦୀପରେ ଗଢ଼ିଉଠିଥିବା ଶିଳ୍ପସଂସ୍ଥା ଓ ଡିଙ୍କିଆ ଚାରିଦେଶରେ ନିର୍ମାଣାଧୀନ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପର ଜନମାରଣ ନୀତି ବିରୋଧରେ ଓଡ଼ିଶା ଲୋକ ଦଳ ସାରା ରାଜ୍ୟରେ ଆନ୍ଦୋଳନ କରିବ ବୋଲି ରାଜ୍ୟ ସଭାପତି ସନ୍ତୋଷ ନାରାୟଣ ଘୋଷଣା କରିଛନ୍ତି। ରବିବାର ଡିଙ୍କିଆରେ ଆୟୋଜିତ ଦଳର ସାଙ୍ଗଠନିକ ସାଧାରଣ ସଭାରେ ଅଧ୍ୟକ୍ଷତା କରି ସନ୍ତୋଷ କହିଥିଲେ, ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ସାଧାରଣ ଜନତାଙ୍କ ସ୍ୱାର୍ଥକୁ ଦଳି କାରଖାନା ନିର୍ମାଣ କରିଚାଲିଛି। ଲକ୍ଷାଧିକ ଗଛ କାଟି ଜଙ୍ଗଲ ସଫା କରିବା ପରେ ଏବେ ବନ୍ୟପ୍ରାଣୀ ବିପଦରେ ପଡ଼ିଥିବା ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟ କୃଷକ ସାମ୍ମୁଖ୍ୟର ସଭାପତି ସୁଶାନ୍ତ ଶେଖର ସ୍ୱାଇଁ ଓ ମୁଖ୍ୟବକ୍ତାଭାବେ ରାଜ୍ୟ ଯୁବ-ଛାତ୍ର ସାମ୍ମୁଖ୍ୟ ସଭାପତି ପ୍ରିୟବ୍ରତ ନାୟକ ଓ ରାଜ୍ୟ ଛାତ୍ର ସାମ୍ମୁଖ୍ୟ ସଭାପତି ଅଭିଷେକ ଦାଶ ଯୋଗଦେଇ ପାରାଦୀପ ଅଞ୍ଚଳରେ ପ୍ରତିଷ୍ଠା ହୋଇଥିବା ଶିଳ୍ପସମୂହଙ୍କ ଅଞ୍ଚଳମାରଣ ନୀତିର ତୀବ୍ର ନିନ୍ଦା କରିବା ସହ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ଯେଉଁଭଳି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟିକରି ବନ୍ୟପ୍ରାଣୀଙ୍କୁ ମାରିଚାଲିଛି, ସେଥିପ୍ରତି ଦଳ ସାରା ରାଜ୍ୟରେ ଆନ୍ଦୋଳନ କରିବ ଏବଂ ଡିଙ୍କିଆ ଚାରିଦେଶ ସାଧାରଣ ଜନତାଙ୍କୁ ନ୍ୟାୟ ପ୍ରଦାନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ୨ ଦିନ ପୂର୍ବେ ଜେଏସ୍‌ଡବ୍ଲ୍ୟୁ ପରିସରରେ ତା'ର ନିରାପତ୍ତାରକ୍ଷୀମାନେ ଏକ ହରିଣ ଛୁଆକୁ ବାନ୍ଧି ରଖିଥିଲେ। କୌଣସିସୂତ୍ରରୁ ବନ କର୍ମଚାରୀ ଖବରପାଇ ଉକ୍ତ ହରିଣକୁ ଉଦ୍ଧାର କରିବାକୁ ଯାଇଥିବାବେଳେ, ନିରାପତ୍ତାରକ୍ଷୀମାନେ ବନ କର୍ମଚାରୀଙ୍କୁ ଭିତରକୁ ଛାଡ଼ି ନ ଥିଲେ। କିନ୍ତୁ ବନ ବିଭାଗର ଅଧିକାରୀମାନେ ଜୋରଜବରଦସ୍ତ ପ୍ରବେଶ କରି ହରିଣ ନିକଟରେ ପହଞ୍ଚିଲା ବେଳକୁ ଉକ୍ତ ହରିଣର ମୃତ୍ୟୁ ଘଟିଥିଲା। ଜେଏସ୍‌ଡବ୍ଲ୍ୟୁ ବନ୍ୟ ପ୍ରାଣୀଙ୍କ ପ୍ରତି କେତେ ନିଷ୍ଠୁରତା ଏହି ଘଟଣା ତାର ଜ୍ୱଳନ୍ତ ଉଦାହରଣ ବୋଲି ସ୍ୱାଇଁ କହିଥିଲେ। ଡିଙ୍କିଆ ଚାରିଦେଶ ଧାନ, ପାନ, ମୀନର କୃଷିଜାତ ଅଞ୍ଚଳ ହୋଇଥିଲେ ମଧ୍ୟ ଏବେ ଅଞ୍ଚଳରେ ବେରୋଜଗାରି, ଦାରିଦ୍ର୍ୟତା, ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହୋଇ ସାଧାରଣ ଜନତା ଅକାଳ ମୃତ୍ୟୁର ଶିକାର ହେଉଥିବା ସ୍ୱାଇଁ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନସ ବର୍ଦ୍ଧନ, ଜିତେନ୍ଦ୍ର ପ୍ରସାଦ ଦାଶ, ଆଲୋକ ମଲ୍ଲିକ, ସର୍ବେଶ୍ୱର ମଲ୍ଲିକ, ଅଭୟ ମଲ୍ଲିକ, ଲିପୁ ଦାସ, ପୀତବାସ ଦାସ, ପ୍ରଶାନ୍ତ ଦାସ, ଭଗବାନ ରଣା, ରଶ୍ମିରଞ୍ଜନ ମହାପାତ୍ର, ଅଭିଷେକ ବର୍ଦ୍ଧନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହରିଣ ମୃତ୍ୟୁ ଓ ଅନ୍ୟାନ୍ୟ ପ୍ରସଙ୍ଗ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁର ସହକାରୀ ଲୋକସମ୍ପର୍କ ଅଧିକାରୀ ସୁଜିତ୍ ବେହେରା ଓ କୁଜଙ୍ଗ ରେଞ୍ଜର ସଞ୍ଜୟ ପ୍ରଧାନଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଉଭୟ ମୋବାଇଲ୍ ଫୋନ ଉଠାଇ ନ ଥିଲେ।

# ବ୍ରାଉନସୁଗାର ଜବତ, ବେପାରୀ ଅଟକ

**ପାଣିକୋଇଲି, ୧୫।୩(ବିକାଶ ଚନ୍ଦ୍ର ମଲ୍ଲିକ):**

ପାଣିକୋଇଲି ପୋଲିସ ଶନିବାର କିଛି ବ୍ରାଉନସୁଗାର ଜବତ କରିବା ସହ ଜଣେ ବେପାରୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତର ତାଜପୁର ଗ୍ରାମରେ ଜଣେ ବେପାରୀ ବ୍ରାଉନସୁଗାର କାରବାର କରୁଥିବାବେଳେ ଗ୍ରାମବାସୀ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ବ୍ରାଉନସୁଗାର ବେପାରୀ କାୟା ମେଲାଇଛନ୍ତି। ଯୁବପିଢ଼ି ଏହାର ଶିକାର ହେବା ସହ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଏଥିପ୍ରତି ପୋଲିସ ଦୃଷ୍ଟିଦେବାକୁ ଦାବି ହୋଇଛି।

# ଆତ୍ମରକ୍ଷା ରଣକୌଶଳ ଶିକ୍ଷାକୁ ଅଣଦେଖା

■ ଯେନତେନ ପ୍ରକାରେ ଫଟୋ ଉଠାଇ ମଞ୍ଜୁର ଅର୍ଥ ହରିଲୁଟ

■ ୟୁସି ଦାଖଲ କରିପାରିନାହାନ୍ତି ୧୫ କଲେଜ କର୍ତ୍ତୃପକ୍ଷ

**ଯାଜପୁର, ୧୫।୩(ହର୍ଷବର୍ଦ୍ଧନ ବେହେରା)**



ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଡିଗ୍ରୀ କଲେଜ ଛାତ୍ରୀମାନଙ୍କୁ ଶାରୀରିକ ଓ ମାନସିକ ଭାବେ ଶକ୍ତିଶାଳୀ କରିବା ଲକ୍ଷ୍ୟ ରଖି ୨୦୨୩-୨୪ ବର୍ଷରେ ଆତ୍ମରକ୍ଷା କ୍ଲବ ତଥା ସେଲ୍ଫ ଡିଫେନ୍ସ କ୍ଲବ ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ହୋଇଛି। ଏହି କ୍ଲବ ଜରିଆରେ ଆତ୍ମରକ୍ଷା ରଣକୌଶଳ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରତ୍ୟେକ ଡିଗ୍ରୀ କଲେଜକୁ ୫୦ ହଜାର ଟଙ୍କା ଲେଖାଏ ମଞ୍ଜୁର ହୋଇଥିଲା। ହେଲେ ୩ ଆର୍ଥିକ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନ ୧୫ଟି କଲେଜ ଏହି ନିର୍ଦ୍ଦେଶକୁ ଅବମାନନା କରିଛନ୍ତି। ଏହି କଲେଜଗୁଡିକରେ ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ହୋଇ ନ ଥିବାରୁ ବିନିଯୋଗ ପ୍ରମାଣପତ୍ର(ୟୁସି) ଦାଖଲ କରି ପାରିନାହାନ୍ତି। ଏହି କ୍ରମରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅଣ୍ଡର ସେକ୍ରେଟେରି ସ୍ମୃତିମୟୀ ରାଉତ ୧୨।୩।୨୦୨୬ରେ ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରି ନ ଥିବା କଲେଜ କର୍ତ୍ତୃପକ୍ଷଙ୍କୁ ୨୦।୩।୨୦୨୬ ସୁଦ୍ଧା ମଞ୍ଜୁର ଅର୍ଥ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ କେତେକ କଲେଜ କର୍ତ୍ତୃପକ୍ଷ ଅନଭିଜ୍ଞ ତାଲିମଦାତାଙ୍କୁ ନେଇ ୟୁଟ୍ୟୁବ ଜରିଆରେ ଆତ୍ମରକ୍ଷା କୌଶଳ ତାଲିମ ଦର୍ଶାଇ ଛାତ୍ରୀଙ୍କ ଫଟୋ ଉଠାଇ ମଞ୍ଜୁର ଅର୍ଥ ହଡପ କରି ନେଇଥିବା ଚର୍ଚ୍ଚା ହେଉଛି। ଫଳରେ କୌଣସି ଜଣେ ବି ଛାତ୍ରୀ ଏହି କ୍ଲବ ଜରିଆରେ ଆତ୍ମରକ୍ଷା କୌଶଳରେ ସମ୍ପୂର୍ଣ୍ଣ ଅଭିଜ୍ଞତା ପାଇ ନ ଥିବା ଛାତ୍ରୀମହଲରେ ମତପ୍ରକାଶ ପାଇଛି। ଏହାର ଏକ ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବାସ୍ତବତା ସାମ୍ନାକୁ ଆସିପାରିବ ବୋଲି ଦାବି ହେଉଛି।

ରାଜ୍ୟ ଯୁବନୀତି ଅନୁଯାୟୀ କଲେଜ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ପ୍ରଣିତ ହୋଇଛି। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏହି ତାଲିମ ଦେବାକୁ ୩୧୬ କଲେଜକୁ ଦିଆଯାଇଥିବା ପ୍ରାୟ ୧ କୋଟି ଟଙ୍କା ଖର୍ଚ୍ଚ ହୋଇ ନ ଥିବା ଜଣାପଡ଼ିଛି। ଏଥିପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଡେପୁଟି ସେକ୍ରେଟେରି ରମେଶ ଚନ୍ଦ୍ର ବେହେରା କଲେଜ ପ୍ରିନ୍ସିପାଲମାନଙ୍କୁ ଖର୍ଚ୍ଚ ହୋଇ ନ ଥିବା ସରକାରୀ ଅର୍ଥ ଫେରାଇ ଦେବାକୁ ୧୪।୮।୨୦୨୫ରେ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମରେ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନ ଯାଜପୁର ଜିଲା ଚଣ୍ଡିଖୋଲ ବାବା ଭୈରବାନନ୍ଦ ସ୍ୱୟଂଶାସିତ କଲେଜ, ଚିତାଲୋ ଡିଗ୍ରୀ କଲେଜ, କନିକାପଡା ସାଧୁଗୌଡେଶ୍ୱର ଡିଗ୍ରୀ କଲେଜ ଓ ରାମଚନ୍ଦ୍ରପୁର ଗୋପବନ୍ଧୁ ଚୌଧୁରୀ ଡିଗ୍ରୀ କଲେଜ, କଟକ ଜିଲା ନରସିଂହପୁର ଡିଗ୍ରୀ କଲେଜ, ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ କଲେଜ ଓ ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଡିଗ୍ରୀ କଲେଜ, ଜଗତସିଂହପୁର ଜିଲା କୁଜଙ୍ଗ ଡିଗ୍ରୀ କଲେଜ, କେନ୍ଦ୍ରାପଡା ଜିଲା କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜ ଓ ରାଜନଗର ଶ୍ରୀଜଗନ୍ନାଥ ଡିଗ୍ରୀ କଲେଜ, ମୟୂରଭଞ୍ଜ ଜିଲାର ରାଇରଙ୍ଗପୁର ମହିଳା ଡିଗ୍ରୀ କଲେଜ, ନବରଙ୍ଗପୁର ଜିଲାର ନବରଙ୍ଗପୁର ମହିଳା ଡିଗ୍ରୀ କଲେଜ ଓ ନବରଙ୍ଗପୁର ଡିଗ୍ରୀ କଲେଜ, ପୁରୀ ଜିଲାର ନିମାପଡ଼ା ଚାରିଛକ ନଗମାନନ୍ଦ ମହିଳା ଡିଗ୍ରୀ କଲେଜ ଏବଂ ରାୟଗଡା ଜିଲାର ରାୟଗଡା ମହିଳା ଡିଗ୍ରୀ କଲେଜ ୟୁସି ଦାଖଲ କରିପାରିନାହାନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଦିତ୍ୟ



@ ଆଶୁତୋଷ



@ ପିପୁ



@ ଶର୍ମିଷ୍ଠା



@ ଗୀତିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୟାଗଡ଼ ଭ୍ରୂଣହତ୍ୟାରେ ପ୍ରଥମ, ବାଲ୍ୟବିବାହରେ ଦ୍ୱିତୀୟ

■ ୩ୟ ସ୍ଥାନରୁ ୨ୟ ସ୍ଥାନରେ ପହଞ୍ଚିଲା ବାଲ୍ୟବିବାହ

■ ବଦଳୁନି ମାନସିକତା, ଝିଅ ବୋଝର ବାର୍ତ୍ତା

ନୟାଗଡ,୧୫।୩ (ଲୋକନାଥ ମିଶ୍ର)

କନ୍ୟା ଭ୍ରୂଣ ହତ୍ୟା ହେଉ ଅଥବା ବାଲ୍ୟ ବିବାହ ନୟାଗଡ଼ ଜିଲାରେ ଏହାକୁ ରୋକାଯାଇ ପାରୁନାହିଁ। ରାଜ୍ୟରେ ବାଲ୍ୟ ବିବାହରେ ନୟାଗଡ଼ ଜିଲାର ସ୍ଥାନ ୨ୟରେ ପହଞ୍ଚିଛି। ଭ୍ରୂଣହତ୍ୟାରେ ନୟାଗଡ଼ ପ୍ରଥମରେ ରହି ଆସିଛି। କନ୍ୟା ଭ୍ରୂଣ ହତ୍ୟା ଓ ବାଲ୍ୟ ବିବାହ ବନ୍ଦ ପାଇଁ ବେଟି ବଞ୍ଚାଅ ବେଟି ପଢ଼ାଅ କାର୍ଯ୍ୟକ୍ରମ ସରକାରୀସ୍ତରରେ ଚାଲିଥିଲେ ମଧ୍ୟ ଏହାର ପ୍ରଭାବ ଏଠାରେ ପଡୁନାହିଁ। ପୁଣି ସରକାରୀସ୍ତରରେ ବାଲ୍ୟ ବିବାହ ବନ୍ଦ କରାଯାଉଥିଲେ ମଧ୍ୟ ଏହାର ସୁଫଳ ମିଳୁନାହିଁ ବୋଲି କୁହାଯାଉଛି। ଏହାସତ୍ତ୍ୱେ ଭ୍ରୂଣ ହତ୍ୟା ଓ ବାଲ୍ୟ ବିବାହ ବଢୁଥିବାରୁ ବେଟି ବଞ୍ଚାଅ ବେଟି ପଢ଼ାଅ, ପିସି ଆଣ୍ଡ ପିଏନଡିଟି ଆକ୍ଟରେ ସଚେତନତାରେ ଯେଉଁ ଅର୍ଥ ଖର୍ଚ୍ଚ ହେଉଛି ସେ ଉପରେ ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷେ ଭ୍ରୂଣହତ୍ୟାର ପ୍ରମାଣ ମିଳିଲେ ତଦନ୍ତକୁ ତ୍ୱରିତ କରାଯାଉଛି। ତେବେ କିଛିଦିନ ପରେ ତଦନ୍ତ ଶୀତଳଭଣ୍ଡାରରେ ପଡି ଯାଉଛି। ଝିଅ ଯେ ବୋଝ ନୁହେଁ ଏଭଳି ବାର୍ତ୍ତା ଲୋକଙ୍କ ମାନସିକତାକୁ ବଦଳାଇ ପାରୁନାହିଁ। କେଉଁଠି ନା କେଉଁଠି ତ୍ରୁଟି କାରଣରୁ ଏହାକୁ ରୋକାଯାଇପାରୁନି ବୋଲି କୁହାଯାଉଛି। ହେଲେ ଏହାର କାରଣ ଖୋଜାଯାଉନି କି ଠିକ୍ ସମୀକ୍ଷା କରାଯାଉନାହିଁ। କେବଳ ଭାଷଣ ବାଜିରେ ଓ ସଭା ସମିତିରେ ୨ ସମସ୍ୟାର ସମାଧାନର ପନ୍ଥା ଅଟକୁଛି ବୋଲି ଅଭିଯୋଗ ହୋଇଆସୁଛି।

ବାଲ୍ୟ ବିବାହ କ୍ଷେତ୍ରରେ ନୟାଗଡ଼ ରାଜ୍ୟରେ ତୃତୀୟ ସ୍ଥାନରେ ପୂର୍ବରୁ ଥିଲା। ଏବେ ୨ୟ ସ୍ଥାନକୁ ଆସିଛି। ୨୦୨୬ ତଥ୍ୟ ଅନୁସାରେ ରାଜ୍ୟରେ ପ୍ରଥମସ୍ଥାନରେ ନବରଙ୍ଗପୁର ୩୯.୪ ପ୍ରତିଶତ ଥିବାବେଳେ ନୟାଗଡ଼ ୩୫.୭ ପ୍ରତିଶତରେ ୨ୟ ସ୍ଥାନରେ ରହିଛି। ତୃତୀୟ ସ୍ଥାନରେ କୋରାପୁଟ ୩୫.୫ %, ୪ର୍ଥ ରାୟଗଡା ଜିଲା ୩୩.୨%ରେ ଅଛି। ସେହିଭଳି ମାଲକାନଗିରି ୩୨.୪ %, ମୟୂରଭଞ୍ଜ ୩୧.୩ %, କେନ୍ଦୁଝର ୨୯ %, ଗଜପତି ୨୮.୧%, ବାଲେଶ୍ୱର ୨୬.୪ %, ବୌଦ୍ଧ ୨୫.୩ % , ଅନୁଗୋଳ ୨୫%, ଢେଙ୍କାନାଳ ୨୩.୭% ଅଛି। ସେହିଭଳି କନ୍ୟା ଭ୍ରୂଣ ହତ୍ୟାରେ ନୟାଗଡ଼ ଜିଲା ପ୍ରଥମ ସ୍ଥାନରେ ଅଛି। ସ୍ଥାନ ବଦଳୁ ନାହିଁ। ଏହି ଦୁଇ ପ୍ରସଙ୍ଗକୁ ନେଇ ଅନେକ କହୁଛନ୍ତି, ଅଯଥାରେ ନୟାଗଡ଼ ଜିଲାକୁ ବଦନାମ କରାଯାଉଛି। ଏ ନେଇ ବିଭିନ୍ନ ସଭାସମିତିରେ ମଧ୍ୟ ନୟାଗଡ଼ ବଦନାମ ହେଉଛି ବୋଲି କୁହାଯାଉଛି। ତେବେ ଜିଲାର ଅନେକ ବୁଦ୍ଧିଜୀବୀ ଏଭଳି ଟିପ୍ପଣୀକୁ ନାପସନ୍ଦ କରୁଛନ୍ତି। ବୁଦ୍ଧିଜୀବୀଙ୍କ ଯୁକ୍ତି ଅନୁସାରେ ନୟାଗଡ଼ ବଦନାମ ହେଉନି ବରଂ ଓଡ଼ିଶାକୁ ନୂଆ ଦିଶା ଦେଖାଉଛି। ୨୦୦୭ ଜୁଲାଇ ୧୪ରେ ନୟାଗଡ଼ର ଡୁବୁରି ପାହାଡ ପାଦ ଦେଶରେ ୬ଟି ଅପରିପକ୍ୱ ଶିଶୁଙ୍କ ମୃତଦେହ ମିଳିଥିଲା। ପରେ ନୟାଗଡ ଭ୍ରୂଣ ହତ୍ୟା କ୍ଷେତ୍ରରେ ଚର୍ଚ୍ଚାକୁ ଆସିଥିଲା। ଏହାର ଅର୍ଥ ନୁହେଁ କେବଳ ନୟାଗଡ଼ରେ ଭ୍ରୂଣହତ୍ୟା ହେଉଥିଲା, ଅନ୍ୟ ଜିଲାରେ ହେଉ ନ ଥିଲା। ଅଥଚ ଏହାକୁ କେହି ପ୍ରମୁଖ ଘଟଣା ଦର୍ଶାଇ ଆଗକୁ ଆଣୁ ନ ଥିଲେ। ଭ୍ରୂଣହତ୍ୟା ପରେ ପିସି ପିଏନଡିଟି ଆକ୍ଟ କଡାକଡି କରାଗଲା। ବାଲ୍ୟ ବିବାହକୁ ନୟାଗଡ଼ ଜିଲାରେ ରୋକାଯାଇପାରୁନି। ଏହା ଅର୍ଥ ନୁହେଁ ହାତ ଟେକି ଦେବା। ଦୁଇ ପ୍ରସଙ୍ଗ ଘଟଣାରେ ନିନ୍ଦା ହେଉଛି ଦର୍ଶାଇ ଚୁପ ରହିବା ଠିକ୍ ନୁହେଁ। ଯଦି ଚୁପ୍ ରହିବା ସରକାରୀ ଅନୁଦାନକୁ ଖର୍ଚ୍ଚ କରି ବଦନାମର ବୋଝ କହି ଖସି ଯିବାକୁ ଯେଉଁମାନେ ଚେଷ୍ଟା କରୁଛନ୍ତି ସେମାନେ କ୍ଷମା ପାଇବେ ନାହିଁ। ଏ ନେଇ ସାମାଜିକ କର୍ମୀ ଉଷା ପଟ୍ଟନାୟକ କହିଛନ୍ତି, ଲୋକଙ୍କର ମାନସିକତାକୁ ବଦଳାଇବାକୁ ପଡିବ। ଭ୍ରୂଣହତ୍ୟା ଓ ବାଲ୍ୟ ବିବାହ କ୍ଷେତ୍ରରେ ମିଳିମିଶି ସଚେତନତା କରିବା ଦରକାର। ଉଭୟ କ୍ଷେତ୍ରରେ ଯେଉଁ ସଚେତନତା କରାଯାଉଛି ତା'ର ପ୍ରଚାର ଓ ପ୍ରସାର କରିବା ଦରକାର। ଗଣମାଧ୍ୟମକୁ ଅଣଦେଖା ନ କରି ଉଭୟ କାର୍ଯ୍ୟକ୍ରମରେ ସାମିଲ କରାଇଲେ ସ୍ଥିତି ବଦଳିପାରେ ବୋଲି ଅନୁଭବ ହେଉଛି। ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ କହିଛନ୍ତି, ଝିଅ ବୋଝ ବୋଲି ବାର୍ତ୍ତା ରହି ଆସିଛି। ଲୋକଙ୍କର ମାନସିକତାକୁ ବଦଳାଇବା ପାଇଁ ସରକାରଙ୍କ ପଦକ୍ଷେପ ନାହିଁ କହିଲେ ଚଳେ। ସରକାରୀସ୍ତରରେ ଯାହା କିଛି ହେଉଛି ସବୁ କିଛି ଠିକ୍‌ଠାକ୍ ଚାଲିଛି ଦର୍ଶାଇ କାଗଜକଲମରେ କାମ ଶେଷ କରି ଦିଆଯାଉଛି। ଗ୍ରାଉଣ୍ଡ ଜିରୋ ରିପୋର୍ଟ ଭିନ୍ନ ଥିବାବେଳେ ତାହାକୁ ଅଣଦେଖା କରାଯାଉଥିବାରୁ ଭ୍ରୂଣ ହତ୍ୟା ଓ ବାଲ୍ୟ ବିବାହ ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ ସିଡିଏମ୍‌ଓ ଡା. ପୁଷ୍ପା ନୀଳିମା ଲାକ୍ରାଙ୍କୁ ପଚାରିବାରେ ପୁତ୍ର ମୋହ ଯୋଗୁ କନ୍ୟା ସନ୍ତାନ ନଷ୍ଟ ଚାଲିଛି। ଜିଲାରେ ଏହାକୁ ବନ୍ଦ କରାଯାଉଥିବାବେଳେ ଅନ୍ୟ ଜିଲାରେ ଲିଙ୍ଗ ଚୟନ କରି କନ୍ୟା ଭ୍ରୂଣ ନଷ୍ଟ କରାଯାଉଛି। କନ୍ୟା ସନ୍ତାନ ବୃଦ୍ଧି ପାଇଁ ସ୍ୱାସ୍ଥ୍ୟ ବିଭାଗ ଅଣଦେଖା ନ କରି ସରକାରୀ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଲାଗି ପଡିଛି। ତେବେ ସୁଫଳ ମିଳୁନାହିଁ। ତଥାପି ଏ ଦିଗରେ ଲୋକଙ୍କର ମାନସିକତା ବଦଳାଇବାକୁ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।

## ଗଛରେ ପିଟିହେଲା କାର୍: ମା', ପୁଅ ମୃତ



ଦୁର୍ଘଟଣାଗ୍ରସ୍ତ କାର।

ବୁଗୁଡ଼ା,୧୫।୩(କାଳିଚରଣ ଦାଶ)

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅନ୍ତର୍ଗତ ତାକରଡ଼ା ଗ୍ରାମ ନିକଟରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ମା' ଓ ପୁଅଙ୍କ ମୃତ୍ୟୁ ଘଟିଛି। ବାପା ଓ ଝିଅ ଆହତ ହୋଇଛନ୍ତି। ମୃତକ ହେଲେ ନୟାଗଡ ଜିଲା ଓଡ଼ଗାଁ ଛାମୁସାହିର କୁନମୁନ ଚୌଧୁରୀ (୩୪) ଓ ତାଙ୍କ ପୁଅ ଦେବାଶିଷ ଚୌଧୁରୀ(୯)। ଏ ନେଇ ବୁଗୁଡ଼ା ଥାନାରେ ନଂ. ୧୧୮/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି।

ଖବରରୁ ଜଣାପଡିଛି, ଓଡଗାଁର ସିମେଣ୍ଟ ବ୍ୟବସାୟୀ ଦେବ ପ୍ରସାଦ ଚୌଧୁରୀ, ସ୍ତ୍ରୀ କୁନମୁନ, ପୁଅ ଦେବାଶିଷ ଓ ଦେଢବର୍ଷର ଝିଅ ଦିବ୍ୟାଂଶୀଙ୍କୁ ସାଙ୍ଗରେ ଧରି ରବିବାର କୌଣସି କାର୍ଯ୍ୟରେ ବ୍ରହ୍ମପୁର ଯାଇ ସେଠାରୁ କାର୍‌ରେ ଫେରୁଥିଲେ। ରବିବାର ଅପରାହ୍ନ ଗୋଟାଏରେ ତାକରଡ଼ା ଗ୍ରାମ ପୂର୍ବରୁ ରାସ୍ତାକଡ଼ର ଡାହାଣ ପାର୍ଶ୍ୱରେ ଥିବା ଏକ ଗଛକୁ କାର୍ ଧକ୍କା ଦେଇ ବିଲ ଭିତରକୁ ପଶି ଯାଇଥିଲା। ଫଳରେ ଘଟଣା ସ୍ଥଳରେ ସ୍ତ୍ରୀ କୁନମୁନଙ୍କ ମୃତ୍ୟୁ ଘଟିଥିଲା। ପୁଅ ଦେବାଶିଷ ଗୁରୁତର ଆହତ ହୋଇଥିଲେ। କାର ଚାଳକ ଦେବ ପ୍ରସାଦ ଓ ଝିଅ ଦିବ୍ୟାଂଶୀ ସାମାନ୍ୟ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର କୁନମୁନଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଦେବାଶିଷଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ତେବେ ବାଟରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡିବାରୁ ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଦେବାଶିଷଙ୍କୁ ମୃତ ଘୋଷଣା କରିଥିଲେ। ଚାଳକଙ୍କ ଆଖି ଲାଗିଯିବା ଫଳରେ କାର୍‌ଟି ଗଛରେ ପିଟି ହୋଇ ଦୁର୍ଘଟଣା ଘଟିଥିବା କୁହାଯାଉଛି। ଘଟଣା ସ୍ଥଳରେ ବୁଗୁଡା ପୋଲିସ୍ ପହଞ୍ଚି କାର୍ ଜବତ କରିଛି। ଏଏସ୍‌ଆଇ ସୁମନ୍ତ ବେହେରା ଏହାର ତଦନ୍ତ କରୁଛନ୍ତି।

## ନିରାପଦ ଉତ୍ପାଦ, ଆଶ୍ୱସ୍ତ ଗ୍ରାହକ ଶୀର୍ଷକ ଆଲୋଚନାଚକ୍ର




ବିଶ୍ୱ ଉପଭୋକ୍ତା ଅଧିକାର ଦିବସରେ ମଞ୍ଚାସୀନ ଅତିଥି।

ନୟାଗଡ଼,୧୫।୩ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ରବିବାର ବିଶ୍ୱ ଉପଭୋକ୍ତା ଅଧିକାର ଦିବସରେ ନିରାପଦ ଉତ୍ପାଦ, ଆଶ୍ୱସ୍ତ ଗ୍ରାହକ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବୈଧ ମାପ ବିଜ୍ଞାନ ବିଭାଗ ପକ୍ଷର ସ୍ୱେଚ୍ଛାସେବୀ ସଙ୍ଗଠନ ଜଷ୍ଟିସ ସହାୟତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଜିଲାପାଳ ମଧୁମିତା ରଥ ଅଧ୍ୟକ୍ଷତା କରି ଗ୍ରାହକଙ୍କ ଆଶ୍ୱସ୍ତି ନିମନ୍ତେ ଆଇନ୍ କିଭଳି ସଦା ଚଳଚଞ୍ଚଳ ସେ ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିବାବେଳେ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଆଇନଜୀବୀ ନାରାୟଣ ମହାପାତ୍ର ଅଂଶଗ୍ରହଣ କରିଥିଲେ। ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିରାପଦ ଉତ୍ପାଦ ଉପରେ ଖାଉଟିର ସୁରକ୍ଷା କିପରି ନିର୍ଭରଶୀଳ ସେ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଜିଲା ଯୋଗାଣ ଅଧିକାରୀ ସି. ଏଚ. ମୁରଲୀ କ୍ରିଷ୍ଣା ରାଓ, ବୈଧ ମାପ ବିଜ୍ଞାନ ଉପ ନିୟନ୍ତ୍ରକ ମୋନାଲିସା ରାୟ, ସହକାରୀ ଶ୍ରମ ଅଧିକାରୀ ଜ୍ଞାନ ରଞ୍ଜନ ସାହୁ ଯୋଗଦେଇଥିଲେ। ପ୍ରାରମ୍ଭରୁ ବରିଷ୍ଠ ଆଇନଜୀବୀ ଚନ୍ଦ୍ର ବିଜୟୀ ମିଶ୍ର ଆଇନ ସଚେତନତା ସମ୍ପର୍କିତ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସଞ୍ଚାଳନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଖାଉଟି କିପରି ସୁରକ୍ଷିତ ଭାବେ ଶାନ୍ତିରେ ଜୀବନ ଅତିବାହିତ କରିପାରିବେ ସେ ସମ୍ପର୍କରେ ଅତିଥି ଓ ବକ୍ତାମାନେ ନିଜର ମତ ଉପସ୍ଥାପନ କରିଥିଲେ। ଖାଉଟି ସୁରକ୍ଷା ଆଇନର ବିବିଧ ପ୍ରାବଧାନମାନ କିପରି ଶୋଷଣ ମୁକ୍ତ ସମାଜ ଗଠନ ପାଇଁ ଉଦ୍ଦିଷ୍ଟ ସେ ସମ୍ପର୍କରେ ମଧ୍ୟ ଆଲୋଚକମାନେ ସମସ୍ତଙ୍କୁ ଅବଗତ କରାଇଥିଲେ। ଆଲୋଚନା ଚକ୍ରରେ ୟୁନିଟେକ୍ ଆବାସିକ ମହାବିଦ୍ୟାଳୟ, ଡିଭାଇନ ଏଜୁକେସନ୍ ସେଣ୍ଟରର ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ଜିଲା ଖାଉଟି ବିବାଦ ପ୍ରତିକାର କମିଶନଙ୍କ କାର୍ଯ୍ୟାଳୟର କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ। ଜଷ୍ଟିସ ସଙ୍ଗଠନର ସମ୍ପାଦକ ଶୁନ୍ୟଜୟୀ ମିଶ୍ର କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବାବେଳେ କବି ରାମକୃଷ୍ଣ ରଥ ଧନ୍ୟବାଦ ଦେଇଥିଲେ।

## ଶରଧାପୁର ଚାରଣ ଶାଖାର ବାର୍ଷିକୋତ୍ସବ

ନୟାଗଡ଼,୧୫।୩ (ଲୋକନାଥ ମିଶ୍ର)

ଓଡ଼ଗାଁ ବ୍ଲକ ଶରଧାପୁର ଚାରଣ ଶାଖାର ରବିବାର ୨୩ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାରଣ ସ୍ୱାଗତ, ନଗର କୀର୍ତ୍ତନ, ଭାଗବତ ସଭା, ସାଙ୍ଗଠନିକ ଆଲୋଚନା ଓ ଚାରଣ କର୍ମୀ ସମ୍ମିଳନୀ, ବିଷ୍ଣୁ ଗାୟତ୍ରୀ ଯଜ୍ଞ ହେବା ସହିତ ଅପରାହ୍ନରେ ପୂର୍ଣ୍ଣାହୁତି ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ସୁରେଶ ଚନ୍ଦ୍ର ବରାଡ, ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲା ସଙ୍ଗଠକ ଶୁକଦେବ ମହାରଣା ଓ ରାମକୃଷ୍ଣ ସାହୁ, ସମ୍ପାଦକ ପ୍ରମୋଦ କୁମାର ପାଳ, ସତ୍ୟନାରାୟଣ କର ଓ ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ଶିବରାମ ସାହୁ, ଶେଷଦେବ ସାହୁ, ଦିଲୀପ କୁମାର ମାର୍ଥା, ଗିରିଧାରୀ ସାହୁ, ଅର୍ଜ୍ଜୁନ ବିଶ୍ୱାଳ ପ୍ରମୁଖ ଯୋଗଦାନ କରି ଜଗନ୍ନାଥ ଧର୍ମର ସାରତତ୍ତ୍ୱ ଉପରେ ଆଲୋଚନା କରିଥିଲେ। ମଞ୍ଚ ପରିଚାଳନା ଚାରଣ ଗୋବର୍ଦ୍ଧନ ସାହୁ କରିଥିବାବେଳେ ବେଣୁଧର ସାହୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ୧୭ରେ ନୀଳମାଧବଙ୍କ ଚନ୍ଦନଯାତ୍ରା ପ୍ରସ୍ତୁତି ବୈଠକ

ଖଣ୍ଡପଡ଼ା, ୧୫। ୩
(ଅଜୟ କୁମାର ମହାରଣା)

କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ପବିତ୍ର ଚନ୍ଦନ ଯାତ୍ରା ଏପ୍ରିଲ ୨୦ ଅକ୍ଷୟ ତୃତୀୟାଠାରୁ ୨୧ ଦିନ ବ୍ୟାପୀ ପାରମ୍ପାରିକ ରୀତିରେ ପ୍ରତିବର୍ଷ ପରି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରଥାକୁ ସୁପରିଚାଳନା ପାଇଁ ଖଣ୍ଡପଡ଼ା ଦେବୋତ୍ତର ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ପାରମ୍ପାରିକ କାର୍ଯ୍ୟକ୍ରମରେ ସେବା ନିମନ୍ତେ ଛତିଶ ନିଯୋଗଙ୍କ ସହଯୋଗର ଆବଶ୍ୟକତା ରହିଛି। ଜଣେ ନିଯୋଗ ବ୍ୟତିରେକ ଏହି ପରମ୍ପରା ସମ୍ପନ୍ନ ହେବା ଅସମ୍ଭବ। ତେଣୁ ଚାପକୁ ବିଜେ ପାଇଁ ମଣି ବିମାନ କାନ୍ଧରେ ନେବା ଆପଟ ଭାଇମାନେ, ଛତି ତ୍ରାସ ଧରିବା ପାଇଁ ସେବାକାରୀ, ଘଣ୍ଟୁଆ, କାହାଳିଆ, ମଶାଲ ସେବାକାରୀ, ଚାପ ଡଙ୍ଗା ବାହକ ନାଉରୀ, ଶ୍ରୀଜୀଉଙ୍କ ପାଳିଆ ସେବାୟତ ଓ ସଂକୀର୍ତ୍ତନ ଦଳ ଆଦି ଶୋଭାଯାତ୍ରା ଆବଶ୍ୟକତା ଦୃଷ୍ଟିରୁ ସମସ୍ତଙ୍କ ସହଯୋଗ ପାଇଁ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ଆସନ୍ତା ମଙ୍ଗଳବାର କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଏକ ପ୍ରସ୍ତୁତି ବୈଠକ ଆହ୍ୱାନ କରି ଠାକୁରଙ୍କ ସମସ୍ତ ନୀତି ଶୃଙ୍ଖଳିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାଇଛନ୍ତି।

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

metroselfie@gmail.com



@ ଆଦିତ୍ୟ



@ ଆଶୁତୋଷ



@ ପିପୁ



@ ଶର୍ମିଷ୍ଠା



@ ଗୀତିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗାଡ଼ଭାଲୁ ଆକ୍ରମଣରେ ବୃଦ୍ଧ ଆହତ

ନୟାଗଡ଼,୧୫।୩ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଗୋଡ଼ିପଡା ନିକଟସ୍ଥ ରଣପୁର ବ୍ଲକ ରଙ୍କଦେଉଳି ପଞ୍ଚାୟତ ବାଦଭୂଇଁ ମୁଣ୍ଡିଆ ତଳ ରାସ୍ତାରେ ସାଇକେଲ ଯୋଗେ ଯାଉଥିବାବେଳେ ଜଣେ ବୃଦ୍ଧ ଗାଡଭାଲୁ ଆକ୍ରମଣରେ ରବିବାର ଆହତ ହୋଇଛନ୍ତି। ଆହତ ବୃଦ୍ଧ ବାଦଭୂଇଁର ଗୋବିନ୍ଦ ବେହେରା (୭୫)ଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୋବିନ୍ଦ ସାଇକେଲ ଯୋଗେ ନିଜ ଗାଁର ମୁଣ୍ଡିଆ ତଳ ରାସ୍ତାରେ ସକାଳେ ଯାଉଥିବାବେଳେ ଏକ ଗାଡଭାଲୁ ସାଇକେଲ ଉପରକୁ ଡେଇଁ ପଡି ଆକ୍ରମଣ କରିଥିଲା। ଏଭଳିସ୍ଥଳେ ସାଇକେଲଟି ତଳେ ପଡି ଯାଇଥିବାବେଳେ ଗୋବିନ୍ଦ ନିଜ ଜୀବନ ବଞ୍ଚାଇବା ପାଇଁ ଭାଲୁ ସହ ମୁହାଁମୁହିଁ ହୋଇ ସଂଘର୍ଷ କରିଥିଲେ। ଅନ୍ୟପକ୍ଷେ ଭାଲୁ ଭାଲୁ ବୋଲି ଚିତ୍କାର କରିଥିଲେ। ଗୋବିନ୍ଦଙ୍କ ପାଟି ଶୁଣି ଆଖପାଖ ଅଞ୍ଚଳରୁ କେତେଜଣ ଲୋକ ଆସିଥିବାବେଳେ ଭୟରେ ଭାଲୁ ପଳାଇ ଯାଇଥିଲା। ତେବେ ଭାଲୁ ଗୋବିନ୍ଦଙ୍କ ହାତକୁ କାମୁଡି ଦେଇଛି।

## ୧୧ ବର୍ଷ ବିତିଲା, ଶେଷ ହେଲାନି ମନ୍ଦିର କାର୍ଯ୍ୟାଳୟ ନିର୍ମାଣ

### ଦେବୋତ୍ତର ବିଭାଗ ସୁଧ ଅର୍ଥରେ କାର୍ଯ୍ୟ ନିଷ୍ପତ୍ତି କାର୍ଯ୍ୟକାରୀ ହେଉନି

ଖଣ୍ଡପଡା,୧୫।୩
(ଅଜୟ କୁମାର ମହାରଣା)

ଦୀର୍ଘ ୧୧ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ହେଁ ନୀଳମାଧବ ଜୀଉ ମନ୍ଦିର କାର୍ଯ୍ୟାଳୟ କାର୍ଯ୍ୟ ନିର୍ମାଣ କାର୍ଯ୍ୟ ଶେଷ କରିବାରେ ଇନଟାକ ସଂସ୍ଥା ବିଫଳ ହୋଇଥିଲା। ଉକ୍ତ ସଂସ୍ଥାର କାର୍ଯ୍ୟର କାର୍ଯ୍ୟାଦେଶ ରଦ୍ଦ କରାଯାଇ ଦେବୋତ୍ତର ବିଭାଗ ଇନଟ୍ରେଷ୍ଟ ମନିରେ କାର୍ଯ୍ୟ ସମ୍ପନ୍ନ ହେବ ବୋଲି ପ୍ରଶାସନ ସ୍ତରରେ ନିଷ୍ପତ୍ତି ହୋଇଥିଲା। ମାତ୍ର ନିଷ୍ପତ୍ତି ଗ୍ରହଣର ୬ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ପ୍ରସ୍ତାବ ଫାଇଲ ମଧ୍ୟରେ ଲୁଚି ଯାଇଥିବା ସାଧାରଣରେ ଆଲୋଚନା ହେଉଛି।

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ନୀଳମାଧବ ଜୀଉ ମନ୍ଦିର ଦେବୋତ୍ତର କାର୍ଯ୍ୟାଳୟ ପାଇଁ ପ୍ରାୟ ୪୨ ଲକ୍ଷ ୬୭ ହଜାର ଟଙ୍କା ଅର୍ଥ ମଞ୍ଜୁର ହୋଇଥିଲା। ଏହି କାର୍ଯ୍ୟର ଭିତ୍ତିପ୍ରସ୍ତର ଉତ୍ସବ ୨୦୧୫ ଜାନୁଆରୀ ୧୪ ରେ ତତ୍କାଳୀନ ରାଜ୍ୟ ପଞ୍ଚାୟତିରାଜ ଓ ଆଇନମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି, ଅନ୍ୟତମ ଅତିଥି ତତ୍କାଳୀନ ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ତେବେ କାର୍ଯ୍ୟଟି ଧୀର ମନ୍ଥର ଗତିରେ ଆରମ୍ଭ ହୋଇ ଦୀର୍ଘ ୧୧ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ଏପର୍ଯ୍ୟନ୍ତ ଶେଷ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ସମୁଦାୟ ୩୫ ଲକ୍ଷ ୫୦ ହଜାର ଟଙ୍କା ପେମେଣ୍ଟ କରାଯାଇଥିବା ବେଳେ ମଧ୍ୟ ଅଦ୍ୟାବଧି ସମ୍ପୃକ୍ତ କାର୍ଯ୍ୟ ସମ୍ପନ୍ନ ହୋଇପାରିଲା ନାହିଁ। ସୂଚନା ଯୋଗ୍ୟ, ଉକ୍ତ କାର୍ଯ୍ୟାଳୟ ନିର୍ମାଣ ପାଇଁ ଭୁବନେଶ୍ୱରସ୍ଥିତ ଏକ ବେସରକାରୀ ସଂସ୍ଥା ଇନଟାକ୍‌କୁ କାର୍ଯ୍ୟ ସମ୍ପାଦିତ କରିବାକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟ ୨୦୧୮ ଦୁର୍ଗାପୂଜା ପୂର୍ବରୁ ହସ୍ତାନ୍ତର କରିବାକୁ ସମ୍ପୃକ୍ତ ସଂସ୍ଥା ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପ୍ରତିଶ୍ରୁତି ମତେ କାର୍ଯ୍ୟ ଆଉ ଆଗେଇ ପାରିନି। ତେବେ ବହୁ ଅଭିଯୋଗ ପରେ ତତ୍କାଳୀନ ନୟାଗଡ଼ ଜିଲାପାଳ ଡ. ପୋମା ଟୁଡୁ ୨୦୨୦ ଅକ୍ଟୋବର ୨୦ରେ କଣ୍ଟିଲୋ ନୀଳମାଧବ ମନ୍ଦିର ପରିଦର୍ଶନ ସମୟରେ ସମ୍ପୃକ୍ତ କାର୍ଯ୍ୟାଳୟର ଅଧପନ୍ତରିଆ କାର୍ଯ୍ୟ ଦେଖି ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ କାର୍ଯ୍ୟ ନିର୍ବାହୀଙ୍କ କାର୍ଯ୍ୟାଦେଶ ରଦ୍ଦ କରାଯାଇ ଖଣ୍ଡପଡ଼ା ଦେବୋତର ବିଭାଗ ଇନଟ୍ରେଷ୍ଟ ମନିରେ କାମକୁ ଶେଷ କରାଯିବ ବୋଲି ସୂଚନା ଦେଇଥିବା ବେଳେ ଏହି କାର୍ଯ୍ୟର ଅଟକଳ ମଧ୍ୟ ପ୍ରସ୍ତୁତ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ସମ୍ପୃକ୍ତ କାର୍ଯ୍ୟ ଅଧାରେ ହିଁ ଅଟକି ଯାଇଥିଲା। ତତ୍କାଳୀନ ଜିଲାପାଳ ବଦଳି ପରେ ପରବର୍ତ୍ତୀ ଜିଲାପାଳ ରବୀନ୍ଦ୍ରନାଥ ସାହୁ ଉକ୍ତ କାର୍ଯ୍ୟକୁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ସମ୍ପନ୍ନ କରିବାର ନିଷ୍ପତ୍ତି ନିଆଯାଇ ଅସମ୍ପୂର୍ଣ୍ଣ ଗୃହର ଦାୟିତ୍ୱ ଓଟିଡିସିକୁ ଦିଆଯାଇଥିଲା। ମାତ୍ର ନୀଳମାଧବ ମନ୍ଦିର କାର୍ଯ୍ୟାଳୟଟି ସେପରି ଅଧପନ୍ତରିଆ ଭାବେ ପଡି ରହିଛି। ତେବେ ଜିଲା ପ୍ରଶାସନ ଓ ଦେବୋତର ବିଭାଗ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



ନୀଳମାଧବ ଜୀଉ ମନ୍ଦିର କାର୍ଯ୍ୟାଳୟ କାମ ଅଧାପନ୍ତରିଆ ଭାବେ ପଡ଼ି ରହିଛି।

## ଉପର ମଣିନାଗ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି



ମନ୍ଦିରରେ ପୂଜା ପାଉଥିବା ମଣିନାଗଙ୍କ ବିଗ୍ରହ।

ରଣପୁର, ୧୫।୩
(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ରଣପୁର ମଣିନାଗ ପାହାଡ଼ ଶିଖରରେ ଅବସ୍ଥିତ ମା' ଉପର ମଣିନାଗ ପୀଠରେ ଏକବିଂଶତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାରଠାରୁ ଆରମ୍ଭ ହୋଇ ରବିବାର ପବିତ୍ର ମୀନ ସଂକ୍ରାନ୍ତି ଅବସରରେ ପୂର୍ଣ୍ଣାହୁତି ହୋଇଛି। ଏହି ଚାରିଦିନିଆ ଧାର୍ମିକ ଆୟୋଜନରେ ପ୍ରତିଦିନ ସୂର୍ଯ୍ୟ ପୂଜା, ପୀଠ ପୂଜା, ଉପଚାର ପୂଜା ଓ ମହାଶକ୍ତି ପୂଜା ସହ ବିଭିନ୍ନ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ଯଜ୍ଞ ବେଦୀରେ ବେଦମନ୍ତ୍ର ଧ୍ୱନିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଉପର ମଣିନାଗ ଯଜ୍ଞ କମିଟି, ମଣିନାଗ ସେନା ଓ ସ୍ଥାନୀୟ ଜନସାଧାରଣଙ୍କ ସକ୍ରିୟ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ଶାନ୍ତି ଓ ଶୃଙ୍ଖଳାର ସହ ସମ୍ପାଦିତ ହୋଇଥିଲା। ଯଜ୍ଞ ଅବସରରେ ନୟାଗଡ଼ ସହ ଦୂରଦୂରାନ୍ତରୁ ଭକ୍ତ, ଭକ୍ତା, ପରିବ୍ରାଜକ ଓ ମାନସିକଧାରୀମାନେ ଯୋଗଦେଇ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ। ପାହାଡ଼ ଶିଖରରେ ଅବସ୍ଥିତ ଏହି ପୀଠରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞ ଅଞ୍ଚଳରେ ଭକ୍ତି ଓ ଆସ୍ଥାର ପରିବେଶ ସୃଷ୍ଟି କରିଥିବା ବେଳେ ଭକ୍ତମାନଙ୍କ ମନରେ ନୂତନ ଆଧ୍ୟାତ୍ମିକ ଉତ୍ସାହ ଜାଗ୍ରତ କରିଥିବା ଦେଖାଯାଇଛି।

